# ଭଗବାନ ମହାବୀର

ଲେଖକ :
**ଜଗଦୀଶ ଚନ୍ଦ୍ର ଜୈନ**

ଅନୁବାଦ :
**ଶୈଳକ ରବି**

# ପ୍ରସ୍ତାବନା

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ତଥା ତାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ କିଛି କାଳ କେବଳ ଭାରତ କାହିଁକି, ସମଗ୍ର ଏସିଆର ଇତିହାସରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବୌଧିକ ଏବଂ ଅଧ୍ୟାତ୍ମିକ କ୍ଷେତ୍ରରେ ଦେଖାଦେଇଥିଲା ଏକ ଅଭୁଦପୂର୍ବ ସମୁଦ୍ରମନ୍ଥନ । ବୌଦ୍ଧିକ ତଥା ମାନସିକ ପ୍ରତିବନ୍ଧକ ମାନଙ୍କଠାରୁ ମୁକ୍ତି ପାଇବାର କୌଣସି ଉପାୟ ଦେଖାଯାଉନଥିଲା । ଅନ୍ଧବିଶ୍ୱାସ, ପରାଙ୍ଗପୁଷ୍ଟତା, ଅକର୍ମନ୍ୟତା, ସ୍ୱାର୍ଥପରତା ଇତ୍ୟାଦି ପ୍ରବୃତ୍ତିନିଚୟ ଚତୁର୍ଦ୍ଦିଗରେ ଏକାଧିପତ୍ୟ ବିସ୍ତାର କରିଥିଲେ । ଏହିପରି ଦୁର୍ଦ୍ଦିନରେ ଆବିର୍ଭାବ ହେଲେ ଇଉରୋପରେ ସକ୍ରେଟିସ୍, ପାରସ୍ୟରେ ଜରଥୁଷ୍ଟ୍ରା, ଚୀନର କନ୍‌ଫୁସିୟସ୍ ଏବଂ ପାଲେସ୍ତାଇନ୍‌ରେ ୟୁହୁଦୀ ବିଚାରକରଣ । ଭାରତରେ ଜନ୍ମଗ୍ରହଣ କଲେ ମହାବୀର ଏବଂ ବୁଧ୍‌ଙ୍କ ପରି ମହାନ୍ ବ୍ୟକ୍ତିତ୍ୱ । ଉତ୍ତର ବିହାର ମହାବୀରଙ୍କୁ ଜନ୍ମ ଦେଇ ପବିତ୍ର ହୋଇଥିଲା ।

ଲୋକେ କର୍ତ୍ତବ୍ୟବିମୁଖ, ପୁରୁଷାର୍ଥବିହୀନ ଓ ସ୍ୱାର୍ଥସର୍ବସ୍ୱ ହୋଇ ପଡୁଥିଲେ । ସେମାନଙ୍କ ହିତାହିତଜ୍ଞାନ ଲୋପାପାଇ ଯାଉଥିଲା । ଅନ୍ଧବିଶ୍ୱାସର ଥିଲା ଅଖଣ୍ଡ ସାମ୍ରାଜ୍ୟ । ପରସ୍ପର ଭିତରେ କଳହ, ଈର୍ଷା ଏବଂ ବିଦ୍ୱେଷ ବୃଧି ପାଇବାରେ ଲାଗିଥିଲା । ସାମଜର ତଳ ପାହାଚରେ ଥିବା ଲୋକେ ଅଧିକରୁ ଅଧିକ ଉପେକ୍ଷିତ ହେଉଥିଲେ । ଉଚ୍ଚ ନୀତ ଭେଦଭାବ ସୁଦୃଢ଼ ହେଉଥିଲା । ଧନ ଏବଂ କ୍ଷମତା ହିଁ ଜୀବନର ମୁଖ୍ୟ ଧେୟ ହୋଇଥିଲା ।

ମହାବୀରଙ୍କ ହୃଦୟରେ ଜାଗ୍ରତ ହେଲା ଜନ-କଲ୍ୟାଣର ଭାବନା । ତେବେ ସମାଜ ପାଇଁ କିଛି କରିବା ପୂର୍ବରୁ ପ୍ରଥମେ ସେଥିପାଇଁ ଯୋଗ୍ୟତା ହାସଲ କରିବା ଉଚିତ୍ ହେବ ନାହିଁ କି ? ଅନ୍ୟର ଉପକାର କରିବା ପୂର୍ବରୁ ପ୍ରଥମେ ନିଜର ପ୍ରବୃତ୍ତିମାନଙ୍କ ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ ନୁହେଁ କି ? ପୃଥିବୀରେ ମୁଖ ଏବଂ ଭୋଗ ବିଳାସର ସାମଗ୍ରୀ ସିମୀତ । ଏଣୁ ଯେ ପର୍ଯ୍ୟନ୍ତ ଆମେ ଆମର ସୁଖ ସମ୍ଭୋଗର ସାମଗ୍ରୀକୁ ଅନ୍ୟମାନଙ୍କ ସହି ଉପଭୋଗ ନକରିଛୁ, ଯେ ପର୍ଯ୍ୟନ୍ତ ଅନ୍ୟକୁ ତାର ନ୍ୟାଯ୍ୟ ଅଧିକାରରୁ ନିବୃତ୍ତି ନହୋଇଛୁ, ସେ ପର୍ଯ୍ୟନ୍ତ ଅନ୍ୟମାନେ କିପିରି ସୁଖୀ ହୋଇ ପାରିବେ ? ଯଦି ଆମେ ଏହା ନକରୁ ତେବେ ଅନ୍ୟକୁ କଷ୍ଟ ଦେବା ଅବଶ୍ୟମ୍ଭାବୀ ଏବଂ ଅନ୍ୟକୁ ଏପରି କଷ୍ଟ ଦେବା ହିଂସା ଅଟେ ।

ଦୃଢ଼ତାର ସହିତ ମହାବୀର ନିଜର କର୍ତ୍ତବ୍ୟ ସମ୍ପାଦାନ କରିବାରେ ଲାଗିଲେ । ପ୍ରଥମେ ସେ ସ୍ୱାବଲମ୍ବୀ ହେବାର ଅର୍ଥାତ୍ ପୁରୁଷାର୍ଥୀ ହେବାର ଶିକ୍ଷା ଦେଲେ । ଭଲ ଅଥବା ଖରାପ କାମର ଫଳ ନିଶ୍ଚୟ ପୁରୁଷାର୍ଥୀ ହେବାର ଶିକ୍ଷା ଦେଲେ । ଭଲ ଅଥବା ଖରାପ କାମର ଫଳ ନିଶ୍ଚୟ ଭୋଗ କରିବାକୁ ପଡ଼ିବ - ସେଥିରୁ ମୁକ୍ତି ଅସମ୍ଭବ । ମନୁଷ୍ୟ ସ୍ୱୟଂ ନିଜର ଭାଗ୍ୟବିଧାତା - ସେ ଯାହା ଚାହିଁବ ତାହା ହୋଇପାରିବ । ଯାହା ଚାହିଁବ ତାହା କରିପାରିବ । ତେଣୁ ନିଜର ଆତ୍ମବିଶ୍ୱାସ

ହରାଇ ସେ କାହିଁକି ଅନ୍ୟ ଉପରେ ନିର୍ଭର କରିବ ?

ଯଦି ଆପଣ କର୍ମର ଫଳ ଭୋଗିବା ଅନିବାର୍ଯ୍ୟ ତେବେ ଅନ୍ୟକୁ ଦୁଃଖ ଦେବା ଭଳି କର୍ମ ଆମେ କଦାପି କରିବା ଉଚିତ୍ ନୁହେଁ । ମନୁଷ୍ୟ ଆପଣା ବିଚାର ଓ କର୍ମରେ ସେତିକିବେଳ ଯାଏ ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରିପାରେ ଯେତେବେଳଯାଏ ସେ ଅନ୍ୟର ଧନ-ସମ୍ପତ୍ତି ଉପରେ ଲୋଲୁପ ଦୃଷ୍ଟି ପକାଇ ନଥାଏ ଓ ଅନ୍ୟର ନ୍ୟାଯ୍ୟ ଅଧିକାରରୁ ତାକୁ  କରିନଥାଏ । ଏଥି ନିମିତ୍ ନିଜକୁ ନିୟନ୍ତ୍ରିତ କରିବା, ଇନ୍ଦ୍ରିୟମାନଙ୍କୁ ଜୟ କରିବା ଏବଂ ନିଜର ଶରରୀରକୁ କ୍ଲେଶ ଦେବାର ଆବଶ୍ୟକତା ଥାଏ । ମନୁଷ୍ୟର କାମନା ଆକାଶପରି ଅନନ୍ତ । ଯଦି କୈଳାସ ପର୍ବତ ପରି ସୁନା ରୂପାର ଅଗଣିତ ପର୍ବତ ତା ସମ୍ମୁଖରେ ରଖିଦିଆଯାଏ ତଥାପି ତାର କାମନା ତୃପ୍ତ ହୋଇପାରେ ନାହିଁ ।

କୌଣସି ବିଷୟରେ ସମ୍ୟକ୍ ଜ୍ଞାନ ଅର୍ଜନ କରିବା ଅତ୍ୟନ୍ତ ଆବଶ୍ୟକ । ସମ୍ୟକ୍ ଜ୍ଞାନ ପ୍ରାପ୍ତି ନିମିତ୍ ପୂର୍ବାଗ୍ରହଠାରୁ, ଅର୍ଥାତ୍ ପୂର୍ବରୁ ରହିଥିବା ବଧ୍ମୂଳ ଧାରଣ ମାନଙ୍କଠାରୁ ମୁକ୍ତି ଆବଶ୍ୟକ । କୌଣସି ବକ୍ତବ୍ୟକୁ ଠିକ୍ ଭାବେ ବୁଝିବା ପାଇଁ ଆମେ ବକ୍ତାର ଦୃଷ୍ଟିକୋଣରୁ ମଧ ଠିକ୍‌ଭାବେ ବୁଝିଥିବା ଦରକାର । ଏହା ହେଉନଥିବାରୁ ବାରମ୍ବାର ଆମେ ଠକାମିରେ ପଡୁ । ଭୁଲ୍‌ବୁଝାମଣା ସୃଷ୍ଟି ହୁଏ ଏବଂ ମତଭେଦ ଅଥବା ମନୋମାଳିନ୍ୟ ସାରହୁଏ । ଅନ୍ତଃରାଷ୍ଟ୍ରୀୟ ଦୃଷ୍ଟିକୋଣରୁ ବିଚାରକଲେ ଆମେ ଦେଖୁ ଯେ ପ୍ରତ୍ୟେକଟି ଦେଶ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେବା ଚାହେଁ । ତଥାପି ଯୁଧ୍ର ଅନ୍ତ ନାହିଁ । ଏହାର କାରଣ କ'ଣ ? ବାସ୍ତବରେ ବୁଝାମଣାର ଅଭାବ, ସ୍ୱାର୍ଥଲିପ୍‌ସାର ପ୍ରାବଲ୍ୟ ଏବଂ ଅନିୟନ୍ତ୍ରିତ ଆତ୍ମ-ଅଭିମାନ ଏଥିପାଇଁ ଦାୟୀ ।

ଦୁର୍ଭାଗ୍ୟର ବିଷୟ, ଭଗବାନ ମହାବୀରଙ୍କ ଜୀବନଚର୍ଯ୍ୟା ସମ୍ବନ୍ଧୀୟ ଘଟଣାବଳୀ ସଂପର୍କରେ କୌଣସି ସର୍ବସମ୍ମତ ବିବରଣ ଜୈନଗ୍ରନ୍ଥ ମାନଙ୍କରେ ଦେଖିବାକୁ ମିଳେନାହିଁ । ତଥାପି ଅତ୍ୟନ୍ତ ସଂକ୍ଷିପ୍ତ ହେଲେ ମଧ୍= ମହାବୀରଙ୍କର ଯତ୍,, ଜୀବନ ଚରିତ ଶ୍ୱେତାମ୍ବର ଏବଂ ଦିଗମ୍ବର ପ୍ରାଚୀନ ଗ୍ରନ୍ଥମାନଙ୍କରେ ରହିଯାଇଛି ଅଥବା ତାଙ୍କର ବହୁମୂଲ୍ୟ ଉପଦେଶ ମାନଙ୍କ ମଧରୁ ଯତ୍ ମହାବୀରଙ୍କ ଜୀବନ ଏବଂ ଉପଦେଶ ପ୍ରସ୍ତୁତ କରିବା ଚେଷ୍ଟା କରିବା । ଆଶା, ତାଙ୍କର ଜୀବନ ଏବଂ ଦୀର୍ଘ ଅନୁଭୂତି ଉପରେ ପର୍ଯ୍ୟବେଶିତ ତାଙ୍କର ଉପଦେଶାବଳୀ ଆମକୁ ସମୁଚିତ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ ।

**ଡ଼. ଜଗଦୀଶ ଚନ୍ଦ୍ର ଜୈନ**

# ବିଷୟ ସୂଚୀ

ବିଷୟ


ପ୍ରସ୍ତାବନା

ମହାବୀରକାଳୀନ ଶ୍ରମଣ ପରମ୍ପରା ଅନୁଯାୟୀ

ଅନ୍ୟ ଧର୍ମାଚାର୍ଯ୍ୟ

ଜୈନ ତୀର୍ଥଙ୍କର

ବିହାର ମାଟିରେ ମହାବୀର

(କ) ବର୍ଦ୍ଧମାନଙ୍କ ଜନ୍ମଭୂମି ବୈଶାଳୀ

(ଖ) ଦୀକ୍ଷାଗ୍ରହଣ ଏବଂ କେବଳ ଜ୍ଞାନପ୍ରାପ୍ତି

(ଗ) କେବଳୀ ଅବସ୍ଥା ଏବଂ ନିର୍ବାଣପ୍ରାପ୍ତି

ମହାବୀର ବାଣୀସଂକଳନ

ଶ୍ରମଣ ସଂଗର ଧର୍ମ ପ୍ରଚାର

ମହାବୀରଙ୍କ ଉପଦେଶ

ଜୈନ ସଂସ୍କୃତିର ଅବଦାନ

## ମହାବୀର-କାଳୀନ ଶ୍ରମଣ-ପରମ୍ପରା ଅନୁଯାୟୀ ଅନ୍ୟ ଧର୍ମାଚାର୍ଯ୍ୟ

ଜୈନ ଏବଂ ବୌଧିମାନଙ୍କ ପ୍ରାଚୀନ ସାହିତ୍ୟରେ ଶ୍ରମଣ, ପରିବ୍ରାଜକ ଏବଂ ତାପସ ପରମ୍ପରାର ଏପରି ଅନେକ ଦାର୍ଶନିକ ଏବଂ ବିଚାରମାନଙ୍କ ନାମ ଆଖିରେ ପଡ଼େ ଯେଉଁମାନେ କି ବେଦ, ଈଶ୍ୱର, ଯଜ୍ଞ-ବିହିତ ହିଂସା, ବର୍ଣ୍ଣ, ଜାତି ତଥା ବୈଦିକ ଆଚାରବିଚାର ଗୁଡ଼ିକୁ ଅସ୍ୱୀକାର କରିଛନ୍ତି ଏବଂ ଯୁଗାନୁକୂଳ ନୂତନ ଚିନ୍ତାଧାରାକୁ ଆଗେଇ ନେଇଛନ୍ତି ।

ପାଲିଭାଷାରେ ରଚିତ ପ୍ରାଚୀନ ବୌଧିଗ୍ରନ୍ଥ ମାନଙ୍କରେ ବ୍ରାହ୍ମଣ ପରମ୍ପରା ବିରୋଧି ଶ୍ରମଣ ଧର୍ମ ଅନୁଯାୟୀ ଛ'ଜଣ ଯଶସ୍ୱୀ ଧର୍ମାଚାର୍ଯ୍ୟଙ୍କ ନାମ ବିଶେଷ ରୂପେ ଉଲ୍ଲିଖିତ ହୋଇଛି ପୁରଣ କସ୍‌ସପ୍, ମକ୍‌ଖଲି ଗୋସାଲ୍, ଅଜିତ୍ କେଶଙ୍କବଳୀ, ପବୁଧ କଚ୍ଚାୟନ, ସଞ୍ଜୟ ବେଲଟିଂପୁର ଏବଂ ନିଗଣ୍ଠ ନାତପୁତ୍ (ନିର୍ଗ୍ରନ୍ଥ ଜ୍ଞାତୃପୁତ୍ର ମହାବୀର) । ଧର୍ମର ଏହି ମାର୍ଗଦର୍ଶକମାନଙ୍କୁ ସଂଘର ସ୍ୱାମୀ, ଗଣର ଆଚାର୍ଯ୍ୟ, ଜ୍ଞାନୀ, ଯଶସ୍ୱୀ, ତୀର୍ଥଙ୍କର ଲୋକସମ୍ମାନିତ, ଅନୁଭବୀ ତଥା ବହୁକାଳରୁ ଦିକ୍ଷୀତ କୁହାଯାଏ । ଗୌତମ ବୁଧିଙ୍କ ସମେତ ଏ ସମସ୍ତ ଯୁଗପୁରୁଷ ନିଶ୍ଚିତ ଭାବେ ସେ ସମୟରେ ଖୁବ୍ ପ୍ରଭାବଶାଳୀ ହୋଇଥିବେ । ଏମାନଙ୍କର ଜ୍ଞାନ-ଗରିମା ଦ୍ୱାରା ଯେ ବିହାରର ମାଟି ଉଦ୍‌ଭାସିତ ହୋଇଥିବ, ଏଥିରେ ସନ୍ଦେହ ନାହିଁ ।

ଶ୍ରମଣ ପରମ୍ପରାଅ ଅନୁସରଣ କରୁଥିବା ଏହି ଧର୍ମାଚାର୍ଯ୍ୟଗଣ ସଂଯମ, ତପ ତଥା ତ୍ୟାଗର ଉପଦେଶ ଶୁଣାଉଥିଲେ ଏବଂ ଘୁରି ଘୁରି ନିଜର ଧର୍ମ ପ୍ରଚାର କରୁଥିଲେ । କେବେ ରାଜଗୃହ, କେବେ ନାଳନ୍ଦା, କେବେ ବୈଶାଳୀ, କେବେ ମିଥିଳା ଅଥବା କେବେ କେବେ ଗ୍ରାମ, ଜନପଦମାନଙ୍କରେ ସେମାନେ ନିଜର ସଂଘ ସହିତ ଭ୍ରମଣ କରୁଥିଲେ । ଏହି ଧର୍ମାଚାର୍ଯ୍ୟମାନଙ୍କର ଆଗମନ ବାର୍ତ୍ତା ପାଇଲେ ଅଙ୍ଗ ମଗଧର ଜନସାଧାରଣ ଆନନ୍ଦରେ ଆତ୍ମହରା ହୋଇ ପଡୁଥିଲେ । ଯାହା ମନରେ ଯାହା ସନ୍ଦେହ ଉଠୁଥିଲା । ସେ ତାହା ନେଇ ଉପସ୍ଥିତ ହେଉଥିଲା । ପ୍ରଶ୍ନୋତ୍ର ଛଳରେ ସନ୍ଦେହ ମୋଚନ କରାଯାଉଥିଲା । ଶେଷରେ ଉପସ୍ଥିତ ଶ୍ରୋତୃବର୍ଗଙ୍କୁ ଯେ ନିଜର ଯୁକ୍ତି ତର୍କ ଦ୍ୱାରା ପ୍ରଭାବିତ କରିପାରୁଥିଲା କିମ୍ବା ନିଜର କୌଣସି ଆଲୌକିକ ଶକ୍ତି ପ୍ରଦର୍ଶନ କରି ଚମତ୍କୃତ କରିପାରୁଥିଲା, ତାକୁ ବିଜୟୀ କୁହାଯାଉଥିଲା । ଲୋକଙ୍କ ମଧରେ ତାର ପ୍ରତିଷ୍ଠା ବଢୁଥିଲା ଏବଂ ଭୋଜନାଦି ଦ୍ୱାରା ତାଙ୍କରି ସତ୍‌କାର କରାଯାଉଥିଲା ।

ଦୁର୍ଭାଗ୍ୟବଶତଃ ନିଗଣ୍ଠ ନାତପୁତ୍ ଏବଂ ଗୌତମ ବୁଧିଙ୍କୁ ଛାଡ଼ିଦେଲେ ଉପରୋକ୍ତ ଧର୍ମାଚାର୍ଯ୍ୟମାନଙ୍କ ମଧରୁ ଆଉ କାହାରି ସାହିତ୍ୟ ମିଳୁନାହିଁ । ଏହି ସାହିତ୍ୟ ଅଭାବରୁ ସେମାନଙ୍କ ସିଧାନ୍ତ ସମ୍ପର୍କରେ ଆମେ ସମ୍ୟକୁ ଜ୍ଞାନ ପାଇପାରୁନାହୁଁ । ବୌଧି ଏବଂ ଜୈନ ଗ୍ରନ୍ଥମାନଙ୍କରେ ସେମାନଙ୍କ ସମ୍ପର୍କରେ ଯାହା ଅଳ୍ପ ବହୁତ ଉଲ୍ଲେଖ ଅଛି, ତାହା ପୁରାପୁରି ସତ୍ୟ ବୋଲି କୁହାଯାଇନପାରେ ।

ମଙ୍ଖଲିପୁତ୍ର ଗୋଶାଲଙ୍କ ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ଶ୍ୱେତାମ୍ବର ଜୈନ ଆଗମାନଙ୍କରେ ଦେଖିବାକୁ ମିଳେ । ସେ ସବୁ ବିବରଣୀରୁ ଗୋଶାଲ ଯେ ଜଣେ ପ୍ରଭାବାଳୀ ଧର୍ମାଚାର୍ଯ୍ୟ ହୋଇଥିବେ, ତାର ସୂଚନା ମିଳେ । ଆଜୀବକ ସଂପ୍ରଦାୟର ସେ ମୁଖ୍ୟ ତୀର୍ଥଙ୍କର ଥିଲେ । ଶ୍ରୀବସ୍ତୀ (ସହେତ-ମହେତ, ଜିଲ୍ଲା ଗୋଣ୍ଡଶ) ଥିଲା ତାଙ୍କ ଅନୁଗାମୀ ମାନଙ୍କର କେନ୍ଦ୍ର । ଆଜୀବକ ସଂପ୍ରଦାୟର ବାରଜଣ ପ୍ରଧାନ ଉପାସକ ଥିଲେ । ସେମାନେ ଗୋଶାଲଙ୍କୁ ସେମାନଙ୍କର ଅରିହନ୍ତ ଦେବ ରୂପେ ସ୍ୱୀକାର କରୁଥିଲେ । ମାତା ପିତାଙ୍କୁ ସେମାନେ ସେବା ଶୁଶ୍ରୁଷା କରୁଥିଲେ । ୫ପ୍ରକାରର ଉଦୁମ୍ବର ଫଳ ଖାଉନଥିଲେ । ଯେଉଁ ଅଣ୍ଡିରା ବାଛୁରୀ ଧରା ହୋଇନଥାନ୍ତି ଏବଂ ଯାହାଙ୍କର ନାକ ବନ୍ଧା ହୋଇନଥାଏ, ସେମାନଙ୍କ ଦ୍ୱାରା ବ୍ୟବସାୟ କରୁଥିଲେ । ଅଧିକନ୍ତୁ ହିଂସାବିହୀନ ବ୍ୟବସାୟଦ୍ୱାରା ନିଜର ଜୀବିକା ଉପାର୍ଜନ କରୁଥିଲେ । ଗୋଶାଲ ନିମିତ୍ ଶାସ୍ତ୍ରରେ ପଣ୍ଡିତ ଥିଲେ । ପାର୍ଶ୍ୱନାଥଙ୍କ ଶିଷ୍ୟମାନଙ୍କଠାରୁ ଗୋଶାଲ ଏ ବିଦ୍ୟା ଶିକ୍ଷା କରିଥିଲେ । ଦିଗମ୍ବର ସଂପ୍ରଦାୟରେ ମଧ ଗୋଶାଲଙ୍କୁ ପାର୍ଶ୍ୱନାଥଙ୍କ ପରମ୍ପରାର ଅନୁଗାମୀ ବୋଲି ସ୍ୱୀକାର କରାଯାଏ । ଶ୍ୱୋତମ୍ବର ଆଗମାନଙ୍କ ତାଙ୍କର ଶିଷ୍ୟ ହୋଇ ରହିଥିଲେ । ପରବର୍ତ୍ତୀ ଜୀବନରେ ତାଙ୍କ ମହାବୀରଙ୍କ ସହିତ ମତଭେଦ ଘଟିଲା ଏବଂ ସେମାନେ ପରସ୍ପରଠାରୁ ଅଲଗା ହୋଇଗଲେ । ପୁନଶ୍ଚ ଦୀର୍ଘ ଷୋହଳ ବର୍ଷ ପରେ ଉଭୟଙ୍କର ମିଳନ ହେଲା । ଗୋଶାଲ ନିଜକୁ 'ଜିନ୍' ବୋଲି ଘୋଷଣା କଲେ । ତାଙ୍କର ତେଜୋଲେଶ୍ୟା ସିଧି ଲାଭହେଲା । ମହାବୀର ଗୋଶାଲଙ୍କୁ ତପସ୍ୱୀ ବୋଲି ସ୍ୱୀକାର କରିବା ସଂଗେ ସଂଗେ ତାଙ୍କର ତେଜୋଲେଶ୍ୟାର ପ୍ରଶଂସା କଲେ । ଗୋଶାଲ ମହାବୀରଙ୍କ ଉପରେ ତେଜୋଲେଶ୍ୟା ପ୍ରୟୋଗ କଲେ । ଏଥିରେ ମହାବୀରଙ୍କର ଶରୀରକୁ କଷ୍ଟ ହୋଇଥିଲା । ମହାବୀର ଗୋଶାଲଙ୍କର ମୃତ୍ୟୁପରେ ଜୀବିତ ଥିଲେ ।

ମହାବୀରଙ୍କ ପରି ଗୋଶାଲ ମଧ ଉଲଗ୍ନ ରହୁଥିଲେ । ଆଜୀବକମତବାଦୀ ସାଧୁମାନଙ୍କ ପାଇଁ ଉଲଗ୍ନ ରହିବା, କଠୋର ତପଶ୍ଚର୍ଯ୍ୟା କରିବା ଏବଂ ହାତରେ ଭିକ୍ଷା ଗ୍ରହଣ କରିବା ବିଧି ରହିଛି । ଆଜୀବକ ସାଧୁ ଭୋଜନ ପାଇଁ କାହାରି ନିମନ୍ତ୍ରଣ କରନ୍ତି ନାହିଁ କିମ୍ବା ସେମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ଖାଦ୍ୟ ଭୋଜନ କରନ୍ତି ନାହିଁ ।

ଭଗବାନ୍ ବୁଧ୍ ଗୋଶାଲଙ୍କୁ ବାଳରେ ତିଆରି କମ୍ବଳ ସହିତ ତୁଳନା କରିଛନ୍ତି ଏବଂ ନିଜର ଶିଷ୍ୟମାନଙ୍କୁ ତାଙ୍କ ସମ୍ପର୍କରେ ସତର୍କ ରହିବା ପାଇଁ ସାବଧାନ କରିଦେଇଛନ୍ତି । ବୁଧ୍ ଗୋଶାଲଙ୍କୁ ମାୟାବୀ ଆଖ୍ୟା ଦେଇଥିଲେ । ଯେପରି ଧୀବର ଜାଲରେ ମତ୍ସ୍ୟର ଧରେ, ସେହିପରି ନିଜର ଯୁକ୍ତି ଜାଲ ଦ୍ୱାରା ମାୟାବୀ ଗୋଶାଲ ଲୋକଙ୍କୁ ବିଭ୍ରାନ୍ତ କରୁଥିଲେ ।

ଗୋଶାଲଙ୍କ ସମ୍ପର୍କରେ ଏ ପ୍ରକାରରର ମନ୍ତବ୍ୟ ତାଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ସମ୍ପର୍କରେ ସୂଚନା ଦେଇଥାଏ । ମହାବୀର ଏବଂ ଗୋଶାଲ ସାଥି ହୋଇ ଛ'ବର୍ଷ କାଳ ବିଚରଣ କରିଥିଲେ । ସେହି ସମୟରେ ଉଭୟଙ୍କ ମଧରେ ହୋଇଥିବା ପ୍ରଶ୍ନୋତ୍ତର ତଥା ସାମୟିକ ଘଟଣାବଳୀ ସମ୍ପର୍କରେ ଜୈନ ଆଗମନରମାନଙ୍କରେ ଉଲ୍ଲେଖ ଅଛି । ତାହା ମଧ ଗୋଶାଲଙ୍କ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଉପରେ

ଆଲୋକପାତ କରିଥାଏ । ସମ୍ରାଟ୍ ଅଶୋକଙ୍କର ଶିଳାଲେଖାମାନଙ୍କରେ ଆଜୀବକ ଶ୍ରମଣମାନଙ୍କୁ ଅଶୋକ ଗୁମ୍ଫା ଦାନ କରିଥିବା କଥା ଉଲ୍ଲେଖ ଅଛି । ବୌଧ୍ ବ୍ରାହ୍ମଣ ଏବଂ ନିର୍ଗ୍ରନ୍ଥମାନଙ୍କ ପରି ଆଜୀବନମାନଙ୍କର ମଧ ଯତ୍ନ ନେବାପାଇଁ ସମ୍ରାଟ୍ ଅଶୋକ ନିଜର ଧର୍ମାଧିକାରୀମାନଙ୍କୁ ଆଦେଶ ଦେଇଥିଲା ।

ଏମାନଙ୍କ ବ୍ୟତୀତ ଆହୁରି ଅନେକ ସଂପ୍ରଦାୟ ଏବଂ ମତବାଦର ଉଲ୍ଲେଖ ପ୍ରାଚୀନ ଜୈନ ତଥା ବୌଧ୍ ସୂତ୍ରମାନଙ୍କରେ ରହିଅଛି । ବର୍ତ୍ତମାନ ନାମକୁମାତ୍ର ସେମାନଙ୍କର ଅବଶେଷ ଦେଖିବାକୁ ମିଳେ । ତେବେ ଏସବୁରୁ ଏତିକି ପ୍ରମାଣିତ ହୁଏ ଯେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀ ଏବଂ ତାର ଆଖପାଖ ସମୟ ଭାରତୀୟ ଦର୍ଶନ କ୍ଷେତ୍ରରେ ଏକ ଗଭୀର ବୈଚାରିକ ସମୁଦ୍ରମନ୍ଥର ସମୟ ଥିଲା । କେବଳ ଉପନିଷଦକାର ନୁହଁନ୍ତି, ମହାବୀର ବୁଧ୍ ଏବଂ ଅନ୍ୟ ଅନେକ ସୁପରିଚିତ, ସ୍ୱଳପରିଚିତ ତଥା ଅପରିଚିତ ଧର୍ମାଚାର୍ଯ୍ୟ ଚିନ୍ତାରାଜ୍ୟରେ ପରିବର୍ତ୍ତନ ସ୍ୱର ଉତୋ୍ଳନ କରିଥିଲେ ।

ମହାବୀର ଏବଂ ବୁଧ୍ ଉଭୟ ଶ୍ରମଣ ପରମ୍ପରା ଅନୁସରଣ କରିଥିଲେ । ଉଭୟ ସମସାମୟିକ ଥିଲେ । ଉଭୟ କ୍ଷତ୍ରିୟ କୁଳରେ ଜନ୍ମଗ୍ରହଣ କରିଥିଲେ । ମହାବୀର ଜ୍ଞାତୃପୁତ୍ର ଏବଂ ବୁଧ୍ ଶାକ୍ୟପୁତ୍ର ରୂପେ ପରିଚିତ ଥିଲେ । ଉଭୟଙ୍କୁ ଯଥାକ୍ରମେ 'ଜିନ୍' ଏବଂ 'ବୁଧ୍' କୁହାଯାଉଥିଲା । କାଶୀଠାରୁ ଦୂରରେ, ଉଭୟ ମଗଧରେ ଜନ୍ମଗ୍ରହଣ କରିଥିଲେ । ଏହା ମଧ ଉଭୟଙ୍କର ପ୍ରଧାନ କର୍ମସ୍ଥଳୀ ଥିଲା । ସମ୍ରାଟ ବିମ୍ବିସାର (ଶ୍ରେଣିକ), ଅଜାତଶତ୍ରୁ (କୁଣିକା) ତଥା ଲିଚ୍ଛବୀ ଏବଂ ମଲ୍ଲଗଣମାନେ ସେତବେଳେ ରାଜତ୍ୱ କରୁଥିଲେ । ଗୋଟିଏ ସହର, ଗୋଟିଏ ବସ୍ତିରେ ଉଭୟ ବିହାର କରିଥିଲେ । ଗୋଟିଏ ପରିବାରକୁ ଉଭୟ ଧର୍ମୋପଦେଶ ଦେଇଥିଲେ । ଉଭୟଙ୍କର ଶିଷ୍ୟମାନେ ପରସ୍ପରର ସତ୍‌ସଙ୍ଗ କରୁଥିଲେ, ଧାର୍ମିକ ତତ୍ୱମାନଙ୍କ ଉପରେ ଚର୍ଚ୍ଚା କରୁଥିଲେ ଏବଂ ପରସ୍ପର ଦ୍ୱାରା ପ୍ରଭାବିତ ହୋଇ ଅନେକ ସମୟରେ ନିଜ ଧର୍ମରେ ସଂସ୍କାର ଆଣୁଥିଲେ । ସେତବେଳେ ଧର୍ମ ବିଦ୍ୱେଷ ନଥିଲା । ଫଳରେ ଗୋଟିଏ ପରିବାର ଭିତରେ ବିଭିନ୍ନ ସଭ୍ୟଙ୍କର ଜୈନ, ବୌଧ୍ ଆଦି ବିଭିନ୍ନ ଧର୍ମପାଳନର ସ୍ୱାଧୀନତା ଥିଲା ।

ମହାବୀର ଏବଂ ବୁଧ୍ ଉଭୟ ତପ ଆଚାରଣ କରିଥିଲେ । ଉଭୟ ବେଦକୁ ଅପୌରୁଷେୟ ଅର୍ଥାତ୍ ସିଧା ଈଶ୍ୱରଙ୍କ ମୁଖ-ନିଃସୃତ ବୋଲି ସ୍ୱୀକାର କରୁନଥିଲେ । ବୈଦିକ ଯଜ୍ଞକୁ ଫଳଦାୟକ ବୋଲି ମାନୁନଥିଲେ । କର୍ମ ଅପେକ୍ଷା ଜ୍ଞାନକୁ ମୁଖ୍ୟ ବୋଲି ଭାବୁଥିଲେ । ଈଶ୍ୱର ଜଗତ୍‌ର ସ୍ରଷ୍ଟା - ଏହା ଉଭୟ ଅସ୍ୱୀକାର କରୁଥିଲେ । ନୀତି ଅପେକ୍ଷା କର୍ମକୁ ଅଗ୍ରାଧିକାର ଦେଉଥିଲେ । ଉଭୟ ଅହିଂସାକୁ ପରମ ଧର୍ମ ବୋଲି ଘୋଷଣା କରିଛନ୍ତି । ଉଭୟ ସଂଘ ସ୍ଥାପନ କରିଥିଲେ । ଉଭୟ ପଣ୍ଡିତଙ୍କର ଭାଷା ସଂସ୍କୃତକୁ ଛାଡ଼ି ମଗଧର ଭାଷା ମାଗଧୀରେ ଉପଦେଶ ଦେଉଥିଲେ । ଉଭୟ ଧର୍ମପ୍ରଚାର ପାଇଁ ବିଭିନ୍ନ ସ୍ଥାନ ପରିଭ୍ରମଣ କରିଥିଲେ । ଉଭୟ ଧର୍ମର ସାଧୁମାନଙ୍କ ପାଇଁ ଚର୍ତୁର୍ମାସ୍ୟାରେ ଗମନ ନିଷେଧ ଅଟେ । ଉଭୟ ମଗଧ ବାହାରକୁ ଯାଇ ଧର୍ମପ୍ରଚାର କରିଥିଲେ ।

ମହାବୀର ୭୨ ବର୍ଷ ବୟସରେ ଏବଂ ବୁଧ୍ ୮୦ ବୟସରେ ନିର୍ବାଣ ଲାଭ କରିଥିଲେ । ବୁଧ୍ ମହାବୀରଙ୍କ ଅପେକ୍ଷା ବୟସରେ ବଡ଼ଥିଲେ । ବୁଧ୍ଙ୍କ ନିର୍ବାଣ ପରେ ମହାବୀର ନିର୍ବାଣ କରିଥିଲେ ।

# ଜୈନ ତୀର୍ଥଙ୍କର

ଜୈନ ପରମ୍ପରା ଜୈନଧର୍ମକୁ ଶାଶ୍ୱତ ବୋଲି ଷୋଷଣା କରିଥାଏ । ଏଣୁକରି ଜୈନଧର୍ମ ମଝିରେ ମଝିରେ ଅପ୍ରକଟ ହୋଇଯାଉଥିଲେ ମଧ ଏହାର ବିନାଶ ଅସମ୍ଭବ ବୋଲି ଜୈନମାନେ ବିଶ୍ୱାସ କରନ୍ତି । ଜୈନ ଧର୍ମରେ ଚବିଶ ଜଣ ତୀର୍ଥଙ୍କରଙ୍କୁ ସ୍ୱୀକାର କରାଯାଇଛି । ଋଷଭ ଅଥବା ଋଷଭଦେବ, ଯାହାକୁ ଆଦିନାଥ ମଧ କୁହାଯାଏ, ଅବସର୍ପିଣୀ କାଳର ଆଦି ତୀର୍ଥଙ୍କର ଅଟନ୍ତି । ତାଙ୍କୁ ନୀତି-ନିୟମମାନଙ୍କର ପ୍ରଥମ ସଂସ୍ଥାପକ କୁହାଯାଏ । ଅଯୋଧାନଗରୀରେ ଇକ୍ଷ୍ୱାକୁବଂଶରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଦୁଇ ରାଣୀ ଥିଲେ । ପ୍ରଥମ ରାଣୀଙ୍କଠାରୁ ଭରତ ଓ ବ୍ରାହ୍ମୀ ତଥା ଦ୍ୱିତୀୟ ରାଣୀଠାରୁ ବାହୁବଳି ଓ ସୁନ୍ଦରୀ ଜନ୍ମଗ୍ରହଣ କରିଥିଲେ । ସିଂହାସନାରୋହଣ ପରେ ସେ ଗଣସ୍ଥାପନା କଲେ । ରାଜ୍ୟବାସୀ ନରନାରୀଙ୍କୁ କଳାଶିକ୍ଷା ଦିଗରେ ପ୍ରୋତ୍ସାହନ ଦେଲେ । ଖାଦ୍ୟ ପଦାର୍ଥ ରାନ୍ଧି ଖାଇବା, ବାସନ ତିଆରି କରିବା, ଲୁଗା ବୁଣିବା ଆଦି କର୍ମ ଶିକ୍ଷା ଦେଲେ । ବ୍ରାହ୍ମୀଙ୍କୁ ଅକ୍ଷରଜ୍ଞାନ, ସୁନ୍ଦରୀଙ୍କୁ ଗଣିତ, ଭରତଙ୍କୁ ସ୍ଥାପତ୍ୟ, କଳା ଏବଂ ବାହୁବଳିଙ୍କୁ ଚିତ୍ରକଳା ଶିକ୍ଷା ଦେଲେ । ଶେଷରେ ଭରତଙ୍କୁ ରାଜ୍ୟଭାର ଅର୍ପଣ କରି ଶ୍ରମଣ ଦୀକ୍ଷା ଗ୍ରହଣ କଲେ । ତପସ୍ୱୀ ଜୀବନରେ ସୁଦୂର ଦେଶମାନ ଭ୍ରମଣ କଲେ । ଶେଷରେ କେବଳ ଜ୍ଞାନଲାଭ କରି କୈଳାସ ପର୍ବତ ଉପରେ ନିର୍ବାଣ ପାଇଲେ ।

ଋଷଭଙ୍କ ପରେ ଅନ୍ୟ ତୀର୍ଥଙ୍କରମାନଙ୍କର ଆବିର୍ଭାବ ହୋଇଥିଲା । ସବୁ ତୀର୍ଥଙ୍କର କ୍ଷତ୍ରିୟକୁଳରେ ଜନ୍ମଗ୍ରହଣ କରିଥିଲେ । ଅଧିକାଂଶ ତୀର୍ଥଙ୍କର ଇକ୍ଷ୍ୱାକୁ ବଂଶରେ ଜନ୍ମଗ୍ରହଣ କରିଥିଲେ ଏବଂ ସମ୍ମେଦଶିଖର ଉପରେ ନିର୍ବାଣ ଲାଭ କରିଥିଲେ । ଜୈନ ଗ୍ରନ୍ଥମାନଙ୍କରେ ଏ ତୀର୍ଥଙ୍କରମାନଙ୍କର ଗର୍ଭବାସ, ଜନ୍ମ, ତପ, ଜ୍ଞାନ ଏବଂ ମୋକ୍ଷ - ଏ ୫କଲ୍ୟାଣର ବର୍ଣ୍ଣନା ସମସ୍ତଙ୍କ କ୍ଷେତ୍ରରେ ପ୍ରାୟ ସମାନ ପ୍ରକାରର ଅଟେ ପର୍ଯ୍ୟନ୍ତ ପଥମ ୨୨ ଜଣ ତୀର୍ଥଙ୍କରଙ୍କ ସଂପର୍କରେ କୌଣସି ପମାଣ ମିଳୁନାହିଁ; ବରଂ ସେମାନଙ୍କର ଦୀର୍ଘ ଜୀବନକାଳ ତଥା ସେମାନଙ୍କର ପରସ୍ପର ଭିତରେ ଥିବା କାଳଗତ ବ୍ୟବଧାନ ଇତ୍ୟାଦିକୁ ବିଚାର କରିବସିଲେ ସେମାନଙ୍କର ପରମ୍ପରାଗତ ପୌରାଣିକତା ସପକ୍ଷରେ ହିଁ ଅଧିକ ବଳିଷ୍ଠ ଯୁକ୍ତି ମିଳିଥାଏ ।

ନେମି ବା ଅରିଷ୍ଟନେମିଙ୍କୁ ଜୈନଧର୍ମର ୨୨ତମ ତୀର୍ଥଙ୍କର କୁହାଯାଏ । ଜୈନ ପରମ୍ପରା ଅନୁଯାୟୀ ତାଙ୍କୁ ଯାଦବମାନଙ୍କର ପ୍ରିୟ ଏବଂ ବାସୁଦେବ କୃଷ୍ଣଙ୍କର ଦାଦିପୁଅ ଭାଇ ବୋଲି ସ୍ୱୀକାର କରାଯାଏ । ଶୌର୍ଯ୍ୟପୁର (ସୁରଜପୁର, ଜିଲ୍ଲା ଆଗ୍ରା)ର ମହାରାଜା ସମୁଦ୍ରବିଜୟଙ୍କ ମହାରାଣୀ ଶିବାଙ୍କ ଗର୍ଭରେ ଅରିଷ୍ଟନେମି ଜନ୍ମଗ୍ରହଣ କରିଥିଲେ । ତାଙ୍କର ବିବାହ ରାଜା ଉଗ୍ରସେନଙ୍କ କନ୍ୟା ରାଜମତୀଙ୍କ ସହିତ ହେବା ସ୍ଥିର ହୋଇସାରିଥିଲା । ସେ ବରଯାତ୍ରୀ ନେଇ ରାଜୀମତୀଙ୍କୁ ବିବାହ କରିବା ପାଇଁ ଯାଉଥିବାବେଳେ ତାଙ୍କୁ ନଗର ଉପାନ୍ତରେ ବନ୍ଧାହୋଇଥିବା ପଶୁମାନଙ୍କର ବିକଳ ଆର୍ତ୍ତନାଦ ଶୁଣାଗଲା । ବରଯାତ୍ରୀଙ୍କ ଭୋଜିଭାତ ପାଇଁ ସେ ପଶୁମାନେ ଉଦ୍ଦିଷ୍ଟ ଏହା

ବୁଝିବାକୁ ତାଙ୍କର ବିଳମ୍ବ ଘଟିଲା ନାହିଁ । ତାଙ୍କର ସଂସାରପ୍ରତି ବୈରାଗ୍ୟ ଉଦୟ ହେଲା । ସେ ଶ୍ରମଣ ଦୀକ୍ଷା ଗ୍ରହଣ କଲେ । ଗିର୍‌ନାର୍ ପର୍ବତ ଉପରେ ତାଙ୍କର ନିର୍ବାଣପ୍ରାପ୍ତି ହେଲା ।

## ପାର୍ଶ୍ୱନାଥଙ୍କର ଐତିହାସିକତା

ପାର୍ଶ୍ୱନାଥ ଜୈନଧର୍ମର ୨୩ଶ ତୀର୍ଥଙ୍କର ରୂପେ ସ୍ୱୀକୃତ । ଶେଷ ତୀର୍ଥଙ୍କର ଭଗବାନ୍ ମହାବୀରଙ୍କର ୨୫୦ ବର୍ଷ ପୂର୍ବେ ଖ୍ରୀଷ୍ଟପୂର୍ବ ୮ମ ଶତାବ୍ଦୀରେ ସେ ଆବିର୍ଭାବ ହୋଇଥିଲେ । ବାରଣସୀର ଇକ୍ଷ୍ୱାକୁବଂଶୀୟ ରାଜା ଅଶ୍ୱସେନଙ୍କ ଗୃହରେ ରାଣୀ ବାମାଦେବୀଙ୍କଗର୍ଭରେ ସେ ଜନ୍ମଗ୍ରହଣ କରିଥିଲେ । ସେ ୦ ଗୃହ ଗୃହସ୍ଥାଶ୍ରମ ଅବଲମ୍ବନ କରିବା ପରେ ୭୦ ବର୍ଷ ସାଧୁଜୀବନ ଅତିବାହିତ କଲେ । ଘୋର ତପଶ୍ଚରଣ ପରେ ସେମ୍ମଦଶିଖର ଉପରେ ସିଦ୍ଧିଲାଭ କଲେ । ଅହିଚ୍ଛତ୍ରା, ହସ୍ତିନାପୁର, ଶ୍ରାବସ୍ତୀ, ସାକେତ ଓ କୌଶାମ୍ବୀ ଇତ୍ୟାଦି ନଗରମାନଙ୍କରେ ଭ୍ରମଣ କଲେ ଏବଂ ପଶ୍ଚିମ ବଙ୍ଗଳାର ବିଭିନ୍ନ ଜାତିଙ୍କ ମଧ୍ୟରେ ଧର୍ମପ୍ରଚାର କଲେ । ପ୍ରାଚୀନ ଜୈନ ଆଗମମାନଙ୍କରେ ଭଗବାନ ପାର୍ଶ୍ୱନାଥଙ୍କୁ ପୁରୁଷଶ୍ରେଷ୍ଠ, ଲୋକପୂଜିତ, ସଂବୁଧ୍, ସର୍ବଜ୍ଞ, ଧର୍ମତୀର୍ଥଙ୍କର ତଥା ଜିନ ଇତ୍ୟାଦି ବିଶ୍ଳେଷଣ ଦିଆଯାଇଛି ।

ତାଙ୍କ ଧର୍ମକୁ ସୁସଂଗଠିତ କରିବାପାଇଁ ପାର୍ଶ୍ୱନାଥ ତାକୁ ଚାରିଭାଗରେ ବିଭକ୍ତ କରିଥିଲେ, ଯଥା : ଶ୍ରମଣ, ଶ୍ରମଣୀ, ଶ୍ରାବକ, ଶ୍ରାବିକା । ସଂଘର ସୁରକ୍ଷା ପାଇଁ ସେ ଗଣଧର ବା ପ୍ରମୁଖ ଶିଷ୍ୟମାନଙ୍କୁ ନିଯୁକ୍ତ କରିଥିଲେ । ପୁଷ୍ପଚୂଳା ଥିଲେ ତାଙ୍କର ସ୍ୱାଧ୍ୱୀ-ସଂଘର ପ୍ରମୁଖ ଗଣିନୀ । ପାର୍ଶ୍ୱନାଥଙ୍କର ଅନେକ ଶିଷ୍ୟ (ପାର୍ଶ୍ୱାପତ୍ୟୀୟ)ଙ୍କର ଉଲ୍ଲେଖ ଜୈନ-ଆଗମନମାନଙ୍କରେ ମିଳେ । ସେମାନେ ମହାବୀରଙ୍କର ସମସାମୟିକ ବିହାର ତଥା ତାର ଆଖପାଖରେ ବିଚରଣ କରୁଥିଲେ । ପାର୍ଶ୍ୱନାଥଙ୍କର ଶିଷ୍ୟମାନେ ନିମିତ୍‌ଶାସ୍ତ୍ର ଅଧ୍ୟୟନ କରୁଥିଲେ । ତୁଙ୍ଗିୟା ନଗରୀ (ବିହାର ସରିଫ୍ ନିକଟରେ ତୁଙ୍ଗିଗ୍ରାମ) ପାର୍ଶ୍ୱନାଥଙ୍କର ଶିଷ୍ୟମାନଙ୍କ କେନ୍ଦ୍ର ଥିଲା । ସେଠାରେ ସେ ତାଙ୍କର ସଂଘ ସହିତ ବିହାର କରୁଥିଲେ । ବାଣିଜ୍ୟ ଗ୍ରାମ (ବସାଢ଼ ନିକଟବର୍ତ୍ତୀ ବିନିୟା)ରେ ଭଗବାନ ମହାବୀର ଏବଂ ପାର୍ଶ୍ୱନାଥଙ୍କର ଶିଷ୍ୟ ଶ୍ରମଣ ଗାଙ୍ଗେୟଙ୍କ ମଧ୍ୟରେ ହୋଇଥିବ ଆଲୋଚନାର ଉଲ୍ଲେଖ ଭଗବତୀସୂତ୍ର (୯, ୩୨)ରେ ଦେଖିବାକୁ ମିଳେ । ଗାଙ୍ଗେୟଙ୍କର ସନ୍ଦେହ ମୋଚନ କରିବାକୁ ଯାଇ ଭଗବାନ ମହାବୀର ପାର୍ଶ୍ୱନାଥଙ୍କୁ 'ପୁରଷଶ୍ରେଷ୍ଠ' ବିଶେଷଣରେ ଭୂଷିତ କରିଛନ୍ତି ଓ ତାଙ୍କ ପ୍ରତି ନିଜର ସମ୍ମାନ ପ୍ରଦର୍ଶନ କରିଛନ୍ତି । ଶେଷରେ ଗାଙ୍ଗେୟ ପାର୍ଶ୍ୱନାଥଙ୍କର ଚତୁର୍ଯ୍ୟାମ୍ ଧର୍ମ - ଅହିଂସା, ସତ୍ୟ, ଅଚୌର୍ଯ୍ୟ ଓ ଅପରିଗ୍ରହ ତ୍ୟାଗକରି ମହାବୀରଙ୍କ ପ୍ରତିପାଦିତ ୫ମହାବ୍ରତ - ଅହିଂସା, ସତ୍ୟ, ଅଚୌର୍ଯ୍ୟ ଓ ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହକୁ ସ୍ୱୀକାର କଲେ ।

କୁମାର ଶ୍ରମଣ କେଶୀ ପାର୍ଶ୍ୱନାଥଙ୍କର ଅନ୍ୟ ଜଣେ ବିଶିଷ୍ଟ ଶିଷ୍ୟ ଥିଲେ । ପୂର୍ବ ଗ୍ରନ୍ଥମାନଙ୍କ ସମ୍ପର୍କରେ ତାଙ୍କର ଗଭୀର ଜ୍ଞାନ ହେତୁ ଶ୍ରମଣ ସଂଘରେ ସେ ସୁପ୍ରତିଷ୍ଠିତ ଥିଲେ । ଏକଦା ସେ ତାଙ୍କର ୫୦୦ ସାଧୁବିଶିଷ୍ଟ ସଂଘକୁ ଧରି ଶ୍ରୀବସ୍ତୀରେ ପହିଲେ । ସେଠାରେ ଭଗବାନ ମହାବୀରଙ୍କର

ଗଣଧର ଗୌତମ ଇନ୍ଦ୍ରଭୂତିଙ୍କ ସହିତ କେଶୀଙ୍କର ଯେଉଁ ମହତ୍ୱପୂର୍ଣ୍ଣ ବାର୍ତ୍ତାଳପ ହୋଇଥିଲା ତାହା ଉତ୍ତରାଧ୍ୟୟନ (୨୩) ସୁରକ୍ଷିତ ଅଛି :

"ପାର୍ଶ୍ୱନାଥ ଚାରି ଯାମ ତଥା ମହାବୀର ୫ମହାବ୍ରତ ସମ୍ପର୍କରେ ଉପଦେଶ ଦେଇଛନ୍ତି । ସେହିପରି ପାର୍ଶ୍ୱନାଥ ସଚେଳ ଧର୍ମ-ବସ୍ତ୍ର ସହିତ ମୁନୀ ଧର୍ମ ଏବଂ ମହାବୀର ଅଚେଳ ଧର୍ମ-ବସ୍ତ୍ରରହିତ ମୁନୀ ଧର୍ମ-ସମ୍ପର୍କରେ ଉପଦେଶ ଦେଇଛନ୍ତି । ଏତାଦୃଶ ମତଭେଦର କାରଣ କ'ଣ ହୋଇପାରେ ?" - କେଶୀ ଗୌତମ ଇନ୍ଦ୍ରଭୂତିଙ୍କୁ ପ୍ରଶ୍ନ କଲେ ।

ଇନ୍ଦ୍ରଭୂତି ଉତ୍ତର ଦେଲେ - "ବସ୍ତୁତଃ ଚାରିଯାମ ଏବଂ ୫ ମହାବ୍ରତ ଭିତରେ ସେପରି କିଛି ବିଶେଷ ପାଥର୍କ୍ୟ ନାହିଁ । ଶିଷ୍ୟମାନଙ୍କର ଭିନ୍ନ ଭିନ୍ନ ରୁଚି ଅନୁଯାୟୀ ଭିନ୍ନ ଭିନ୍ନ ଉପଦେଶ ଦିଆଯାଇଛି । କାହାପାଇଁ ଏ ପ୍ରକାରର ତତ୍ୱ ହୃଦୟଗ୍ରାହୀ ହେଉଛି । ଭଗବାନ ପାର୍ଶ୍ୱନାଥ ଏବଂ ଭଗବାନ ମହାବୀର ଉଭୟ ମହାନ୍ ତପସ୍ୱୀ ଥିଲେ - ଉଭୟ ଗୋଟିଏ ପଥର ପଥିକ ଥିଲେ । ଉଭୟ ଜ୍ଞାନ, ଦର୍ଶନ ଏବଂ ଚରିତ୍ରକୁ ମୋକ୍ଷର ସିଦ୍ଧି ବୋଲି ମାନୁଥିଲେ । ବସ୍ତ୍ର ଧାରଣ ସମ୍ପର୍କରେ ଉଭୟ ବିଶ୍ୱାସ କରୁଥିଲେ ଯେ, ବାହ୍ୟବେଶ କେବଳ ସାଧନମାତ୍ର ଅଟେ ; ଚିତ୍ତଶୁଦ୍ଧି ମୁଖ୍ୟ ଅଟେ । ତାହାହିଁ କେବଳ ସିଦ୍ଧିର କାରଣ ହୋଇପାରେ ।

ଇନ୍ଦ୍ରଭୂତିଙ୍କର ଉତ୍ତର ଶୁଣି କେଶୀ ପରମ ସନ୍ତୋଷ ଲାଭ କଲେ ଏବଂ ଭଗବାନ ମହାବୀରଙ୍କର ୫ମହାବ୍ରତକୁ ସ୍ୱୀକାର କରିନେଲେ । ପାର୍ଶ୍ୱନାଥ ଏବଂ ମହାବୀରଙ୍କ ସିଧାନ୍ତର ସମନ୍ୱୟକାରୀ ଉତ୍ତରାଧ୍ୟୟନ ସୂତ୍ରର ଏହି ମୀମାଂସା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ । ମୂଳ ସିଧାନ୍ତକୁ ଅକ୍ଷୁର୍ଣ୍ଣ ରଖିବା ସଂଗେ ସଂଗେ ସମୟର ଆବଶ୍ୟକତା ଅନୁଯାୟୀ ସିଧାନ୍ତର ବ୍ୟବହାରିକ ରୂପରେ କିପରି ପରିବର୍ତନ ଅଣାଯାଇପାରେ, ତାର ଏକ ପ୍ରକୃଷ୍ଟ ମାର୍ଗଦର୍ଶନ ହେଲା ଇନ୍ଦ୍ରଭୂତିଙ୍କର ଉପରୋକ୍ତ ମୀମାଂସା ।

ପାର୍ଶ୍ୱନାଥ ତାଙ୍କ ସଂଘର କଠୋର ଅନୁଶାସନ ଉପରେ ଖୁବ୍ ଗୁରୁତ୍ୱ ଆରୋପ କରୁଥିଲେ । ନିର୍ଗ୍ରନ୍ଥ ଧର୍ମରେ ପ୍ରତିପାଦିତ ତପ ତଥା ସଂଯମର ନିୟମାବଳୀକୁ ପାଳନ କରିବା ସହଜ ବ୍ୟାପାର ନଥିଲା । ଅନେକ ଶ୍ରମଣ କଠିନ ତପଶ୍ଚର୍ଯ୍ୟା ଦ୍ୱାରା ଭୟଭୀତ ହୋଇ ମଝିରୁ ବାଟ ଭାଙ୍ଗି ସରଳ ରାସ୍ତା ଖୋଜି ନେଉଥିଲେ । ସାଧୁ-ଜୀବନ ତ୍ୟାଗ କରି କେହି କେହି ପରିବ୍ରାଜକ ହୋଇଯାଉଥିଲେ ଅଥବା ଗୃହସ୍ଥାଶ୍ରମକୁ ଫେରିଯାଉଥିଲେ । ସ୍ଥବିର ମୁନିଚନ୍ଦ୍ର ପାର୍ଶ୍ୱନାଥଙ୍କର ଜଣେ ବିଶିଷ୍ଟ ଶିଷ୍ୟ ଥିଲେ । ତାଙ୍କର ଶିଷ୍ୟମଣ୍ଡଳୀ ସହିତ କୁମାରାୟ ନିକଟସ୍ଥ ଗୋଟିଏ କୁମ୍ଭାରର ଶାଳରେ ଥରେ ସେ ଅବସ୍ଥାନ କରୁଥାନ୍ତି । ମଂଖଲି ଗୋଶାଲ ସେହି ସମୟରେ ଭଗବାନ ମହାବୀରଙ୍କ ସହିତ ବିଚରଣ କରୁଥାନ୍ତି । ସ୍ଥବିର ମୁନିଚନ୍ଦ୍ର ଏବଂ ତାଙ୍କର ଶିଷ୍ୟମାନଙ୍କୁ ପରିଗ୍ରହ ସହିତ ଦେଖି ଗୋଶାଲ ମହାବୀରଙ୍କୁ ପଚାରିଲେ ଯେ ସେ ସାଧୁମାନେ ପରିଗ୍ରହୀ ହୋଇଥିବା ହେତୁ ସେମାନଙ୍କୁ ଶ୍ରମଣ ନିର୍ଗ୍ରନ୍ଥଙ୍କ ଅନୁସରଣକାରୀ ବୋଲି କିପରି କୁହାଯିବ ? ମହାବୀର ଗୋଶାଲଙ୍କୁ ଉତ୍ତର ଦେଲେ

ଯେ ସେ ସାଧୁମାନେ ପାର୍ଶ୍ୱନାଥଙ୍କ ପରମ୍ପରା ଅନୁସରଣକାରୀ । ଅତଏବ ତାଙ୍କର କେହି କିଛି କ୍ଷତି କରିପାରିବ ନାହିଁ । ସେ କହିଲେ ଯେ ସେ ସାଧୁମାନେ ଅରମ୍ଭୀ ହିଂସାରୁ ମୁକ୍ତ ନୁହଁନ୍ତି । ସେମାନେ ବସ୍ତ୍ର ପିନ୍ଧନ୍ତି ଏବଂ ମରଣ ପରେ ଜିନକଳ୍ପ (ଜିନ ଭଗବାନଙ୍କ ପରି ନଗ୍ନ ରହିବା) ଧାରଣ କରନ୍ତି । ପାର୍ଶ୍ୱନାଥଙ୍କର ଶ୍ରମଣ ପରମ୍ପରାରେ ସ୍ତ୍ରୀମାନେ ମଧ ଦୀକ୍ଷିତ ହେଉଥିଲେ ।

ପାର୍ଶ୍ୱନାଥ ଏବଂ ତାଙ୍କର ଶିଷ୍ୟମାନେ ବିହାର ତଥା ପୂର୍ବ ଉତ୍ତର ପ୍ରଦେଶରେ ବିଚରଣ କରୁଥିଲେ । ତାଙ୍କର ନିର୍ବାଣ ଭୂମି ସମ୍ମେଦଶିଖର ନିକଟବର୍ତ୍ତୀ ପଶ୍ଚିମବଙ୍ଗଳାର କେତେକରେ ପାର୍ଶ୍ୱନାଥ ପ୍ରତିପାଦିତ ନିର୍ଗ୍ରନ୍ଥ ଧର୍ମର ଚିହ୍ନ ଦେଖିବାକୁ ମିଳେ । ବଙ୍ଗଳାର ମାନଭୂମି, ସିଂହଭୂମି ଏବଂ ଲୋହରଡ଼ଗ୍ଗା ଆଦି ସ୍ଥାନରେ ସରାକ (ଜୈନ ଶ୍ରାବକ) ଜାତି ଆଜି ମଧ ପାର୍ଶ୍ୱନାଥଙ୍କର ଉପାସକ ଅଟନ୍ତି । ଏହି ଜାତିର ଲୋକେ ଜଳ ଛାଣି କରି ପିଅନ୍ତି ଏବଂ ଜୀବହତ୍ୟା ଭୟରେ ସୂର୍ଯ୍ୟାସ୍ତ ପୂର୍ବରୁ ଖାଇନିଅନ୍ତି । ବଙ୍ଗଳାର ବୀରଭୂମି ଏବଂ ବାଙ୍କୁଡ଼ଷା ଆଦି ଜିଲ୍ଲାରେ ଆଷାଢ଼, ଶ୍ରାବଣ, ଭାଦ୍ରବ ଏବଂ ଆଶ୍ୱିନ - ଏହି ଚାରି ମାସରେ, ବିଶେଷ କରି ଶ୍ରାବଣ ଏବଂ ଭାଦ୍ରବ ମାସରେ ମନସା ନାମକ ସର୍ପଦେବତାଙ୍କର ପୂଜା କରାଯାଏ । ସମ୍ଭବତଃ, ଭଗବାନ ପାର୍ଶ୍ୱନାଥଙ୍କ ମସ୍ତକଭୂଷଣ ହୋଇଥିବା ନାଗରାଜ ଧରେଣେନ୍ଦ୍ର ହିଁ ଏଠାରେ ମନସା ରୂପେ ପୂଜିତ । ପାର୍ଶ୍ୱନାଥଙ୍କ ନିର୍ବାଣଭୂମି ସମ୍ମେଦଶିଖରକୁ ବଙ୍ଗଳାର ସାନ୍ତାଳମାନେ ମାରଂଗବୁରୁ (ପାହାଡ଼ ଦେବତା) ନାମ ଦେଇଥାନ୍ତି ଏବଂ ସେଠାରେ ଛାଗଳ ବଳି ଦେଇଥାନ୍ତି । ବଙ୍ଗଳାର ଆଦିମଗଞ୍ଜ, ଦେଉଲଭୀରା (ଜିଲ୍ଲା ବାଙ୍କୁଡ଼ା) କା-ବେନିୟା (ଚବିଶ ପ୍ରଗଣା) ଏବଂ ସୁଇଷା ତଥା ଜିଲ୍ଲାର ଅଗାଶିୟା ଆଦି ସ୍ଥାନରେ ଖୋଦନ ପରେ ପାର୍ଶ୍ୱନାଥଙ୍କର ପ୍ରତିମା ମିଳୁଛି । ଏଥିରୁ ଏହି ପ୍ରଦେଶରେ ପାର୍ଶ୍ୱନାଥଙ୍କର ଲୋକପ୍ରିୟତାର ପରିଚିୟ ମିଳେ । ଭଲଭାବେ ଅନ୍ୱେଷଣ କରାଗଲେ ଏଠାରେ ଆହୁରି ଅନେକ ମୂଲ୍ୟବାନ୍ ଐତିହାସିକ ସାମଗ୍ରୀର ସନ୍ଧାନ ମିଳିବାର ଯଥେଷ୍ଟ ସମ୍ଭବନା ରହିଛି ।

# ବିହାର ମାଟିରେ ମହାବୀର

## (କ) ବର୍ଦ୍ଧମାନଙ୍କ ଜନ୍ମଭୂମି ବୈଶାଳୀ

ପ୍ରାକୃତିକ ସୁଷମାର ଗନ୍ତାଘର, ବିଦେହ ଜନପଦର ରାଜଧାନୀ ବୈଶାଳୀ (ଆଧୁନିକ ବସାଢ଼) ନଗରୀରେ ମହାବୀର ଜନ୍ମଗ୍ରହଣ କରିଥିଲେ । ବଜ୍ଜ ଗଣତନ୍ତ୍ରର ମୁଖ୍ୟ ନଗରୀ ଥିଲା ବୈଶାଳୀ । ସେଠାରେ ନାଗରିକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଗଣତାନ୍ତ୍ରିକ ପଧ୍ତିରେ ଶାସନ କରୁଥିଲେ । ସେମାନଙ୍କର ସାଂଗଠନିକ ଶକ୍ତି ତଥା ଶାସନ ଦକ୍ଷତା ପାଇଁ ସେମାନେ ପ୍ରସିଧ୍ ଥବଲେ । ବୈଶାଳୀରେ ବହିଯାଉଥିଲା ଗଣ୍ଡକୀ (ଗଣ୍ଡକ) ନଦୀ । ଗଣ୍ଡକୀ ତଟରେ ଅବସ୍ଥିତ ଥିଲା କୁଣ୍ଡ ଗ୍ରାମ ଅଥବା କୁଣ୍ଡପୁର (ଆଧୁନିକ ବାସୁକୁଣ୍ଡ) ନାମରେ ଉପନଗର । କୁଣ୍ଡଗ୍ରାମ ଦୁଇ ଭାଗରେ ବିଭକ୍ତ ହୋଇଥିଲା । କ୍ଷତ୍ରିୟ କୁଣ୍ଡଗ୍ରାମ ଏବଂ ବ୍ରାହ୍ମଣ କୁଣ୍ଡଗ୍ରାମ । କ୍ଷତ୍ରିୟ କୁଣ୍ଡଗ୍ରାମରେ କ୍ଷତ୍ରିୟ ଏବଂ ବ୍ରାହ୍ମଣ କୁଣ୍ଡଗ୍ରାମରେ ବ୍ରାହ୍ମଣଙ୍କ ବସତି ଥିଲା । ମହାବୀର କ୍ଷତ୍ରିୟ କୁଣ୍ଡଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବଜ୍ଜୀ ଦେଶ (ଚମ୍ପାରନ୍, ମୁଜାଫରପୁର, ଦରଭଙ୍ଗା ଓ ଛପରା ଜିଲ୍ଲା) ଶାସନ କରୁଥିଲେ । ବଜ୍ଜୀସଂଘ ଅନ୍ତର୍ଗତ ବିଦେହ, ଲିଚ୍ଛବୀ, ଜ୍ଞାତୃ, ବୃଜ୍ଜୀ, ଉଗ୍ର, ଭୋଗ, ଇକ୍ଷ୍ୱାକୁ ଓ କୌରବ ନାମକ ଆଠଟି କୁଳ । ମହାବୀର ଜ୍ଞାତୃକୁଳରେ ଜନ୍ମଗ୍ରହଣ କରିଥିଲେ । ବାସକୁଣ୍ଡଠାରେ ଶହ ଶହ ବର୍ଷ ହେବ ଦୁଇ ଏକର ଜମି ଅନାବାଦୀ ଅବସ୍ଥାରେ ପଡ଼ିଛି । ତା ଚାରିପଟ ଜମି ଚାଷ କରାଯାଉଥିଲେ ମଧ ସେ ଚକଡ଼ାଟି ଚାଷ କରାଯାଏନାହିଁ । ସେହିଠାରେ ମହାବୀର ଜନ୍ମଗ୍ରହଣ କରିଥିଲେ ବୋଲି କୁହାଯାଏ । ଆଖପାଖ ଗାଁର ଲୋକେ ମହାବୀରଙ୍କ ଉଦ୍ଦେଶ୍ୟରେ ଲଡ୍ଡୁ ଓ ବାଦାମ ଜାତୀୟ ଶୁଖିଲା ଫଳ ଇତ୍ୟାଦି ଭୋଗ କରିଥାନ୍ତି । ଏଠାକାର ଗୋପ ଆଦି କେତେକ ଜାତିଙ୍କ ଭିତରେ ଗୌତମ ଗୋତ୍ର ଦେଖିବାକୁ ମିଳେ । ଏମାନେ ମାସଂ ଭକ୍ଷଣ କରନ୍ତି ନାହିଁ । ବୈଶାଳୀରେ ଜନ୍ମଗ୍ରହଣ କରିଥିବାରୁ ମହାବୀରଙ୍କୁ ବୈଶାଳୀୟ ଏକ ଜ୍ଞାତୃ କୁଳରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କୁ ଜ୍ଞାତୃ ପୁତ୍ର ମଧ କୁହାଯାଏ । ଲିଚ୍ଛାବୀବଂଶରେ ଜନ୍ମଗ୍ରହଣ କରିଥିବାରୁ ସେ ପ୍ରିୟଦର୍ଶୀ ଥିଲେ ଏବଂ ତାଙ୍କର ବ୍ୟକ୍ତିତ୍ୱ ଚିତ୍ତାକର୍ଷକ ଥିଲା । ତାଙ୍କ ପିତାଙ୍କ ନାମ ଥିଲା ସିଧାର୍ଥ । ସେ ଜ୍ଞାତୃକୁଳର କ୍ଷତ୍ରିୟଙ୍କ ଭିତରେ ମୁଖିଆ ଥିଲେ । ବୈଶାଳୀର ପ୍ରସିଧ୍ ଶାସକ ତଥା ଗଣରାଜାମାନଙ୍କର ମୁଖିଆ ଚେଟକଙ୍କର ଉଭଣୀ ତ୍ରିଶଳା ଥିଲେ ମହାବୀରଙ୍କ ମା' । ସେ ବିଦେହତତ୍ ଅଥବା ପ୍ରିୟକାରିଣୀ ନାମରେ ମଧ ପରିଚିତ ଥିଲେ । ମହାବୀରଙ୍କ ମାତା ପିତା ଶ୍ରମଣୋପାସକ ଥିଲେ ଏବଂ ପାର୍ଶ୍ୱନାଥଙ୍କର ଅନୁଚର ଥିଲେ ।

ଯେଉଁ ଦିନ ରାତିରେ ମହାବୀର ତ୍ରିଶଳାଙ୍କ ଗର୍ଭରେ ଅବତରଣ କଲେ, ସେଦିନ ମାତା ତ୍ରିଶଳା ବହୁ ସୁନ୍ଦର ସ୍ୱପ୍ନ ଦେଖିଲେ । ବିଛଣାରୁ ଉଠି ସେ ସଧାର୍ଥଙ୍କ ନିକଟରେ ଏବଂ ତାଙ୍କୁ ସ୍ୱପ୍ନ କଥା ଶୁଣାଇଲେ । ସକାଳ ହୁଅନ୍ତେ ସିଧାର୍ଥ ସ୍ୱପ୍ନଫ ଜାଣିପାରୁଥିବା ପଣ୍ଡିତମାନଙ୍କୁ ଡ଼କାଇ ସେ ସମସ୍ତ ସ୍ୱପ୍ନର ତାତ୍ପର୍ଯ୍ୟ ପଚାରିଲେ । ପଣ୍ଡିତମାନେ ଭବିଷ୍ୟତ ବାଣୀ କଲେ ଯେ ତାଙ୍କ ଘରେ

ଜଣେ ଦିବ୍ୟଚେତନାସମ୍ପନ୍ନ ପୁତ୍ର ଜନ୍ମ ହେବ । ତାଙ୍କର ଆଲୌକିକ ପ୍ରତିଭା ଦ୍ୱାରା ସମଗ୍ର ପୃଥିବୀ ଦ୍ୱାରା ସମଗ୍ର ପୃଥିବୀ ଆଲୋକିତ ହେବ ।

ପଣ୍ଡିତମାନେ ଏକ ଭବିଷ୍ୟତବାଣୀ ଶୁଣି ସିଧାର୍ଥ ଏବଂ ତ୍ରିଶଳା ଖୁବ୍ ଆନନ୍ଦିତ ହେଲେ । ତ୍ରିଶଳା ଅତି ସାବଧାନତା ସହକାରେ ନିଜର ଗର୍ଭରକ୍ଷା କରିବାକୁ ଲାଗିଲେ । ଉଠାବସା, ଚଲାବୁଲା ସବୁଥିରେ ସେ ସାବଧାନତା ରକ୍ଷା କଲେ । ପରିମିତ ପଥ୍ୟ ଭୋଜନ କଲେ । ଚିନ୍ତା, ଶୋକ, ଦୁଃଖ ଏବଂ ଭୟଠାରୁ ଦୂରରେ ରହିଲେ । ମନ ପ୍ରସନ୍ନ ରଖିବା ଭଳି କଥା ଓ କାହାଣୀ ଶୁଣିଲେ ।

ଏହିଭଳି ନ'ମାସ ସାଢ଼େ ସାତ ଦିନ ବିତିଗଲା । ତ୍ରିଶଳା ମାତା ଏକ ପ୍ରିୟଦର୍ଶନ ଶିଶୁକୁ ଜନ୍ମଦେଲେ । ସବୁଆଡ଼େ ଆନନ୍ଦର ଢ଼େଉ ଖେଳିଗଲା । ପରିଚାରିକାଗଣ ଦୌଡ଼ି ଦୌଡ଼ି ସିଧାର୍ଥଙ୍କ ପାଖରେ ଓ ତାଙ୍କୁ ପୁତ୍ରଜନ୍ମ ସଂବାଦ ଦେଲେ । ସମାଚାର ପାଇ ରାଜା ଉତ୍‌ଫୁଲ୍ଲ ହୋଇପଡ଼ିଲେ ଓ ସମ୍ବାଦ ଦେଇଥିବା ଦାସୀମାନଙ୍କୁ ଦାନ ଧର୍ମ ଦ୍ୱାରା ସତ୍‌କାର କରି ସବୁ ଦିନ ପାଇଁ ଦାସୀବୃତ୍ତିରୁ ମୁକ୍ତ କରିଦେଲେ ।

କ୍ଷତ୍ରିୟ କୁଣ୍ଡଗ୍ରାମକୁ ସଜାଇବା ପାଇଁ ଆଦେଶ ହେଲା । ନଗର ପରିଷ୍କାର କରାଗଲା । ସୁଗନ୍ଧ ଜଳ ଗଲା, ନଗରର ଗୃହମାନ ଚୂନଧଉଳା କରାଗଲା । ପ୍ରତି ଘର ଉପରେ ପତାକା ଉଡ଼ାଗଲା । ଚନ୍ଦନ କଳସ ସ୍ଥାପନା କରାଗଲା । ତୋରଣ ଗଢ଼ାଗଲା । ଧୂପର ଭୁରୁ ଭୁରୁ ଗନ୍ଧରେ ସାରା ନଗର ମହକି ଉଠିଲା । ନଟମାନେ ଖେଳ ଦେଖାଇଲେ । ନର୍ତ୍ତକୀମାନେ ବିଭିନ୍ନ ପ୍ରକାର ନୃତ୍ୟ ଓ ଅଭିନୟ ପ୍ରଦର୍ଶନ କଲେ । ବିଦୂଷକମାନେ ହାସ୍ୟରସ ଦ୍ୱାରା ପ୍ରଜାଙ୍କର ଚିତ୍‌ବିନୋଦନ କଲେ । କଥା, ସ୍ତୋତ୍ରପାଠ ଏବଂ ରାସଲୀଳା ଇତ୍ୟାଦିର ଆୟୋଜନ ହେଲା । ପ୍ରାୟ ଦଶଦିନ ପର୍ଯ୍ୟନ୍ତ ଖୁବ୍ ଜାକଜମକରେ ଆନନ୍ଦୋତ୍ସବ ଚାଲିଲା ।

ନବଜାତ ଶିଶୁର ସଂସ୍କାର କର୍ମ କରାଗଲା । ଚନ୍ଦ୍ର, ସୂର୍ଯ୍ୟ ଦର୍ଶନ କରାଗଲା । ସାରା ରାତି ଅନିଦ୍ରା ରହି, ଗାଆଣ ବାଜଣ ଭିତରେ 'ରତଜଗା' ପାଳନ କରାଗଲା । ଏକାଦଶ ଦିବସରେ ସୂତକ ପାଳନ କରାଗଲା । ଏବଂ ତାପରେ ଆତ୍ମୀୟ ସ୍ୱଜନ ଓ ବନ୍ଧୁମାନଙ୍କୁ ଭୋଜନ, ପାନ, ବସ୍ତ୍ର ଏବଂ ଅନ୍ୟାନ୍ୟ ଉପହାରମାନ ଦେଇ ଆପ୍ୟାୟିତ କରାଗଲା । ଗଣରାଜା ସମସ୍ତଙ୍କ ସମକ୍ଷରେ ଘୋଷଣା କଲେ ଯେ - ଏ ଶିଶୁ ଗର୍ଭକୁ ଆସିବା ସମୟରୁ ହିଁ ରାଜ୍ୟର ସୁଖ, ସମୃଦ୍ଧି ବଢ଼ିଛି । ଏଣୁ ଏହାର ନାମ ବର୍ଧମାନ ରଖିବା ଠିକ୍ ହେବ । ଉପସ୍ଥିତ ପ୍ରଜାଗଣ ଆନନ୍ଦ ଉଚ୍ଛ୍ୱାସ ଭିତରେ ଏହି ପ୍ରସ୍ତାବ ଅନୁମୋଦନ କଲେ ।

### ତୁଳସୀ ଦୁଇପତ୍ରରୁ ବାସେ

ବର୍ଧମାନ ଖୁବ୍ ଗେହ୍ଲାରେ ବଢ଼ିବାକୁ ଲାଗିଲେ । ଚନ୍ଦ୍ରକଳା ପରି ସେ ବଢୁଥାନ୍ତି । ଏକାଧିକ

ଦାସୀ ତାଙ୍କ ପାଇଁ ନିଯୁକ୍ତ ହୋଇଥାନ୍ତି । କିଏ ଦୁଧ ପିଆଏ କିଏ ତେଲ ମାଲପା ଲଗାଇ ଗାଧୋଇଦିଏ, କିଏ ବସ୍ତ୍ର, ଆଭୂଷଣ ଆଦି ପିନ୍ଧାଇଦିଏ । ତାଙ୍କ ଉପରେ ଖରାପ ଦୃଷ୍ଟି ନପଡ଼ିବା ପାଇଁ କିଏ ତାଙ୍କୁ କଳା ଗୋରଚିନା ଇତ୍ୟାଦି ଲଗାଇ ଦିଏ କିଏ ତାଙ୍କର ମନୋରଞ୍ଜନ ପାଇଁ ଖେଳାଏ ତ କିଏ ତାଙ୍କୁ କାଖେଇ ବୁଲାଏ ।

ପିଲାଟିବେଳୁ ବର୍ଦ୍ଧମାନ ଖୁବ୍ ବୀର, ଧୀର ଏବଂ ଗମ୍ଭୀର ପ୍ରକୃତିର ଥିଲେ । ଦରକାର ବେଳେ ସେ ଖୁବ୍ ସାହାସର ସହିତ ବିପଦର ସମ୍ମୁଖୀନ ହେଉଥିଲେ । ଡ଼ରି ପଳାଇଯାଉ ନଥିଲେ । ଥରକର ଘଟଣା - ସେ ସାଥୀମାନଙ୍କ ସହିତ ଖେଳୁଥିଲେ । ଏତିକିବେଳେ ଏକ ବିଷଧର ସାପ ଗୋଟିଏ ଗଛ ଗଣ୍ଡିରେ ଗୁଡ଼େଇ ହୋଇ ଫଁ ଫଁ ଶବ୍ଦ କରୁଥିବାରୁ ଦେଖାଗଲା । ସାପକୁ ଦେଖି ବର୍ଦ୍ଧମାନଙ୍କ ଖେଳସାଥୀମାନେ ଭୟରେ ସେ ଯୁଆଡ଼େ ପଳାଇଗଲେ, ମାତ୍ର ବର୍ଦ୍ଧମାନ ନିର୍ଭୀକଭାବେ ସେଠାରେ ଠିଆ ହୋଇ ରହିଲେ । ସେ ସାପକୁ ହାତରେ ଧରି ବୁଲେଇ, ବୁଲେଇ ଦୂରକୁ ଛାଟିଦେଲେ । ତାଙ୍କ ସମ୍ପର୍କରେ ଆଉ ଏକ ଗଳ୍ପ ଅଛି । ଥରେ ସେ ନିଜ ସାଥିମାନଙ୍କ ସହ ଖେଳୁଥିଲାବେଳେ ସ୍ୱର୍ଗର ଜଣେ ଦେବତା ନିଜର ରୂପ ବଦଳାଇ ସେମାନଙ୍କ ଭିତରେ ମିଶିଗଲେ । ଖେଳ ନିୟମ ଅନୁଯାୟୀ ଯିଏ ଖେଳରେ ହାରିଯିବ ସେ ଜିତିଥିବା ଖେଳାଳିକୁ କାନ୍ଧରେ ବସାଇ ବୁଲାଇବ । ସେ ଦେବତା ଖେଳରେ ବର୍ଦ୍ଧମାନଙ୍କଠାରୁ ହାରିଗଲେ । ମାତ୍ର ବର୍ଦ୍ଧମାନ ତା ପିଠିରେ ବସୁ ବସୁ ସେ ଦେବତା ଦିବ୍ୟଶକ୍ତିବଳରେ ନିଜ ଶରୀରକୁ ଏପରି ପ୍ରକାଣ୍ଡ କରିଦେଲେ ଯେ ସେ ଗୋଟାଏ ଭୀଷଣକାୟ ରାକ୍ଷସ ପରି ଦେଖାଗଲେ । ମାତ୍ର ବର୍ଦ୍ଧମାନ ଭୟଭୀତ ନହୋଇ ତାଙ୍କ ପିଠି ଉପରେ ଖୁବ୍ ଜୋରରେ ଏକ ମୁଥା ମାରିଲେ । ମାଡ଼ ଖାଇ ସେ ଦେବତା ନିଜର ପ୍ରକୃତି ରୂପ ଦେଖାଇଲେ ଓ ବର୍ଦ୍ଧମାନ ନିକଟରେ କ୍ଷମା ମାଗିଲେ ।

ଏ ଗଳ୍ପ ଅବତରଣା କରିବାର ତାତ୍ପର୍ଯ୍ୟ ହେଲା, ବର୍ଦ୍ଧମାନ ପିଲାଟି ବେଳୁ ଖୁବ୍ ସାହସୀ ଥିଲେ । କିଛି ବିପଦ ଦେଖାଦେଲେ ସେ ଖୁବ୍ ଧୈର୍ଯ୍ୟର ସହ ତାର ମୁକାବିଲା କରୁଥିଲେ । ଏହି କାରଣରୁ ସେ ମହାବୀର ନାମରେ ପ୍ରଖ୍ୟାତ ହେଲେ ।

ବର୍ଦ୍ଧମାନଙ୍କର ବୟସ ଯେତେବେଳେ ଆଠ ବର୍ଷ, ସେତେବେଳେ ସିଧାର୍ଥ ତାଙ୍କୁ ପାଠଶାଳାକୁ ପଠାଇଲେ । ଖୁବ୍ ଧୂମ୍‌ଧାମରେ ଉତ୍ସବ ପାଳିତ ହେଲା । ବର୍ଦ୍ଧମାନ ବିଦ୍ୟାଳୟରେ ଆଚାର୍ଯ୍ୟଙ୍କୁ ବ୍ୟାକରଣ ପ୍ରଶ୍ନ ପଚାରିବାକୁ ଲାଗିଲେ । ଆଚାର୍ଯ ସେ ପ୍ରଶ୍ନମାନଙ୍କର ଉତ୍ତର ଦେଇ ନପାରିବାରୁ ବର୍ଦ୍ଧମାନ ଆଚାର୍ଯ୍ୟ ଆସନରେ ବସି ଉକ୍ତ ବିଷୟଗୁଡ଼ିକ ପ୍ରତିପାଦନ କରିବାକୁ ଲାଗିଲେ ।

## ଗୃହସ୍ଥାଶ୍ରମ ଆଡ଼କ

ବର୍ଦ୍ଧମାନଙ୍କର ଯୁବାବସ୍ଥା ଉପଗତ ହେଲା । ମଣିଷ ଜୀବର ଏ ଅବସ୍ଥା ନୂଆ ନୂଆ ସମସ୍ୟା ନେଇ ଉପସ୍ଥିତ ହୁଏ । ବାଲ୍ୟାବସ୍ଥା ଖେଳକୁଦ, ହସଖୁସି ଭିତରେ କଟିଯାଏ । ଯୌବନ ଅଣେ ଏକ ନୂତନ ଆବେଗ, ଏକ ନୂତନ ଉନ୍ମାଦନା, ଭାବୀ ଜୀବନ ସଂପର୍କରେ ଗମ୍ଭୀର ଭାବେ ବିଚାର

କରିବାକୁ ଏହା ପ୍ରେରଣା ଦିଏ ।

ଗଣ ରାଜାର ସନ୍ତାନ ହିସାବରେ ପୃଥିବୀରେ ସବୁ ସୁଖ ସମ୍ଭୋଗ ବର୍ଦ୍ଧମାନଙ୍କର ହାତମୁଠାରେ ଥିଲା । ତଥାପି ତାଙ୍କର ଶାନ୍ତି ନଥିଲା । ଯେଉଁ ସୁଖ ସମ୍ଭୋଗର ସେ ଅଧିକାରୀ ଥିଲେ, ତାହା ସମସ୍ତଙ୍କ ଭାଗ୍ୟରେ କାହିଁକି ଜୁଟୁନାହିଁ - ଏହି ଚିନ୍ତା ବାରମ୍ବାର ତାଙ୍କ ମନକୁ ଆସୁଥିଲା । ମନୁଷ୍ୟ ମନୁଷ୍ୟ ଭିତରେ ସତେ କେତେ ପାର୍ଥକ୍ୟ । ଜଣକ ସୁଖର ଅନ୍ତ ନାହିଁ, ଆଉ ଜଣେ ଦୁଃଖ ପାରାବାରରେ ଉବେଇ ଟୁବେଇ ହେଉଛି । ଜୀବନ ମରଣ ପ୍ରଶ୍ନ ମଧ୍ୟ ତାଙ୍କ ମନକୁ ଆନ୍ଦୋଳିତ କଲା । ମନୁଷ୍ୟ ଆସେ କେଉଁଠୁ ? ମୃତ୍ୟୁପରେ ଯାଏ ବା କୁଆଡ଼େ ? ଏହା ପଛରେ କି ରହସ୍ୟ ଲୁଚିରହିଛି । ପୃଥିବୀରେ ଦୁଃଖୀ ଲୋକଙ୍କ ସଂଖ୍ୟା କାହିଁକି ଅଧିକ ? ମନୁଷ୍ୟ କାମନାର ତୃପ୍ତି କାହିଁକି ନାହିଁ ? ପୃଥିବୀ କାହିଁକି ମୂଢ଼ତା ଦ୍ୱାରା ଏପରି ଆଚ୍ଛାଦିତ ଯେ ମନୁଷ୍ୟ ନିଜର ହିତ, ଅହିତ ବୁଝିପାରୁନାହିଁ ? ଏହିପରି ଚିନ୍ତା କରି କରି ତାଙ୍କର ସମୟ ଅତିବାହିତ ହେଲା ।

ଯୁବାବସ୍ଥା ଆସିଲା । ବର୍ଦ୍ଧମାନଙ୍କର ବ୍ୟକ୍ତିତ୍ୱ ଥିଲା ଖୁବ୍ ପ୍ରଭାବଶାଳୀ । ସୌମ୍ୟଦର୍ଶନ ଏହି ଯୁବକଙ୍କର ଶରୀର ଉତପ୍ତ ସୁନା ଭଳି ଝଟକୁଥିଲା । ତାଙ୍କର ଲଲାଟ, ଆଖି, କାନ, ନାକ, କପାଳ ଥବଲା ଅବର୍ଣ୍ଣନୀୟ । ସତେକି ଢ଼ଳାହୋଇ ଗଢ଼ାହୋଇଥିଲା ତାଙ୍କର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ । ନିଜର ଅଲିଅଳ ଶିଶୁକୁ ଏକ ଅପରୂପ ଯୁବାରେ ପରିଣତ ହେବା ଦେଖି ମାତାପିତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଧୂମଧାମରେ ବିବାହ ହେବ, କେତେ ଆନନ୍ଦ ଉତ୍ସବ, ମଙ୍ଗଳାଚାର, ଦାନଧର୍ମ, ବନ୍ଧୁବାନ୍ଧବ ସଙ୍ଗୋଳା । ଯେଉଁ ଦିନ ବର୍ଦ୍ଧମାନ ଗୃହସ୍ଥାଶ୍ରମରେ ପ୍ରବେଶ କରିବେ ସେ ଦିନ ସତେ କେତେ ବଡ଼ ଆନନ୍ଦର ଦିନ ନ ହେବ ! ଏହିପରି ସୁଖ ସ୍ୱପ୍ନ ଦେଖି ଦେଖି ବର୍ଦ୍ଧମାନଙ୍କର ମାତାପିତା ଆନନ୍ଦ ସାଗରରେ ନିମଜ୍ଜିତ ହେଉଥିଲେ ।

ବର୍ଦ୍ଧମାନଙ୍କ ସୁଗୁଣର ଖ୍ୟାତି ବହୁ ଦୂରଯାଏ ବ୍ୟାପିଗଲା । ବହୁଆଡୁ ବିବାହ ପ୍ରସ୍ତାବ ଆସିବାକୁ ଲାଗିଲା । ଏକୁ ଆରେକ ବଳି ଅନୁପମ ସୁନ୍ଦରୀ, ସୁଗୁଣସମ୍ପନ୍ନା କନ୍ୟାଙ୍କର ବିବାହ ପ୍ରସ୍ତାବ ନେଇ କନ୍ୟାପିତାମାନେ ଗଣକରାଜା ସିଧାର୍ଥଙ୍କ ପାଖରେ । ସିଧାର୍ଥ ଉକ୍ତ ପ୍ରସ୍ତାବଗୁଡ଼ିକୁ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଲେ । ମାତ୍ର ବର୍ଦ୍ଧମାନଙ୍କ ଅନୁମତି ନ ମିଳିବାଯାଏ କୌଣସି ନିଷ୍ପତ୍ତି ଗ୍ରହଣ କରିବା କିପରି ବା ସମ୍ଭବ ? ସିଧାର୍ଥ ବର୍ଦ୍ଧମାନଙ୍କର ବନ୍ଧୁମାନଙ୍କ ସହିତ ଆଲୋଚନା କଲେ ଏବଂ ବିବାହ ସମ୍ପର୍କରେ ବର୍ଦ୍ଧମାନଙ୍କ ମତାମତ ଗ୍ରହଣ କରିବାକୁ ସେମାନଙ୍କୁ କହିଲେ । ବର୍ଦ୍ଧମାନ ବନ୍ଧୁମାନଙ୍କୁ ଜଣାଇଦେଲେ ଯେ ଗୃହସ୍ଥାଶ୍ରମରେ ପ୍ରବେଶ ନକରିବା ପାଇଁ ସେ ବହୁତ ଆଗରୁ ସ୍ଥିର କରିସାରିଛନ୍ତି । କିନ୍ତୁ ମାତା ତ୍ରିଶଳାଙ୍କ ଇଚ୍ଛାକୁ ମଧ ଉପେକ୍ଷା କରିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ଶେଷରେ ମାତାଙ୍କ ସ୍ନେହ ନିକଟରେ ତାଙ୍କୁ ମୁଣ୍ଡ ନୂଆଁଇବାକୁ ପଡ଼ିଲା । ନିଜର ଇଚ୍ଛା ନଥିଲେ ମଧ ବର୍ଦ୍ଧମାନ ବିବାହ କରିବାକୁ ସ୍ୱୀକୃତି ଦେଇଦେଲେ ।

ରାଜକୁମାରୀ ଯଶୋଦାଙ୍କ ସହିତ ବର୍ଦ୍ଧମାନଙ୍କର ବିବାହ ହୋଇଗଲା । ତାଙ୍କର ପ୍ରିୟଦର୍ଶନା

ନାମରେ ଏକ କନ୍ୟା ମଧ ଜନ୍ମ ହେଲା । ପ୍ରିୟଦର୍ଶନାଙ୍କର ବିବାହ ସେହି ନଗରର କ୍ଷତ୍ରିୟ କୁମାର ଜାମାଳିଙ୍କ ସହିତ ହୋଇଗଲା ।

କିନ୍ତୁ ଗୃହସ୍ଥାଶ୍ରମରେ ରହି ମଧ ସାଂସାରିକ ମୋହମାୟା ବର୍ଦ୍ଧମାନଙ୍କୁ ସ୍ପର୍ଶ କରିପାରିନଥିଲା । ଏକାନ୍ତରେ ବସି ଯେ ଚିନ୍ତାକରନ୍ତି - କଣ ସାଂସାରିକ ବିଷୟ ବାସନାର ବଶବର୍ତ୍ତୀ ହୋଇ ଆତ୍ମବିସ୍ମୃତି ହେବା ଉଚିତ ? ଧରାପୃଷ୍ଠରେ ବାରମ୍ବାର ଜନ୍ମଗ୍ରହଣ କରିବାରୁ ରକ୍ଷା ପାଇବା ପାଇଁ କଣ ପ୍ରବଳ ପୁରୁଷାର୍ଥର ଆବଶ୍ୟକତା ନାହିଁ ? ମନୁଷ୍ୟ ଜନ୍ମ ପାଇବା ଅତ୍ୟନ୍ତ କଠିନ ଅଟେ । ମନୁଷ୍ୟ ଜନ୍ମ ସଂଗେ ସଂଗେ ସମ୍ୟକ୍ ଜ୍ଞାନ ଲାଭ ଆହୁରି ଦୁର୍ଲ୍ଲଭ । ଧର୍ମର ରହସ୍ୟ ବୁଝିବା ତହୁଁବଳି ଦୁଷ୍କର । କର୍ମର ବିନାଶ ସାଧନ କରି ନିଜ ଉପରେ ବିଜୟଲାଭ କରିବା ସର୍ବପ୍ରଥମ କର୍ତ୍ତବ୍ୟ । ଜୀବନ କ୍ଷଣଭଙ୍ଗୁର । ତା'ଉପରେ ଭରସା କରିବା ବୃଥା । କେତେବେଳେ ଯେ ଯମଦୂତ ଆସି ଦୂଆରେ ଛିଡ଼ାହେବେ କେହି କହି ପାରିବେ ନାହିଁ । ପୃଥିବୀରେ ,ପରି ଅନେକ ଲୋକ ଅଛନ୍ତି , ଯାହାଙ୍କର ତିଳେହେଲେ ହିତାହିତ ଜ୍ଞାନ ନାହିଁ । ନିଜ ନିଜକୁ ଭୁଲିଯାଇ ମିଛମାୟା ସଂସାରରେ ସୋମନେ ହେଉଥାନ୍ତି । କାମ, କ୍ରୋଧ, ମଦ, ମୋହ ଏବଂ ଲୋଭର ବଶୀଭୂତ ହୋଇ ଅନ୍ୟକୁ କଷ୍ଟ ଦିଅନ୍ତି । ସେମାନଙ୍କର ମଙ୍ଗଳବିଧାନ ପାଇଁ ଏବଂ ସେମାନଙ୍କୁ ସତ୍‌ମାର୍ଗରେ ଆଗେଇ ନେବା ପାଇଁ ଅନବରତ ପୁରୁଷାର୍ଥରେ ତତା ଅତୁଟ ଧୈର୍ଯ୍ୟର ଆବଶ୍ୟକତା ରହିଛି । ଏହି ବିରାଟ କାର୍ଯ୍ୟ ସଂପାଦନ କରିବାକୁ ହେଲେ ନିଜକୁ ସେଥିପାଇଁ ଅଧିକରୁ ଅଧିକ ଯୋଗ୍ୟ କରି ଗଢ଼ିବାର ମଧ ଆବଶ୍ୟକତା ରହିଛି ।

## (ଖ) ଦୀକ୍ଷା ଗ୍ରହଣ ଏବଂ କେବଳ ଜ୍ଞାନପ୍ରାପ୍ତି

ଯବୁବସ୍ଥାରେ ମନୁଷ୍ୟ ଇନ୍ଦ୍ରିୟମାନେ ପରିପକ୍ୱ ହୋଇଯାଆନ୍ତି , ଉପଭୋଗ୍ୟ ସାମଗ୍ରୀମାନଙ୍କର ଉପଭୋଗ ପାଇଁ ଲାଳସା ଅଦମ୍ୟ ହୁଏ । ଏ ବୟସରେ ସାଂସାରିକ ମୋହ ମମତା ତ୍ୟାଗ କରି ଦୀକ୍ଷାଗ୍ରହଣ କରିବାର ଉତ୍କଟ ଇଚ୍ଛା କ୍ୱଚିତ୍ ଲୋକଙ୍କ ମନରେ ଉଦୟ ହୁଏ ।

ମହାବୀରଙ୍କ ବସୟସ ଯେତେବେଳେ ୨୮ ବର୍ଷ , ତାଙ୍କର ମାତା ପିତା ସ୍ୱର୍ଗାରୋହରଣ କଲେ ।

ସେମାନେ ପର୍ଯ୍ୟନ୍ତ ଦୀକ୍ଷା ଗ୍ରହଣ ନକରିବାକୁ ମହାବୀର ପ୍ରତିଜ୍ଞା କରିଥିଲେ । ପିତାମାତାଙ୍କ ଦେହାନ୍ତ ପରେ ମହାବୀର ଅଗ୍ରଜ ନଂଦିବର୍ଦ୍ଧନଙ୍କ ସମକ୍ଷରେ ଦୀକ୍ଷା ପ୍ରସ୍ତାବ ରଖିଲେ । କିନ୍ତୁ ସେ ଦୀକ୍ଷା ନେବାପାଇଁ ଅନୁମତି ଦେଲେ ନାହିଁ । ସେ କହିଲେ - 'ଶ୍ରମଣ ନିର୍ଗ୍ରନ୍ଥ ମାନଙ୍କର ତପ ଏବଂ ବ୍ରତ ନିୟମମାନ ମାନି ଚଳିବା କଠିନ ବିଷୟ ଅଟେ । ବଡ଼ ବଡ଼ ତପସ୍ୱୀ ହଟି ଯାଇଛନ୍ତି । ଅତ୍ୟନ୍ତ କୃଚ୍ଛ୍ର, କଠୋର ଏଇ ନିର୍ଗ୍ରନ୍ଥ ପ୍ରବଚନ । ବର୍ତ୍ତମାନ ତ ତୁମେ ବୟସରେ ବହୁତ ଛୋଟ । ପରିଣତ ବୟସରେ ଦୀକ୍ଷା ନେବ ।'

ମହାବୀର ଜୀବନର ଅସାରତା ଭଲଭାବେ ହୃଦୟଙ୍ଗମ କରିଥିଲେ । ତଥାପି ବଡ଼ ଭାଇଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ଯେନତେନ ପ୍ରକାରେଣ ଦୁଇବର୍ଷ ବିତାଇ ଦେଲେ ।

ଦିନେ ତାଙ୍କ ମନରେ ମାନବସେବାର ଭାବନା ଅତି ପ୍ରବଳ ହୋଇ ଉଠିଲା । ଏଥର ସେ ଗୃହତ୍ୟାଗ କରିବା ପାଇଁ ସ୍ଥିର ନିଶ୍ଚୟ କରିନେଲେ । ବହୁତ ବୁଝାଶୁଝା କରାଇବା ପରେ ମଧ ଯେତେବେଳେ ସେ ତିଳେହେଲେ ହୁଙ୍କିଲେ ନାହିଁ, ସେତବେଳେ ତାଙ୍କ ପାଇଁ ନିଷ୍କ୍ରମଣ ସତ୍କାରର ବ୍ୟବସ୍ଥା କରାଗଲା । ରତ୍ନଖଚିତ ସୁନ୍ଦର ପାଲିଙ୍କି ଆସିଲା । ସୁଗନ୍ଧ ଜଳରେ ବର୍ଧ୍ମାନ ସ୍ନାନ କଲେ । ଉତ୍ତମ ବସ୍ତ୍ର ଏବଂ ଅଳଙ୍କାରମାନ ପିନ୍ଧି ସେ ପାଲିଙ୍କିରେ ପୂର୍ବ ଦିଗକୁ ମୁହଁ କରି ବସିଲେ । ତାଙ୍କ ଡ଼ାହାଣ ପଟେ ଶୁଧ୍ ବସ୍ତ୍ରାଳଙ୍କାର ଧାରଣ କରି ଏବଂ ଶ୍ୱେତାବସ୍ତ୍ର ପରିଧାନ କରି ଜଣେ କୁଳବୃଧ୍ ଆସନ ଗ୍ରହଣ କଲେ । ବାଁପଟେ ରାଜୋହରଣ, ପାତ୍ର ଆଦି ଦୀକ୍ଷା ସାମଗ୍ରୀ ଧରି ଅଂବଧାତା (ବଡ଼ ଧାଈ) ବସିଲେ । ପଛ ପଟେ ଷୋହଳ ଶୃଙ୍ଗାର କରି ଏକ ଯୁବତୀ ଚାମର ପକାଇବାରେ ଲାଗିଥାଏ ଓ ଆଉ ଜଣେ ଆଗରେ ଛିଡ଼ା ହୋଇ ପଙ୍ଖା କରୁଥାଏ ।

ବର୍ଧ୍ମାନ ବହୁମୂଲ୍ୟ ଝୀନବସ୍ତ୍ର ତ୍ୟାଗ କଲେ, ଅମୂଲ୍ୟ ଅଳଙ୍କାର ତ୍ୟାଗ କଲେ, ସରସ, ସ୍ୱାଦିଷ୍ଟ ଖାଦ୍ୟ ସାମଗ୍ରୀକୁ ଚିରଦିନ ପାଇଁ ତ୍ୟାଗ କଲେ, ବନ୍ଧୁ, ପ୍ରିୟଜନମାନଙ୍କୁ ତ୍ୟାଗ କଲେ ଏବଂ ଏକାନ୍ତ ବାସ ପାଇଁ ଆଗକୁ ପାଦ ବଢ଼ାଇଲେ । ପ୍ରଜାଗଣ ଅଭିନନ୍ଦନ ଜଣାଇଲେ । ଗୁରୁଜନ ଆଶୀର୍ବାଦ କଲେ । ପ୍ରତିଷ୍ଠିତ ନାଗରିକମାନେ ବହନ କରୁଥିବା ପାଲିଙ୍କିଟି କ୍ଷତ୍ରିୟ କୁଣ୍ଡଗ୍ରାମ ବାହାରେ ଜ୍ଞାତୃଖଣ୍ଡ ଉଦ୍ୟାନ ଆଡ଼େ ମୁହାଁଇଲା ।

ମାର୍ଗଶୀର କୃଷ୍ଣପକ୍ଷ ୧୦ ଦିନ ଶୁଭ ଦିନ ଥିଲା । ଉଦ୍ୟାନରେଁ ବର୍ଧ୍ମାନ ଜୟଜୟକାର ଧ୍ୱନି ଭିତରେ ପାଲିଙ୍କିରୁ ଓହ୍ଲାଇଲେ । ଦେହରୁ ବସ୍ତ୍ର, ଅଳଙ୍କାର କାଢ଼ି ଦେଲେ । ପଂଚ ମୁଷ୍ଟିରେ ନିଜର କେଶକୁ ଓପାଡ଼ିଲେ । କୁଳବୃଧ୍ ତାହା ଏକ ଉତ୍ତମ ରେଶମ ଲୁଗାରେ ଗ୍ରହଣ କଲେ । କୁଳବୃଧ୍ା ତଥା କୁଟୁମ୍ବର ଅନ୍ୟମାନଙ୍କର ଗୁରୁଗମ୍ଭୀର ସ୍ୱର ଶୁଣାଗଲା - "ହେ ପୁତ୍ର ! ଯତ୍ନପୂର୍ବକ ପାଳନ କରିବୁ, ନିଜର ବ୍ରତ ତଥା ନିୟମରେ ଅଟଳ ରହିବୁ, କ୍ଷଣକ ପାଇଁ ମଧ ପ୍ରମାଦ କରିବୁ ନାହିଁ ।"

## ମହାବୀରଙ୍କ ଦୀର୍ଘ ତପସ୍ୟା

ମହାବୀର ଆପଣାର ବିଚାର ଶୃଙ୍ଖଳାରେ ଅଟଳ ଥିଲେ । ନୂଆ ଜୀବନରେ ସେ ପ୍ରବେଶ କରିଥିଲେ । ପୁରୁଣା ସାଙ୍ଗ ସାଥୀଙ୍କଠାରୁ ସେ ବିଚ୍ଛିନ୍ନ ହୋଇ ଯାଇଥିଲେ । ଜ୍ଞାତି କୁଟୁମ୍ବଙ୍କର ସ୍ନେହ ପ୍ରେମକୁ ପଛରେ ପକେ ଦେଇଥିଲେ । ବର୍ତ୍ମାନ ତାଙ୍କର ଆଉ କାହାରି ପ୍ରତି ମୋହ ନଥିଲା । କୌଣସିତ ଚିନ୍ତା ନଥିଲା । ଆଗପଛ ଦ୍ୱନ୍ଦ୍ୱ ନଥଲା - ପୁରାପୁରି ଅଚିନ୍ତା, ନିଧଡ଼କ । ଏପରି ଅମୂଲ୍ୟ ସୁଯୋଗ ଆଉ କେବେ ମିଳିବ ? ସେ ଦୃଢ଼ ପ୍ରତିଜ୍ଞା କଲେ ଯେତେ ବାଧା ବିଘ୍ନ ଆସୁ, ନିଜ

ଧ୍ୟେୟରୁ ଟିକେ ବି ହଟିବେ ନାହିଁ, ଯେତେ ବିପଦ ଆସୁ, ପଛକୁ ଫେରିବାର ଆଉ ପ୍ରଶ୍ନ ନାହିଁ ।

ଏହି ବିଚାରରେ ମଗ୍ନ ରହି ସେ ଏକଦା ଜ୍ଞାତଖଣ୍ଡ ତ୍ୟାଗ କରି କୁମ୍ଭାର ଗ୍ରାମରେ ।ସେଠାରେ ସେ ଧ୍ୟାନମଗ୍ନ ହେଲେ । ଏହି ସମୟରେ ଜଣେ ଗୋପାଳ ତାର ବଳଦମାନଙ୍କୁ ନେଇ ସେଠାରେ ।ବଳଦମାନଙ୍କୁ ଚରିବାକୁ ଛାଡ଼ିଦେଲା ଓ ସେମାନଙ୍କ ଉପରେ ଟିକେ ନଜର ରଖିବାକୁ ମହାବୀରଙ୍କୁ ଅନୁରୋଧ କଲା ।କିଛି ସମୟରେ ପରେ ଫେରି ସେ ଦେଖେ ତ ବଳଦମାନେ ନାହାନ୍ତି ।ସେମାନଙ୍କ ସମ୍ପର୍କରେ ମହାବୀରଙ୍କୁ ପଚାରିଲା ।କିନ୍ତୁ ମହାବୀର ଧ୍ୟାନରେ ବସିଥିଲେ ।କିଛି ସମୟ ଖୋଜିବା ପରେ ସେ ଅବଶ୍ୟ ତାକ୍ଷ ବଳଦମାନଙ୍କୁ ପାଇଗଲା । ତେବେ ତାର ଧାରଣ ହେଲା ଯେ ଏସବୁ ନିଶ୍ଚୟ ସେଇ ଆଖିବୁଜି ବସିଥିବା ପାଜିର କାମ । ସେ ପଣ ଧରି ମହାବୀରଙ୍କୁ ମାରିବା ପାଇଁ ଦୌଡ଼ିଲା ।ତାଙ୍କ ତପସ୍ୱୀ ଜୀବନର ପ୍ରଥମ ଅନୁଭୂତି ହେଲା - ଜୀବନ ପୁଷ୍ପଶଯ୍ୟା ନୁହେଁ, କଣ୍ଟକିତ ପଥ ।

କୁମ୍ଭାର ଗ୍ରାମରୁ ଚାଲି ଚାଲି ସେ ମୋରାଗ ନିକଟରେ ପହଞ୍ଚଲେ ।ସେଠାରେ ଜଣୈକ ତାପସ କୁଳପତିଙ୍କର ଆଶ୍ରମ ଥିଲା । କୁଳପତି ତାଙ୍କୁ ସେଠାରେ ଚାତୁର୍ମାସ୍ୟ ପାଳନ କରିବା ପାଇଁ ଅନୁରୋଧ କଲେ । ମହାବୀର ତାଙ୍କର ଅନୁରୋଧ ରକ୍ଷାକଲେ । ଘାସର ଏକ କୁଟୀରେ ସେ ଚାତୁର୍ମାସ୍ୟ ପାଳନ କଲେ । ବର୍ଷା ହୋଇ ନଥିବାରୁ ନୂଆ ଘାସ ଗାଁ ଜମିରେ କଅଁଳି ନଥାଏ । ଏଣୁକରି ଗାଁର ଗାଈମାନେ ସେ କୁଡ଼ିଆର ଘାସ ଖାଇଯାଉଥାନ୍ତି ।ଆଶ୍ରମର ଅନ୍ୟାନ୍ୟ ତପସ୍ୱୀମାନେ ଗାଈମାନଙ୍କୁ ମାରି ଘଉଡ଼ାଇ ଦେଉଥାନ୍ତି ।କିନ୍ତୁ ମହାବୀର ? ସେ ଥିଲେ ଧ୍ୟାନମଗ୍ନ ।କୁଳପତିଙ୍କୁ ମହାବୀରଙ୍କର ଏପରି ମତିଗତି ଭଲ ଲାଗିଲା ନାହିଁ ।ସେ କହିଲେ, "ପକ୍ଷୀ ସୁଦ୍ଧା ତାର ନୀଡ଼କୁ ରକ୍ଷା କରିବା ପାଇଁ ଉଦ୍ୟମ କରୁଛି, ଅଥଚ ତୁମେ ଏତିକି ବି କରିପାରୁନାହଁ ?" ମହାବୀର ସେ ସ୍ଥାନ ପରିତ୍ୟାଗ କରି ଚାଲିଗଲେ ।ଏହି ସମୟରେ ତାଙ୍କ ମନରେ ଏକ ବିଚାର ଉଦିତ ହେଲା "ଯଦି କୌଣସି ଏକ ସ୍ଥାନରେ ରହିବା ଦ୍ୱାରା କାହାରିକୁ କଷ୍ଟଦେବାକୁ ପଡ଼େ ତେବେ ସେ ସ୍ଥାନ ପରିତ୍ୟାଗ କରିବା ଭଲ ଏବଂ ଯେଉଁ ସ୍ଥାନରେ ରହିବ କାର୍ଯ୍ୟୋତ୍ସର୍ଗପୂର୍ବକ ସେ ସ୍ଥାନରେ ରହିବ । ସେଠାରୁ ସେ ଗଲେ ଅଙ୍ଥିୟାଗ୍ରାମ । ସେଠି ଅସ୍ଥିଗଦା ମରାହୋଇ ରହିଥିବାରୁ ସେ ସ୍ଥାନକୁ ଅଙ୍ଥିୟାଗ୍ରାମ କୁହାଯାଉଥିଲା ।ଶୂଳପାଣି ଯକ୍ଷର ତାହା ଥିଲା କାରସାଦୀ ।ଯକ୍ଷ ମଧ ମହାବୀରଙ୍କୁ ଅନେକ କଷ୍ଟ ଦେଲା । ମାତ୍ର ସ୍ଥିତପ୍ରଜ୍ଞ ମହାବୀର ସେସବୁକୁ ପ୍ରଶାନ୍ତ ବଦନରେ ସହିଗଲେ । ଚାତୁର୍ମାସ୍ୟ ଉପଗତ ହେଲା ।ଚାତୁର୍ମାସ୍ୟରେ ବିହାର କରିବା ଜୈନ ଶ୍ରମଣଙ୍କ ପାଇଁ ନିଷେଧ । ମହାବୀରଙ୍କର ଏହା ଥିଲା ପ୍ରଥମ ଚାତୁର୍ମାସ୍ୟ ।

ଗ୍ରାମରୁ ଗ୍ରାମ ବିହାର କରି ମହାବୀର ରାଜଗୃହ ଦେଇ ନାଳନ୍ଦାରେ ପହଞ୍ଚଲେ ।ସେଠାରେ ତାଙ୍କୁ ଜଣେ ସାଥି ମିଳିଗଲେ । ମଙ୍ଖଲିପୁତ୍ର ଗୋଶାଳ । ସେ ମଧ ବର୍ଷବାସ ପାଇଁ ସେଠାରେ ଅଟକି ଯାଇଥିଲେ ।ଉଭୟଙ୍କ ମଧରେ ସୌହାର୍ଦ୍ଦ୍ୟ ସ୍ଥାପନ ହେଲା ।ପରସ୍ପର ପ୍ରତି ପରସ୍ପରର

ଆକର୍ଷଣ ବଢ଼ିଲା । ଛଅ ବର୍ଷ ପର୍ଯ୍ୟନ୍ତ ଉଭୟେ ଏକାଠି ରହିଲେ । ଏହି ଅବସରରେ ପରସ୍ପର ଦ୍ୱାରା ପ୍ରଭାବିତ ହେଲେ । ଇଏ ଥିଲା ଦ୍ୱିତୀୟ ଚାତୁର୍ମାସ୍ୟ । ତୃତୀୟ ଚାତୁର୍ମାସ୍ୟ ଉଭୟେ ଚମ୍ପାରେ କଟାଇଲେ ।

ସେଠାରୁ ବାହାରି ସେମାନେ ପହିଲେ କୁମାରାୟ ନିକଟରେ । ସେଠାରେ ପାର୍ଶ୍ୱନାଥଙ୍କର ଶିଷ୍ୟ ସ୍ଥବିର ମୁନିଚନ୍ଦ୍ର ନିଜର ସାଧୁସଂଘ ସହିତ ରହୁଥିଲେ । ତାଙ୍କୁ ପରିଗ୍ରହ ସହିତ ଦେଖି ଗୋଶାଳ ସେ ସମ୍ପର୍କରେ ଆଲୋଚନା କଲେ । ଚୋରାଗ ସନ୍ନିବେଶ ଗଲେ । ସେ ସମୟରେ ଶତ୍ରୁରାଜା ପକ୍ଷରୁ ଆକ୍ରମଣର ଆଶଙ୍କା ସର୍ବଦା ରହୁଥିଲା । ରାଜକର୍ମଚାରୀମାନେ ମହାବୀର ଏବଂ ଗୋଶାଳଙ୍କୁ ଶତ୍ରୁ ପକ୍ଷରୁ ଗୁପ୍ତଚର ଭାବି ବାନ୍ଧି ପକାଇଲେ ଏବଂ ଏକ ଗର୍ତ୍ତ ମଧରେ ଝୁଲାଇ ଦେଲେ । ମହାବୀରଙ୍କର ତପସ୍ୟା ସଫଳତା ଦିଗରେ ଆଗେଇ ଚାଲିଥିଲା । ଉଭୟ ମହାବୀର ଓ ଗୋଶାଳ ପୃଷ୍ଠଚମ୍ପାରରେ ଚତୁର୍ଥ ଚାତୁର୍ମାସ୍ୟ ବିତାଇଥିଲେ ।

ଶ୍ରୀବସ୍ତୀ ଆଦି ସ୍ଥାନରେ ବିହାର କରି ଉଭୟ କଲମ୍ବୁଜ ନିକଟରେ ପହଲ । ଏଥର ସେମାନଙ୍କୁ ଚୋର ବୋଲି ସନ୍ଦେହ କରି ଧରି ନିଆଗଲା । ସେଠାରୁ ସେମାନେ ଚାଲିଲେ ଲାଢ଼ ଦେଶ (ରାଢ଼, ପଶ୍ଚିମ ବଙ୍ଗଳା) ଅଭିମୁଖେ । ମହାବୀରଙ୍କର ସହିବା ଶକ୍ତିର ଅସଲ ପରୀକ୍ଷା ଏବେ ବି ଆରମ୍ଭ ହୋଇନଥିଲା । ଏହି ପ୍ରଦେଶଟି ବଜ୍ରଭୂମି ଓ ସମ୍ଇଭୂମି ନାମକ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ଜନବସତି ଏଠାରେ ଥିଲା ବହୁତ ବିରଳ । ସୁଦୀର୍ଘ ପଥ ଚାଲିବା ପରେ ମଧ ରହିବା ପାଇଁ ସ୍ଥାନ ଖୋଜି ବାହାର କରିବା କଷ୍ଟସାଧ ଥିଲା । ରୂକ୍ଷ ଖାଦ୍ୟ ଖାଉଥିବା ହେତୁ ଏଠାକାର ଅଧିବାସୀମାନେ ଥବଲେ ସ୍ୱଭାବତଃ ଅତ୍ୟନ୍ତ କ୍ରୋଧୀ । ସାଧୁସନ୍ଥଙ୍କ ଛାଇ ପଡ଼ିଲେ ସେମାନଙ୍କ ନାହି ଢ଼େଉଁଥିଲା । ମହାବୀରଙ୍କ ଉଲଗ୍ନ ଶରୀର ଦେଖି ସେମାନେ ତାଙ୍କ ପଛରେ କୁକୁର ଲଗାଇ ଦେଉଥିଲେ । ବେଳେବେଳେ ପ୍ରହାର କରୁଥିଲେ । ପିଲାଏ ତାଙ୍କ ଉପରକୁ ଧୂଳି ପକାଉଥିଲେ କିମ୍ବା ତାଙ୍କୁ ଦେଖି ଭୟରେ ପଳାଇଯାଇ ଘର କୋଣରେ ଲୁଚୁଥିଲେ । କୌଣସି ଗ୍ରାମରେ ମହାବୀର ପହବା ସଂଗେ ସଂଗେ ବ୍ୟବସ୍ଥା ହୋଇଯାଉଥିଲା ତାଙ୍କୁ ତଡ଼ିବା ପାଇଁ । ତାଙ୍କୁ କ୍ଷତ ବିକ୍ଷତ କରି ଦିଆଯାଉଥିଲା ଏବଂ ତାଙ୍କର ଗୋଦହନ, ଉକଣ୍ଠୁ ଆଦି ଆସନରୁ ତାଙ୍କୁ ଖସେଇ ତଳେ ପକେଇ ଦିଆ ହେଉଥିଲା । ମାତ୍ର ସେହି ଦୀର୍ଘ ତପସ୍ୱୀଙ୍କର ଶପଥ ଥିଲା କାୟା, ମନ ଅଥବା ବାକ୍ୟରେ କୌଣସି ପ୍ରାଣୀଙ୍କୁ କଷ୍ଟ ଦେବେ ନାହିଁ । ମହାବୀର ସ୍ୱଶରୀର ମମତ୍ୱବୋଧ ତ୍ୟାଗ କରିଥିଲେ । ସଂଗ୍ରାମର ଅଗ୍ରଭାଗରେ ଦୃଢ଼ତାର ସହିତ ଦଣ୍ଡାୟମାନ ହସ୍ତୀ ପରି ଦୁଃସହ ଦୁଃଖ ତଥା ଲାଞ୍ଛନା ସହ୍ୟ କରି ସେ ନିଜ ନାମର ସାର୍ଥକତା ପ୍ରତିପାଦନ କରିଥିଲେ । ଚରମ ସହନଶକ୍ତି ତଥା ପରମ ଆତ୍ମବିଶ୍ୱାସର ସତେକି ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସେହି ମହାନ୍ ଆତ୍ମା । ଉଦ୍ଧୀୟ (ଉଦିୟା, ଜିଲ୍ଲା ହଜାରିବାଗ)ରେ ମହାବୀର ଓ ଗୋଶାଳ ୫ମ ଚାତୁର୍ମାସ୍ୟ ଅତିବାହିତ କଲେ ।

କୁବିୟ ସନ୍ନିବେଶରେ ଉଭୟଙ୍କୁ ଗୁପ୍ତଚର ଭାବି ପୁଣି ଥରେ ବନ୍ଦୀ କରାଗଲା । ସେଠାରୁ ମୁକ୍ତିପାଇବା ପରେ ସେମାନେ ଚାଲିଲେ ବୈଶାଳୀ ଅଭିମୁଖେ । ଗାଁକୁ ଗାଁ ଭ୍ରମଣ କରିବା ପରେ ପୁଣି ଉଦ୍ଦୀୟ ଆସି ସେଠାରେ ଚାତୁର୍ମାସ୍ୟ କଲେ ।

ତପସ୍ୱୀ ଜୀବନର ସେ ଛଅ ବର୍ଷ ତାଙ୍କର ଅତିବାହିତ ହେଲା ଅତି କଷ୍ଟରେ । ଭୋକ, ଶୋଷ, ଗ୍ରୀଷ୍ମ, ଶୀତ, ମଶା, ଡ଼ାଆଁଶ, ସାପ, ବିଛା, ହିଂସ୍ର ଜୀବଜନ୍ତୁ ଅଥବା ରାଜକର୍ମଚାରୀଙ୍କ ଉପଦ୍ରବ୍ୟ ସବୁକିଛି ସେ ସହି ଯାଉଥିଲେ ହସି ହସି ନୀରବରେ । ଭବିଷ୍ୟତ ଜୀବନ ପାଇଁ ଏହାକୁ ସେ ତାଲିମ ବୋଲି ଗ୍ରହଣ କରିନେଉଥିଲେ ।

ଗ୍ରାମରୁ ଗ୍ରାମ ପରିଭ୍ରମଣ କରି ସେମାନେ ପହିଲେ । ଲୋହଗ୍‌ଗଲା (ଲୋହର ଡ଼ଗ୍‌ଗା, ଜିଲ୍ଲା ଠାରେ । ରାଜଧାନୀରେ ଗୁପ୍ତଚରଙ୍କ ଉପଦ୍ରବ ବଢ଼ି ଯାଇଥିଲା । ଗୁପ୍ତଚର ବୋଲି ସନ୍ଦେହ କରି ପୁଣି ଥରେ ସେମାନଙ୍କୁ ବନ୍ଦୀ କରିନିଆଗଲା । ସେଠାରୁ ପୁରିମତାଲ (ମାନଭୂମି ନିକଟରେ ପୁରଲିୟା) ଓ ଗୋଭୂମି (ଗୋମହ, ଜିଲ୍ଲା ଗୟା) ଦେଇ ସେମାନେ ରାଜଗୃହରେ । ସେଠାରେ ଅଷ୍ଟମ ଚାତୁର୍ମାସ୍ୟ କଟାଇଲେ ।

ପୁଣିଥରେ ମହାବୀର ଗୋଶାଳଙ୍କୁ ସାଥିରେ ନେଇ ଲାଢ଼ ଦେଶରେ ବିହାର କରିବାକୁ ସ୍ଥିର କଲେ । ପୁଣି ସେଇ ଅପମାନ, ଲାଞ୍ଛନା, ଉପଦ୍ରବ ଓ ଶାରୀରିକ ଯାତନାର ହେଲା ପୁରାବୃତି୍ । ମାତ୍ର କଷ୍ଟ ସହ୍ୟ କରିବାର ସଫଳ ଅଭ୍ୟାସ କରିସାରିଥିଲେ ମହାବୀର । ଶରୀର ପ୍ରତି ଥିବା ମୋହ-ମମତା ସିଏ ସମ୍ପୁର୍ଣ୍ଣ ତ୍ୟାଗ କରିସାରିଛି ତାର ପୁଣି କି ଲାଞ୍ଛନା, କି କଷ୍ଟ ?

ଲାଢ଼ ଦେଶରୁ ସେମାନେ ଚାଲିଲେ ସିଧତ୍‌ଥପୁର । ସେଠାରୁ ଯାଇ ପହିଲେ କୁମ୍ଭଗ୍ରାମରେ । ସେଠାରେ ବୈଶ୍ୟାୟନ ନାମକ ବାଲ-ତପସ୍ୱୀଙ୍କ ସହିତ ଗୋଶାଳଙ୍କର ତର୍କ ବିତର୍କ ହେଲା । ବୈଶ୍ୟାୟନ ରାଗିଯାଇ ଗୋଶାଳଙ୍କ ପ୍ରତି ତେଜୋଲେଶ୍ୟ ଛାଡ଼ିଲେ । ମହାବୀର ଗୋଶାଳଙ୍କୁ ଇଲେ । ମହାବୀରଙ୍କ ଦ୍ୱାରା ପ୍ରତିପାଦିତ ତେଜୋଲେଶ୍ୟା ସିଧ୍ କରିବା ପାଇଁ ଗୋଶାଳ ଶ୍ରୀବସ୍ତି ଚାଲିଗଲେ । ମହାବୀର ବୈଶାଳୀ ରାସ୍ତା ଧରିଲେ । ସେଠାରୁ ଡ଼ଙ୍ଗାରେ ଗଣ୍ଡକ ନଦୀ ପାରି ହୋଇ ବାଣିଜ୍ୟ ଗ୍ରାମ ଯିବା କଥା । ମାତ୍ର ଡ଼ଙ୍ଗା ଭଡ଼ ନଦେଇ ପାରିଲେ ତାଙ୍କୁ କିଏବା ଘାଟ ପାରି କରିଦେବ ? ଯାହାହେଉ, କୌଣସିମତେ ବାଣିଜ୍ୟ ଗ୍ରାମରେ ପହଲେ । ସେଠାରୁ ଶ୍ରୀବସ୍ତୀ ଯାଇ ଦଶମ ଚାତୁର୍ମାସ୍ୟ ବିତାଇଲେ ।

ବିହାର କରି କରି ଦଢ଼ଭୂମି (ଧଳମୁମ୍, ଜିଲ୍ଲା ସିଂହଭୂମ୍)ରେ ପହଲେ । ସେ ରାଜ୍ୟ ଥିଲା ମୁଖ୍ୟତଃ ଅନାର୍ଯ୍ୟ ଲୋକଙ୍କର ବାସସ୍ଥାନ । ସେଠାରେ ଏବଂ ଆଖପାଖରେ ମହାବୀରଙ୍କୁ ଅନେକ କଷ୍ଟ ସହିବାକୁ ପଡ଼ିଥିଲା । ତଥାପି ସେ ଛଅମାସ ପର୍ଯ୍ୟନ୍ତ ବୁଲିଲେ । ତୋସାଳୀ (ଧୌଳି, ଜିଲ୍ଲା କଟକ)ରେ ପହିବା କ୍ଷଣି ତାଙ୍କୁ ଚୋର ବୋଲି ସନ୍ଦେହ କରି ଧରିନିଆଗଲା ଓ ଫାଶୀଖୁ□ରେ ଚଢ଼େଇ ଦିଆହେଉଥିଲା । କୌଣସିମତେ ସେ ସଂକଟରୁ ଉଧାର ପାଇ ସେ ଦୀର୍ଘ ତପସ୍ୱୀ

ଆବିଭିୟା, ସେୟଲୟା, ଶ୍ରୀବସ୍ତୀ, କୌଶାମ୍ବୀ, ବାରଣାସୀ, ରାଜଗୃହ ଏବଂ ମିଥଳା ପରିଭ୍ରମଣ କରି ପୁଣି ବୈଶାଳୀରେ ପହିଲେ । ସେଠାରେ ଏକାଦଶ ଚାତୁର୍ମାସ୍ୟ କଟାଇଲେ ।

ସେଠାରୁ ପୁଣି କୌମ୍ବୀ ଲେଉଟିଲେ । ନଗରରରେ ଭ୍ରମଣ କରି କରି ବହୁତ ଦିନ ବିତିଗଲା, କିନ୍ତୁ ଅଭିଗ୍ରହ ପୂରଣ ନହେବାରୁ ତାଙ୍କୁ ଆହାର ଲାଭ ହେଲା ନାହିଁ । ଚମ୍ପାନଗରୀର ରାଜା ଦଧିବାହନଙ୍କ କନ୍ୟା ଚନ୍ଦନବାଳା ଦାସୀ ହୋଇ ଲୁହାବେଡ଼ିରେ ବନ୍ଧା ହୋଇ ପଡ଼ିଥିଲେ । ତାଙ୍କରି ହାତରୁ ଝୋଳରେ ପଡ଼ିଥିବା ବିରିଡ଼ାଲି ଖାଇ ସେ ପାରଣାକଲେ । ଚମ୍ପାରେ ଦ୍ୱାଦଶ ଚାତୁର୍ମାସ୍ୟ ବିତିଲା ।

ବାରବର୍ଷର ତପସ୍ୟା କିଛି କମ୍ କୁଚ୍ଛ୍ର ସାଧନା ନୁହେଁ । କେଡ଼େ କେଡ଼େ ପରାକ୍ରମୀଙ୍କର ଧୈର୍ଯ୍ୟଚ୍ୟୁତି ଘଟିଯାଇଛି, ମନ ବିଚଳିତ ହୋଇଯାଇଛି, ପୂର୍ବର ଭୋଗ ବିଳାସ ମନେ ପଡ଼ି ଜୀବନ ଅତିଷ୍ଠ ହୋଇ ଉଠିଛି । ବୋଧ ହେଉଥିଲା, ମହାବୀର ମାନବ ଜନ୍ମ ପାଇଁ ମଧ ଅତିମାନବ ସ୍ତରକୁ ଉଠି ଯାଇଥିଲେ । କେବଳ ଶରୀର ଧାରଣ ପାଇଁ ସେ ରୁଖା-ସୁଖା ଗଣ୍ଡାଏ ଖାଉଥିଲେ ସିନା, ଅଧିକାଂଶ ସମୟ ତାଙ୍କର ଉପବାସରେ କଟୁଥିଲା । ଜଳସୁଧା ସ୍ପର୍ଶ କରୁନଥିଲେ । ତାଙ୍କ ପାଇଁ ଅନ୍ୟଲୋକ ପ୍ରସ୍ତୁତ କରୁଥିବା ଖାଦ୍ୟ ସେ ସ୍ପର୍ଶ କରୁନଥିଲେ । ଭିକ୍ଷା ପାଇଁ ବାଟରେ ଗଲାବେଳେ ଶ୍ରମଣ, ବ୍ରାହ୍ମଣ, ଭିକ୍ଷୁକ, ଅତିଥବ, ଚଣ୍ଡାଳ, ବିରାଡ଼ି, କୁକୁର ତଥା କ୍ଷଧା-ତୃଷ୍ଣାତୁର ପକ୍ଷୀଙ୍କୁ ଦେଖିଲେ ତାଙ୍କର ହୃଦୟ ଦୟା ବିଗଳିତ ହେଉଥିଲା ଏବଂ ସେ ନୀରବରେ ସେଠାରୁ ପ୍ରସ୍ଥାନ କରୁଥବଲେ । ଖାଦ୍ୟ ପେୟ ପ୍ରତି ତାଙ୍କ ତିଳେ ହେଲେ ଆସକ୍ତି ନଥିଲା । ରୁଖା-ସୁଖା, ବାସି-ଥଣ୍ଡା ଖାଦ୍ୟ ଖାଉଥବଲେ ଏବଂ ତାହା ବି ଯଦି ମିଳୁନଥିଲା ତେବେ ଶାନ୍ତ ଭାବରେ କ୍ଷୁଦା ସମ୍ବରଣ କରି ରହିଯାଉଥିଲେ । ସ୍ୱାସ୍ଥ୍ୟ ପ୍ରତି ସେ ଏତେ ଟିକେ ମଧ ଧାନ ଦେଉନଥିଲେ । ଅକସ୍ମାତ୍ ନିଦ ଲାଗିଆସିଲେ ସୁଧା ହଠାତ୍ ଉଠିପଡ଼ି ଧାନରେ ବସିଯାଉଥିଲେ । ରୋଗ ହେଲେ ଚିକିତ୍ସା କରାଉନଥିଲେ । ବରେଚନ, ବମନ, ବିଲେପନ ଇତ୍ୟାଦି ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହୁଥିଲେ । ଭୟଙ୍କର ଶୀତ ଋତୁରେ ଯେତେବେଳେ କି ଅସମ୍ଭବ ଥଣ୍ଡା ପବନର ପ୍ରକୋପ ସହି ନପାରି ଲୋକଙ୍କର ଦାନ୍ତକୁ ଦାନ୍ତ ବାଡ଼େଇ ହେଉଥିଲା, ବଡ଼ ବଡ଼ ତପସ୍ୱୀ ତଥା ସାଧୁ ସନ୍ୟାସୀ, ସୁଧା ବାୟୁରହିତ ଛତ୍ରହୀନ ସ୍ଥାନ ଅନ୍ୱେଷଣ କରୁଥିଲେ, ନିଆଁ ଜାଳି ଅଥବା ମୋଟା ବସ୍ତ୍ର ଘୋଡ଼ାଇ ହୋଇ ଶୀତର ପ୍ରକୋପରୁ ରକ୍ଷା ପାଇବାକୁ ଚେଷ୍ଟା କରୁଥିଲେ । ଦୀର୍ଘ ତପସ୍ୱୀ ଶ୍ରମଣ ସିଂହ ମହାବୀର ଖୋଲା ସ୍ତାନରେ ନିଜର ଦୁଇ ହାତ ମେଳାଇ ଧାନରେ ଲୀନ ହୋଇ ଯାଉଥିଲେ । ଗ୍ରୀଷ୍ମଋତୁରେ ଉକଣ୍ଡ ନାମକ କଷ୍ଟଦାୟକ ମୁଦ୍ରାରେ ବସି ପ୍ରଚଣ୍ଡ ଖରାବେଳେ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ତପ ସାଧନ କରୁଥିଲେ ।

କର୍ମଫଳ ଅବଶ୍ୟ ମିଳିଥାଏ । ସିଧିମୂଳରେ ଥାଏ ପୁରୁଷାର୍ଥ । ମହାବୀର ଜମ୍ଭିୟା ଗ୍ରାମରେ ପହିସାରିଥିଲେ । ବୈଶାଖ ଶୁକ୍ଳପକ୍ଷ ୧୦ ଦିନ ଏକ ପବିତ୍ର ଦିବସ । ଋଜୁ ବାଳିକା ନଦୀ କୂଳରେ,

ଶ୍ୟାମାକ ନାମକ ଗୃହପତିଙ୍କ ଚାଷ ଜମିରେ ଥିବା ଶାଳବୃକ୍ଷ ମୂଳରେ, ଗୋଦହନ ଆସନରେ ସେ ଧ୍ୟାନ କରୁଥିଲେ । ହଠାତ୍ ତାଙ୍କୁ ବୋଧ ହେଲା, ସତେକି ସମସ୍ତ ବନ୍ଧନ ତୁଟିଯାଇଛି । ମନର ସମସ୍ତ ଗ୍ରନ୍ଥି ଖୋଲି ଖୋଲି ଯାଉଛି, ସଂଶୟରୂପୀ ଅନ୍ଧକାର ନଷ୍ଟ ହୋଇଯାଇଛି, ଚତୁର୍ଦ୍ଦିଗରେ ଜ୍ଞାନାଲୋକ ବିକିରିତ ହେଉଛି । ଯାହା ନଥିଲା ତାହା ମିଳିଗଲା, ଯାହା ଅଜ୍ଞାତ ଥିଲା ତାହା ବିଷୟରେ ସମ୍ୟକ୍ ଜ୍ଞାନ ମିଳିଗଲା । ଯାହା ଅଦୃଷ୍ଟ ଥିଲା ତାହା  ସାକ୍ଷାତ ସମ୍ମୁଖରେ ଉପସ୍ଥିତ ହେଲା, ଯାହା କେବେ ଶୁଣାଯାଇ ନଥିଲା ତାର ଅନାହତ ନାଦ ଶୁଣାଗଲା । ଦୀର୍ଘ ତପସ୍ୱୀଙ୍କର ମନସ୍କାମନା ପୂର୍ଣ୍ଣ ହେଲା । ଜ୍ଞାନ ଚକ୍ଷୁ ଉନ୍ମୋଚିତ ହେଲା । ଜ୍ଞାନର ଏହା ଥିଲା ଚରମ ଅବସ୍ଥା । "ବର୍ତ୍ତମାନ ସେ ନିଶ୍ଚୟ ଅନ୍ୟର ହିତସାଧନ ପାଇଁ କିଛି କରିପାରିବେ" - ତାଙ୍କର ମନରେ ଏତାଦୃଶ ଏକ ଲହରୀ ଉଠିଲା ।

## ମହାବୀରଙ୍କର  ଶିଷ୍ୟମଣ୍ଡଳୀ

ମହାବୀରଙ୍କର କେବଳ ଜ୍ଞାନ ବା ବୋଧି ପ୍ରାପ୍ତିର ଖବର ତଡ଼ିତ୍ ବେଗରେ ସର୍ବତ୍ର ବ୍ୟାପୀପଗଲା । ଏବେ ସେ ତୀର୍ଥଙ୍କର, ବୀତରାଗ, ବୁଧ୍, ଭଗବାନ, ଅର୍ହତ୍, ଜିନ୍, କେବଳୀ, ସର୍ବଜ୍ଞ ଓ ସର୍ବଦର୍ଶୀ ବୋଲାଇବାକୁ ଲାଗିଲେ । ରାଗ, ଦ୍ୱେଷ, କ୍ରୋଧ. ମାନ, ମାୟା ତଥା ଲୋକ ଉପରେ ସେ ବିଜୟଲାଭ କଲେ ।

ଭଗବାନ ଜମ୍ଭିୟାଗ୍ରାମରୁ ମଜ୍‌ଝିମ୍ ପାୱା (ମଧ୍ୟମ ପାୱା, ପାୱା ଅଥବା ଅପ୍‌ପା ; ପାୱାନଗର ଜିଲ୍‌ଣା ଦେଓରିଆ) ଆସିଲେ ଏବଂ ସେଠାରେ ମହାସେନ ଉଦ୍ୟାନରେ ଅବସ୍ଥାନ କଲେ । ସେହି ସମୟରେ ସୋମିଲ ନାମକ ଧାନାଢ଼୍ୟ ବ୍ରାହ୍ମଣ ଏକ ପ୍ରକାଣ୍ଡ ଯଜ୍ଞର ଆୟୋଜନ କରିଥିଲା । ସେଥିରେ ମଗଧର ଶତାଧିକ ବିଦ୍ୱାନ ବ୍ରାହ୍ମଣ ନିଜର ଶିଷ୍ୟମଣ୍ଡଳୀ ସହିତ ଉପସ୍ଥିତ ଥିଲେ । ମଧ୍ୟମ ପାୱାପୁରୀରେ ଖୁବ୍ ଚହଳ ପଡ଼ିଯାଇଥାଏ । ଇନ୍ଦ୍ରଭୂତି, ବାୟୁଭୂତି, ବ୍ୟକ୍ତି, ସୁଧର୍ମା, ମଣ୍ଡିତ, ମୌର୍ଯ୍ୟପୁତ୍ର, ଅକମ୍ପିତ, ଅଚଳାଭ୍ରାତା, ମେତାର୍ଯ୍ୟ ଏବଂ ପ୍ରଭାସ ଇତ୍ୟାଦି ଥବଲେ ସେହି ପଣ୍ଡିତଙ୍କ ଭିତରେ ମୁଖ୍ୟ ଇନ୍ଦ୍ରଭୂତି, ଅଗ୍ନିଭୂତି ଏବଂ ବାୟୁଭୂତି ଏ ତିନି ଭାଇ ଥିଲେ ଗୌତମ ଗୋତ୍ରିୟ । ସେମାନେ ଗୋବୁର ଗ୍ରାମରେ ରହୁଥିଲେ । ବ୍ୟକ୍ତ ଓ ସୁଧର୍ମା ଥିଲେ କୋଲ୍ଲାଗ ସନ୍ନିବେଶର ଅଧିବାସୀ । ବ୍ୟକ୍ତିଙ୍କର ଗୋତ୍ର ଥିଲା ଭରଦ୍ୱାଜ ଏବଂ ସୁଧର୍ମାଙ୍କର ଅଗ୍ନି ବୈଶୟନ । ଉଭୟ ମଣ୍ଡିତ ଓ ମୌର୍ଯ୍ୟପୂତ୍ର ସନ୍ନିବେଶର ଅଧିବାସୀ ଥିଲେ । ମଣ୍ଡିତ ବିଶିଷ୍ଠ ଗୋତ୍ରର ଏବଂ ମୌର୍ଯ୍ୟପୁତ୍ର କଶ୍ୟପ ଗୋତ୍ରର ଥିଲେ । ଅକମ୍ପିତ ଥିଲେ ମିଥବଳାବାସୀ ଏବଂ ଗୌତମ ଗୋତ୍ରୀୟ । ହାରିତ୍ ଗୋତ୍ରିୟ ଅଚଳଭ୍ରାତା ଥିଲେ କୋଶଳବାସୀ । ମେତାର୍ଯ୍ୟ ଓ ପ୍ରଭାସ କୌଣ୍ଡିନ୍ୟ ଗୋତ୍ରିୟ ମେତାର୍ଯ୍ୟ ତୁଙ୍ଗିକର ଓ ପ୍ରଭାସ ରାଜଗୃହର ଅଧିବାସୀ ଥିଲେ । ଏମାନଙ୍କ ବ୍ୟତୀତ ଆହୁରି ଅନେକ ଦିଗ୍‌ଗଜ ପଣ୍ଡିତ ଭଗବାନ ମହାବୀରଙ୍କର କୀର୍ତ୍ତି ଶୁଣି ନିଜ ନିଜର ସନ୍ଦେହ ମୋଚନ ପାଇଁ ଏବଂ କେହି ତାଙ୍କ ସହିତ ତର୍କଯୁଦ୍ଧରେ ଅବତୀର୍ଣ୍ଣ ହେବାପାଇଁ ସେହି ସହରରେ ପାଦର୍ପଣ

କଲେ । ତୀର୍ଥଙ୍କରଙ୍କର ଦର୍ଶନ ପାଇଁ ଲୋକେ ଥାଟ ପଟାଳୀ ଭାଙ୍ଗିବାକୁ ଲାଗିଲେ । ସତେକି ସ୍ୱର୍ଗରୁ କେହି ଜଣେ ଦେବତା ପୃଥିବୀ ପୃଷ୍ଠରେ ଅବତରଣ କରିଛନ୍ତି ।

ଇନ୍ଦ୍ରଭୂତି ଥିଲେ ଭେଜଟି ବିଦ୍ୟାରେ ପାରଙ୍ଗମ । ଅନ୍ୟାନ୍ୟ ଏଗାର ଜଣ ବ୍ରାହ୍ମଣ ବିଦ୍ୱାନ ନିଜ ନିଜ ବିଷୟରେ ଥବଲେ ଅସାଧାରଣ ପଣ୍ଡିତ । ନିଜ ନିଜର ସନ୍ଦେହ ନେଇ ସେମାନେ ପହଲେ ମହାସେନ ଉଦ୍ୟାନରେ । ଇନ୍ଦ୍ରଭୂତିଙ୍କର ସନ୍ଦେହ ଥିଲା ଆତ୍ମା ସମ୍ବନ୍ଧରେ । ଅଗ୍ନିଭୂତି ଜାଣିବାକୁ ଚାହୁଁଥିଲେ କର୍ମ ସମ୍ପର୍କରେ । ବାୟୁଭୂତି ଜୀବ ଏବଂ ଶରୀରକୁ ଏକ ବୋଲି ଭାବୁଥିଲେ । ବ୍ୟକ୍ତି ଏହି ପ୍ରତ୍ୟକ୍ଷୀଭୂତ ଜଗତକୁ ସ୍ୱପ୍ନ ସଦୃଶ ଏକ ଭ୍ରମ ବୋଲି ବିଚାର କରୁଥିଲେ । ସୁଧର୍ମା କହୁଥିଲେ ଯେ ଏ ଜନ୍ମରେ ଯେ ଯେଉଁ ଯୋନିରେ ଜନ୍ମ ହୋଇଛି ପରଜନ୍ମରେ ସେ ସେଇ ଯୋନିରେ ଜନ୍ମ ହେବା ବିଧେୟ । ମଣ୍ଡିତଙ୍କର କର୍ମବନ୍ଧ ତଥା ମୋକ୍ଷର ବାସ୍ତବିକତା ସମ୍ପର୍କରେ ସନ୍ଦେହ ଥିଲା । ମୌର୍ଯ୍ୟପୁତ୍ରଙ୍କର ସ୍ୱର୍ଗ, ଅକମ୍ପିତଙ୍କର ନର୍କ, ଅଚଳଭ୍ରାତାଙ୍କର ପୁଣ୍ୟ-ପାନ, ମେତାର୍ଯ୍ୟଙ୍କର ପରଲୋକ ଓ ପ୍ରଭାସଙ୍କର ନିର୍ବାଣ ସମ୍ପର୍କରେ ସନ୍ଦେହ ଥିଲା ।

ଭଗବାନ ମହାବୀରଙ୍କ ସହିତ ସେ ବିଦ୍ୱାନ ମାନଙ୍କର ବହୁ ସମୟ ଧରି ଚର୍ଚ୍ଚା, ତର୍କ-ବିତର୍କ, ଉତ୍ର-ପତ୍ୟୁତ୍ର ଚାଲିଲା । ଭଗବାନ ମହାବୀର ନିଜର ଶାନ୍ତ, ଗମ୍ଭୀର ଅନୁପମ ଶୈଳୀରେ ପ୍ରତ୍ୟେକ ପ୍ରଶ୍ନର ଉତ୍ର ଦେଉଥିଲେ । ତାଙ୍କର ଶାନ୍ତି ତଥା ପ୍ରସନ୍ନ ମୁଖ ମୁଦ୍ରାରେ ସମସ୍ତେ ପ୍ରଭାବିତ ହେଉଥିବା ଭଳି ମନେହେଉଥିଲା । ଶେଷରେ ନିଜ ନିଜର ସନ୍ଦେହ ଦୂର ହୋଇଯିବା ପରେ ଜଣେ ଏଗାରଜଣଯାକ ବିଦ୍ୱାନ ଭଗବାନଙ୍କର ଶିଷ୍ୟତ୍ୱ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କଲେ । 'ଅହୋ ! ସ୍ୱୟଂ ଯେଉଁମାନେ ଗୁରୁପଦରେ ପ୍ରତିଷ୍ଠିତ ଥିଲେ, ସେମାନେ ଶିଷ୍ୟ ହୋଇଗଲେ । ଭଗବାନ ମହାବୀର ସେମାନଙ୍କୁ ଶ୍ରାମଣ୍ୟ ଦୀକ୍ଷା ଦେି ନିଜର ପଟ୍ଟାଧର କରିନେଲେ । ଭବିଷ୍ୟତରେ ଏହି ଏଗାରଜଣ ବିଦ୍ୱାନ ମହାବୀରଙ୍କର ଗଣଧର ରୂପେ ପରିଚିତ ହେଲେ । ବାର ଅଙ୍ଗ, ଚଉଦ ପୂର୍ବ ଏବଂ ସମସ୍ତ ଶ୍ରୁତର ଅଧ୍ୟୟନ ତଥା ମନନ କରି ଏମାନେ କାହିଁ କାହିଁ ଦୂର ରାଜ୍ୟରେ ଭଗବାନ ମହାବୀରଙ୍କର ସାର୍ବଜନୀନ ଉପଦେଶର ପ୍ରଚାର ତଥା ପ୍ରସାର କରିବାକୁ ଲାଗିଲେ ।

## (ଗ) କେବଳୀ ଅବସ୍ଥା ଓ ନିର୍ବାଣପ୍ରାପ୍ତି

କେବଳ ଜ୍ଞାନ ହେବା ପରେ ଧର୍ମୋପଦେଶ ମାଧମରେ ଜନକଲ୍ୟାଣ କରିବା ବାକି ଥିଲା । ପ୍ରଥମ ଉପଦେଶ ସମୟରେ ହିଁ ଚତୁର୍ବିଧ ସଂଘର ସ୍ଥାପନା ହୋଇଯାଇଥିଲା । ସାଧୁ ବା ସାଧ୍ୱୀ ଆଚାର୍ଯ୍ୟ ଅଥବା ଗଣିନୀଙ୍କର ନେତୃତ୍ୱରେ ରହିବେ, ଶ୍ରାବକଗଣ ଭିକ୍ଷା ପ୍ରଦାନ କରି ସାଧୁ ସାଧ୍ୱୀଙ୍କର ରକ୍ଷଣାବେକ୍ଷଣ କରିବେ ତଥା ସେମାନଙ୍କର ଧର୍ମୋପଦେଶ ଶ୍ରବଣ କରି ଜୀବନ ସଫଳ କରିବେ - ଏହି ପାରସ୍ପରିକ ସହଯୋଗ ଥିଲା ସଂଘ ସ୍ଥାପନାର ଉଦ୍ଦେଶ୍ୟ ।

### ରାଜଗୃହରେ ମେଘକୁମାରଙ୍କ ଦୀକ୍ଷା

ମଧମ ପାୱାରେ କିଛି ଦିନ ଅତିବାହିତ କରି କୈବଲ୍ୟ ଅବସ୍ଥା ପ୍ରାପ୍ତ ହୋଇଥିବା ଭଗବାନ ମହାବୀର ଗ୍ରମାରୁ ଗ୍ରାମାନ୍ତର କରି ରାଜଗୃହରେ ପହିଲେ । ସେଠାରେ ଗୁଣଶୀଳ ଚୈତନ୍ୟରେ ଅବସ୍ଥାନ କଲେ । ତାଙ୍କ ଆଗମନ ବାର୍ତ୍ତା ଗଳିକନ୍ଦିରେ ବିଜୁଳି ପ୍ରାୟେ ଖେଳିଗଲା । ତାଙ୍କର ଦର୍ଶନାଭିଳାଷୀ ଅନେକ ଉଗ୍ର, ଉଗ୍ରପୁତ୍ର, ଭୋଗ, ଭୋଗପୁତ୍ର, ରାଜନ୍ୟ, କ୍ଷତ୍ରିୟ, ବ୍ରାହ୍ମଣ, ଭଟ୍ଟ ଯୋଧ୍, ଧର୍ମଶାସ୍ତ୍ରପୀଠ, ମଲ୍ଲକୀ,ଲିଚ୍ଛାବୀ, ମାଣ୍ଡଳିକ୍, ଯୁବରାଜ, ଗୃହସ୍ଥ, ଧନୀକ, ନଗରସେଠ, ସେନାପତି ତଥା ସାର୍ଥବାହ ଆଦି ସେଠାରେ ଭିଡ଼ ଜମାଇଲେ ।

ସେ ସମୟରେ ମଗଧରେ ଶ୍ରେଣିକ ବିମ୍ବିସାର ପ୍ରତାପୀ ରାଜା ଶାସନ କରୁଥିଲେ । ତାଙ୍କର ରାଣୀ ଧାରିଣୀଙ୍କଠାରୁ ଉତ୍ପନ୍ନ ରାଜକୁମାର ମେଘକୁମାର ଯେତେବେଳେ ଏ କୋଳାହଳ ଶୁଣିଲେ ତାଙ୍କର କୁକିକୁ ଡ଼ାକିକରି ପଚାରିଲେ । କୁକି ଉତ୍ର ଦେଲେ - "ହେ ଦେବ ନୁପ୍ରିୟ ! ଶ୍ରମଣ ଭଗବାନ ତୀର୍ଥଙ୍କର ମହାବୀର ନଗରୀରେ ପଦାର୍ପଣ କରିଛନ୍ତି । ତାଙ୍କରି ଦର୍ଶନ ପାଇଁ ନଗରବାସୀଙ୍କର ଏ ଭିଡ଼ ।" ଏହା ଶୁଣି ମେଘକୁମାର ଚାରୋଟି ଅଶ୍ୱ ଯୋଗୁ ହେଉଥିବା ରଥକୁ ପ୍ରସ୍ତୁତ କରାଇଲେ, ସ୍ନାନାଦି ନିତ୍ୟକର୍ମ ସାରିଲେ ଓ ବିଭିନ୍ନ ପ୍ରକାର ଅଳଙ୍କାର ବିଭୂଷିତ ହୋଇ ସେ ରଥରେ ଭଗବାନଙ୍କ ଦର୍ଶନାର୍ଥେ ବାହାରିଗଲେ ।

ଦୂରରୁ ଭଗବାନଙ୍କ ଦର୍ଶନ କରି ମେଘକୁମାର ରଥରୁ ଅବତରଣ କଲେ, ଶରୀରରୁ ସମସ୍ତ ରାଜଚିହ୍ନ ଉତାରି ପକାଇଲେ ଏବଂ ଯୋଡ଼ହସ୍ତ ହୋଇ ତାଙ୍କ ନିକଟରେ ପହିଲେ । ଭଗବାନଙ୍କୁ ତିନିଥର ପ୍ରଦକ୍ଷିର କଲେ, ବନ୍ଦନା କଲେ, ନମସ୍କାର କଲେ ଏବଂ ବିନୟପୂର୍ବକ ଉପାସନା କରି ଉପବେସନ କଲେ ।

କେବଳୀ ଭଗବାନଙ୍କର ପ୍ରଥମ ଧର୍ମୋପଦେଶ ଆରମ୍ଭ ହେଲା । ଉପଦେଶ ଶ୍ରବଣ କରି ମେଘକୁମାରଙ୍କ ମନରେ ଦିବ୍ୟ ସନ୍ତୋଷ ଜାତ ହେଲା । ଭଗବାନଙ୍କର ପୁନଃ ପୁନଃ ବନ୍ଦନା କରି ସେ କହିଲେ - "ଭନ୍ତେ ! ଆପଣଙ୍କ ଉପଦେଶ ମୋତେ ଅତ୍ୟନ୍ତ ହିତକର ବୋଧ ହେଉଛି । ନିର୍ଗ୍ରନ୍ଥ ପ୍ରବଚନ ଅତ୍ୟନ୍ତ ରୁଚିକର ହେଲା । ଆପଣଙ୍କ ବକ୍ତବ୍ୟ ସଂପୂର୍ଣ୍ଣ ସତ୍ୟ, ତାହା ମୋର ଇଷ୍ଟ ପାଇଁ ଉଦ୍ଦିଷ୍ଟ, ହେ ଦେବାନୁପ୍ରିୟ ! ମୁଁ ମୋର ମାତା ପିତାଙ୍କ ଅନୁମତି ଆଣି ଆପଣଙ୍କ ପ୍ରବଜ୍ଜ୍ୟା ଗ୍ରହଣ କରିବା ଚାହୁଁଛି ।

ଭଗବାନ ଉତ୍ର ଦେଲା - "ହେ ଦେବାନୁପ୍ରିୟ ! ତୁମେ ଯାହା ଉଚିତ୍ ମନେ କରୁଛ ତାହାକର, ସେତ୍ରରେ କୌଣସି ପ୍ରତିବନ୍ଧକ ନାହିଁ ।" ମେଘକୁମାର ନିଜ ରଥରେ ପୁଣି ପ୍ରସାଦକୁ ଫେରିଲେ । ମାତା-ପିତାଙ୍କ ଚରଣ ବନ୍ଦନା କରି କହିଲେ, "ମୋତେ ଶ୍ରମଣ ଭଗବାନ ମହାବୀରଙ୍କର ଧର୍ମ ଅତ୍ୟନ୍ତ ରୁଚିକର ବୋଧ ହେଲା ।

ମାତା-ପିତା - "ପୁତ୍ର ! ତୁ ଧନ୍ୟ ହେଲୁ । ତୁ ମହା ଭାଗ୍ୟବାନ୍ । ଭଗବାନଙ୍କର ଉପଦେଶ ତୋ ପାଇଁ ପ୍ରୀତିକର ହୋଇଥିବାରୁ ତୋ ଜନ୍ମ ସଫଳ ହୋଇଛି ।

ମେଘକୁମାର - "ଆପଣ ଦୁହେଁ, ଅନୁମତି ଦେଲେ ମୁଁ ଭଗବାନଙ୍କର ଶ୍ରମଣ ଧର୍ମରେ ଦୀକ୍ଷିତ ହେବା ଚାହିଁ ।"

ଏହା ଶୁଣି ରାଣୀ ଦରଣୀ ମୂର୍ଚ୍ଛିତ ହୋଇ ଭୂମିରେ ପଡ଼ିଗଲେ । ଚେତା ଫେରିବା ପରେ ଅଶ୍ରୁବର୍ଷଣ କରି ପୁତ୍ରକୁ କହିଲେ, ହେ ମେଘ ! ତୁ ମୋର ଏକୋଇର ବାଳା ଅନ୍ଧର ଲଉଡ଼ି । ବହୁ ମୂଲ୍ୟ ରତ୍ନ ପରି ପ୍ରିୟ ଉଦୁମ୍ବର ପୁଷ୍ପ ପରି ଦୁର୍ଲଭ । କ୍ଷଣକ ପାଇଁ ସୁଧ୍ ତୋତେ ମୂର୍ଚ୍ଛି ମୁଁ ରହି ପାରିବି ନାହିଁ । ଅତଏବ ଯେ ପର୍ଯ୍ୟନ୍ତ ମୁଁ ଜୀବିତ ଅଛି, ସେ ପର୍ଯ୍ୟନ୍ତ ସାଂସାରିକ ଜୀବନ ଯାପନ କରି । ମୋ ମୃତ୍ୟୁ ପରେ ବଂଶ ବିସ୍ତାର କରି ସାରି ପରିଣତ ବୟସରେ ପଛେ ଗୃହସ୍ଥଧର୍ମ ତ୍ୟାଗ କରି ଶ୍ରମଣ ଦୀକ୍ଷା ଗ୍ରହଣ କରିବୁ ।"

ମେଘକୁମାର - "ମା ! ତୁମେ ଯାହା କହିଲି ତାହା ଠିକ୍ କଥା, ମାତ୍ର ଏ ମନୁଷ୍ୟ ଜୀବନ ଅନିଶ୍ଚିତ, ଅନିତ୍ୟ । ସହସ୍ର ଦୁଃଖ, କ୍ଲେଶର ପରିପୂର୍ଣ୍ଣ । ଏ ଜୀବନରେ କ୍ଷଣଭଙ୍ଗୁର । କେଜାଣି କେତେବେଳେ ଶେଷ ସମୟ ଆସି ପହିଯିବ । ଏଣୁ ମୋତେ ଶ୍ରମଣ ଧର୍ମରେ ଦୀକ୍ଷିତ ହେବାର ଅନୁମତି ଦିଅ । ମୋର ମନୁଷ୍ୟ ଜୀବନ ସାର୍ଥକ ହେଉ ।

ମାତା - "ତୁ ଜାଣିନାହୁଁ, ଶ୍ରମଣ ଭଗବାନ ମହାବୀରଙ୍କ ଧର୍ମ ପାଳନ କେତେ କଷ୍ଟ । ଏଥିରେ ସର୍ପ ପରି ଏକନିଷ୍ଠ ଦୃଷ୍ଟି ତଥା ତରବାରୀ ପରି ଏକନିଷ୍ଠ ଧାର ରଖିବାକୁ ହୁଏ । ଲୁହାର ଚରଣ ଚୋବାଇବା ପରି ଅତ୍ୟନ୍ତ କଠିନ ଅଟେ । ବାଲି ଗ୍ରାସ କରିବାପରି ଅତ୍ୟନ୍ତ ନୀରସ ଅଟେ । ଗଙ୍ଗାର ଉଜାଣି ସ୍ରୋତରେ ପହଁରିବା ପରି ଏକାନ୍ତ କଷ୍ଟକର ଅଟେ । ଆସିଧାରା ବ୍ରତ ପରି ଏହାର ଆଚରଣ ଅତ୍ୟନ୍ତ ଦୁଷ୍କର ଅଟେ । ପୁଅରେ, ଶ୍ରମଣ ନିର୍ଗ୍ରନ୍ଥକୁ ରୁଖା-ଶୁଖା ଖାଦ୍ୟ ଖାଇବା ଜୀବନ ନିର୍ବାହ କରିବାପୁ ପଡ଼ିଥା, । ଭୋକ-ଶୋଷ, ଖରା-ବର୍ଷା ଆଦି ନୀରବରେ ସହିବାକୁ ହୋଇଥାଏ, ରୋଗରେ ପଡ଼ିଲେ ଚିକିତ୍ସା ଅଭାବରୁ ଅଶେଷ ଯନ୍ତ୍ରଣା ସହିବାକୁ ହୋଇଥାଏ । ତୋ ଭଳି ସୁକୁମାର ଶିଶୁ ଏ ଦାରୁଣ କଷ୍ଟ କିପରି ସହିପାରିବି ?"

ମେଘ କୁମାର - "ହେ ମାତା ! ତୁମେ ଯାହା କହିଲ ତାହା ଠିକ୍ କଥା । କିନ୍ତୁ ଏ ଭୟତ କେବଳ ଇହ ଜଗତ ସର୍ବସ୍ୱ ଭୀରୁ ଓ ନପୁଂସକମାନଙ୍କ କ୍ଷେତ୍ରରେ ଶୋଭାପାଏ । ଧୀର, ବୀର, ପରାକ୍ରମୀ ପୁରୁଷ ଏବ ସବୁ ଛୋଟ ଛୋଟ ବିପଦରେ ବିଚଳିତ ହୋଇ ପଡ଼େନା । ଭଗବାନ ମହାବୀରଙ୍କ ନିକଟକୁ ଯାଇ ପ୍ରବ୍ରଜ୍ୟା ଗ୍ରହଣ କରିବାକୁ ତୁମେ ମୋତେ ଅନୁମତି ଦିଅ ।"

ଅନେକ ବୁଝାଇବା ପରେ ମଧ ଯେତେବେଳେ ମେଘକୁମାର ନିଜର ନିଷ୍ପତ୍ତିରେ ଅଟଳ ରହିଲେ ତାଙ୍କର ମାତା କହିଲେ "ତେବେ ଠିକ୍ ଅଛି । ଅନ୍ତତଃ ଦିନକ ପାଇଁ ତୁ ରାଜ୍ୟଭାର ଗ୍ରହଣ କରି ମୋର ଅଭିଳାସ ପୂର୍ଣ୍ଣ କର ।"

ମେଘକୁମାର ମାତା ପିତାଙ୍କ ଆଜ୍ଞା ଶିରୋଧାର୍ଯ୍ୟ କରି ମୌନପୂର୍ବକ ସମ୍ମତି ପ୍ରଦାନ କଲେ । ରାଜା ଶ୍ରେଣିକ ରାଜ୍ୟା ରାଜ୍ୟାଭିଷେକ ପାଇଁ ପ୍ରସ୍ତୁତି କରିବାକୁ କୌଟୁମ୍ବିଙ୍କ ପୁରୁଷଙ୍କ ଆଦେଶ

ଦେଲେ ।

ରାଜକୁମାରଙ୍କୁ ସୁନା ଓ ଚାନ୍ଦି କଳସରେ ସ୍ନାନ କରାଇ ଦିଆଗଲା । ପୁଷ୍ପମାଳାରେ ସଜ୍ଜିତ କରି ଦିଆଗଲା । ଦୁନ୍ଦୁଭି ଘୋଷ ତଥା ଜୟ ବିଜୟ ଶବ୍ଦରେ ଗଗଠ ପବନ ପ୍ରକମ୍ପିତ ହେଲା । ରାଜା ଶ୍ରେଣିକ ପୁତ୍ରକୁ ଆଶୀର୍ବଚକ ଶୁଣାଇଲେ - "ହେ ପୁତ୍ର ! ବିଜୟୀ ହୁଅ, ଶତ୍ରୁକୁ ଦମନ କର ଓ ମିତ୍ରକୁ ପାଳନ କର । ମଗଧର ଆଧିପତ୍ୟ ତମକୁ ପ୍ରାପ୍ତ ହେଉ । ରାଜା ଭରତଙ୍କ ପରି ସୁଖ୍ୟାତି ଅର୍ଜନକରି ରାଜ୍ୟ ଉପଭୋଗ କର ।"

ଅଭିଷେକ ଉତ୍ସବ ସରିବା ସଂଗେ ସଂଗେ ମେଘକୁମାର ସର୍ବପ୍ରଥମେ ଦୋକାନରୁ ସାଧୁଙ୍କ ଯୋଗ୍ୟ ରଜୋହରଣ ଓ ପାତ୍ର ମଗାଇବାକୁ ଆଦେଶ ଦେଲେ । ବାଳ କାଟିବା ପାଇଁ ଭଣ୍ଡାରୀକୁ ଖବର ଦେବାପାଇଁ ଆଦେଶ ଦେଲେ । ଭଣ୍ଡାରୀ ଉପସ୍ଥିତ ହେଲା । ସୁରଭି଼ ଗନ୍ଧୋ ଦକରେ ହସ୍ତ ପଦ ପ୍ରକ୍ଷାଳନ କଲା । ଚାରି ପରସ୍ତ ହୋଇଥିବା ଶୁଧ୍ ବସ୍ତ୍ରରେ ମୁଖ ଆଚ୍ଛାଦନ କଲା ଓ ଚାରି ଅଙ୍ଗୁଳି ମେଘକୁମାରଙ୍କ ବାଳ କାଟିଲା । ମାତା ଧାରିଣୀ ଉକ୍ତ କେଶକୁ ଗୋଟିଏ ବସ୍ତ୍ରରେ ତୋଳିନେଲେ ଏବଂ ସ୍ମୃତି ସ୍ୱରୂପ ତାକୁ ଏକ ରତ୍ନ ଡ଼ବାରେ ବନ୍ଦିକରି ତକିଆ ତଳେ ରଖିଲେ ।

ମେଘକୁମାରଙ୍କୁ ସ୍ନାନ କରାଇ ଦିଆଗଲା । ଗୋଶୀର୍ଷ ଚନ୍ଦନ ବୋଳି ଦିଆଗଲା । ବସ୍ତ୍ର ଓ ଅଳଙ୍କାର ପିନ୍ଧାଇଦିଆଗଲା । ପୁଣି ସେ ପାଲିଙ୍କିରେ ବଢ଼ିଲେ । ଧାରିଣୀ ମାତା ଚଢ଼ିଲେ । ଧାରିଣୀ ମାତା ଡ଼ାହାଣ ପଟେ ଭଦ୍ରାସନରେ ବସିଲେ । ତାଙ୍କର ବାଁ ପଟରେ ରଜୋହରଣ ତଥା ପାତ୍ର ଧାରଣ କରି ଅମ୍ବଧାତା ଆସନ ଗ୍ରହଣ କଲେ । ଦୁଇ ପଟରେ ଦୁଇଜଣ ସୁନ୍ଦରୀ ତରୁଣୀ ଚାମର କଲେ । ଜୟ ବିଜୟ ଶବ୍ଦ ଶୁଣାଗଲା ।

ଗୁଣଶିଳ ବୈତନ୍ୟରେ ପହି ରାଜା ଶ୍ରେଣିକ ଓ ରାଣୀ ସ୍ୱପୁତ୍ରକୁ ଶିଷ୍ୟ ଭିକ୍ଷା ରୂପେ ପ୍ରସ୍ତୁତ କଲେ । ଧାରିଣୀ ମା ଗମ୍ଭୀର ସ୍ୱରରେ ପୁତ୍ରକୁ କହୁଥାନ୍ତି - "ବାପରେ ! ସାବଧାନ ହୋଇ ସଂଯମ ପାଳନ କରୁଥିବୁ । ଅଭିକ୍ରମ କେବେ ଶିଥିଳ କରିବୁ ନାହିଁ । ଭ୍ରମରେ ପଡ଼ିବୁ ନାହିଁ । ଆମେ ମଧ ଭବିଂ୍ୟେତରେ ଏଇ ମାର୍ଗ ଅନୁସରଣ କରୁ । ଭଗବାନ ମହାବୀର ରାଜଗୃହରେ ତାଙ୍କର କ୍ରୟୋଦଶ ବର୍ଷାକାଳ ପୂର୍ଣ୍ଣ କଲେ । କୈବଲ୍ୟ ଅବସ୍ଥା ପ୍ରାପ୍ତି ହେବାପରେ ତାହା ଥିଲା ପ୍ରଥମ ଚାତୁର୍ମାସ୍ୟ ।

ଚତୁର୍ଦ୍ଦଶ ଚାତୁର୍ମାସ୍ୟ - ବ୍ରାହ୍ମଣକୁଣ୍ଡ ଗ୍ରାମରେ ଦେବାନନ୍ଦା ଓ ଋଷଭଦତ୍ଙ୍କ ଦୀକ୍ଷା

ରାଜଗୃହରୁ ଭଗବାନଙ୍କର ଆଗମନ ଶୁଣି ମହାବୀରଙ୍କର ପ୍ରକୃତ ମାତା ପିତା ଦେବାନନ୍ଦା ବ୍ରାହ୍ମଣୀ, ଋଷଭଦତ୍ ବ୍ରାହ୍ମଣ ତଥା ଅନ୍ୟାନ୍ୟ ଜ୍ଞାତି କୁଟୁମ୍ବ ଖୁବ୍ ଉତ୍ସୁକ ହୋଇ ତାଙ୍କର ଦର୍ଶନପାଇଁ ଆସିଲେ । ମାତା ଦେବାନନ୍ଦଙ୍କର ସେ ସମୟରେ କି ଅବସ୍ଥା ହୋଇଥିବ ତାହା କେବଳ କୌଣସି ସହୃଦୟ କବି ଚିତ୍ରଣ କରିପାରେ । ନିଜ ପୁଅକୁ ଦେଖି ତାଭ୍କ ଆଖିରୁ ଅଶ୍ରୁଦାରା ଏବଂ ସ୍ତନରୁ କ୍ଷୀରଧାରା ବହିବାକୁ ଲାଗିଲା । ଗୌତମ ଗଣଧର ପ୍ରଶ୍ନ କଲେ - "ଭଗବାନ୍ ! ଆପଣତ

କ୍ଷତ୍ରିୟାଣୀ ତ୍ରିଶଳାଙ୍କର ପୁତ୍ର । ଆପଣଙ୍କୁ ଦେଖି ଦେବାନନ୍ଦଙ୍କ ସ୍ତନରୁ କ୍ଷୀର ସ୍ରବିଲା କିପରା । ?" ଭଗବାନ ଉତ୍ତର ଦେଲେ - "ହେ ଗୌତମ ! ଦେବାନନ୍ଦା ମୋର ପ୍ରକୃତ ମାତା ଅଟନ୍ତି ଏବଂ ମୁଁ ତାଙ୍କର ପୁତ୍ର ଅଟେ । ନିଜ ପୁଅକୁ ଦେଖି ମାତା ସ୍ତନରୁ କ୍ଷୀର ଝରିବା ସ୍ୱାଭାବିକ ଅଟେ ।"

ମହାବୀର ତାଙ୍କର ମାତା ପିତାଙ୍କୁ ଶ୍ରବଣ ଧର୍ମରେ ଦୀକ୍ଷିତ କଲେ । ବ୍ରାହ୍ମଣ କୁଣ୍ଡ ନିକଟରେ ଥିବା କ୍ଷତ୍ରିୟ କୁଣ୍ଡ ଗ୍ରାମରେ ମହାବୀର ଜନ୍ମଗ୍ରହଣ କରିଥିଲେ । ମହାବୀରଙ୍କର ଉକ୍ତ ପିତାମାତାଙ୍କର ମୃତ୍ୟୁ ତାଙ୍କର ଦୀକ୍ଷାଗ୍ରହଣ ପୂର୍ବରୁ ହୋଇସାରିଥିଲା । କିନ୍ତୁ ତାଙ୍କର ଝିଅ ପ୍ରିୟଦର୍ଶନା ଓ ତାଙ୍କର ଜୋଇଁ ଜାମାଳି ସେଠି ରହୁଥିଲେ । ତାଙ୍କର ବଡ଼ଭାଇ ନନ୍ଦିବର୍ଧନ ମଧ ସେଠରେ ଉପସ୍ଥିତ ଥିଲେ ।

ଭଗବାନ କ୍ଷତ୍ରିୟ କୁଣ୍ଡ ଗ୍ରାମରେ ପହଞ୍ଚିବା ପରେ ତାଙ୍କର ବନ୍ଧୁବାନ୍ଧବ ସାଙ୍ଗସାଥୀ ତାଙ୍କୁ ଦେଖିବା ପାଇଁ ହୁଏତ ବ୍ୟାକୁଳ ହୋଇପଡ଼ିଥିବେ । ମାତ୍ର ସେମାନଙ୍କର ଅଥବା ତାଙ୍କ୍କୁ ପତ୍ନୀ ଯଶୋଦାଙ୍କର କୌଣସି ଉଲ୍ଲେଖ ମଧ ଏଠାରେ ଦେଖିବାକୁ ମିଳେ ନାହିଁ । ଭଗବାନଙ୍କର ଧର୍ମୋପଦେଶ ଶ୍ରବଣ କରି ଜାମାଳି ଶ୍ରମଣ ଦୀକ୍ଷା ଗ୍ରହଣ କଲେ । ପ୍ରିୟଦର୍ଶନା ପତିଙ୍କ ପଦାଙ୍କ ଅନୁସରଣ କଲେ । ବୈଶାଳୀରେ ମହାବୀର ଚତୁର୍ଦ୍ଦଶ ଚାତୁର୍ମାସ୍ୟ କଟାଇଲେ । କେବଳୀ ଅବସ୍ଥାରେ ଏହା ଥିଲା ତାଙ୍କର ଦ୍ୱିତୀୟ ଚାତୁର୍ମାସ୍ୟ ।

## ପ□ଦଶ ଚାତୁର୍ମାସ୍ୟ - କୌଶାମ୍ବୀରେ ଜୟନ୍ତୀଙ୍କର ଦୀକ୍ଷାଗ୍ରହଣ

ବୈଶାଳୀରୁ ଭଗବାନ ବତ୍ସ ଜନପଦ ଅଭିମୁଖେ ବିହାର କଲେ । ସେହି ସମୟରେ କୌଶାମ୍ବୀରେ ରାଜା ଶତାନୀକ ରାଜ୍ୟ ଶାସନ କରୁଥାନ୍ତି । ତାଙ୍କ ରାଣୀଙ୍କ ନାମ ମୃଗାବତୀ । ଉଦୟନ ତାଙ୍କର ପୁତ୍ର ।

ମହାବୀର ଯେତେବେଳେ କୌଶାମ୍ବୀ ଆଗମନ କଲେ ରାଜକୁମାର ଉଦୟନ, ତାଙ୍କର ମାତା ମୃଗାବତୀ ଏବଂ ପିଉସୀ ଜୟନ୍ତୀଙ୍କ ସହିତ ତାଙ୍କର ପୂଜା -ଅର୍ଚ୍ଚନା ପାଇଁ ଗଲେ । ଧର୍ମୋପଦେଶ ଶୁଣିବା ପରେ ଉଦୟନ ତାଙ୍କର ମାଆଙ୍କ ସହିତ ଫେରିଆସିଲେ, ମାତ୍ର ଜୟନ୍ତୀ ସେଇଠାରେ ରହିଗଲେ । ଭଗବାନ ମହାବୀରଙ୍କଠାରୁ ସେ ତାଙ୍କର ଅନେକ ସନ୍ଦେହର ସମାଧାନ ପାଇଲେ ।

ଜୟନ୍ତୀ - "ଭଗବାନ୍ । ସୁ ପ୍ତି ଶ୍ରେୟ, ନା ଜାଗୃତି ?"

ମହାବୀର- "ଜୟନ୍ତୀ ! କେତେକ ଲୋକଙ୍କ ପକ୍ଷରେ ସୁପ୍ତି ଶ୍ରେୟ । ଆଉ କେତେକଙ୍କ ପକ୍ଷରେ ଜାଗୃତି । ଅଧାର୍ମିକ ବ୍ୟକ୍ତି ପକ୍ଷରେ ଶୋଇରହିବା ଭଲ, କାରଣ ତଦ୍ଦ୍ୱାରା ସେ ପରର ମଙ୍ଗଳ କରିବା ସଂଗେ ସଂଗେ ନିଜେ ପୁଣ୍ୟ ଅର୍ଜନ କରିପାରେ ।

ଜୟନ୍ତୀ ଭଗବାନ୍ ମହାବୀରଙ୍କ ନିକଟରେ ଆହୁରି ଅନେକ ପ୍ରଶ୍ନ ନିବେଦନ କଲେ ।

ପ୍ରତ୍ୟେକଟି ପ୍ରଶ୍ନର ଯଥାଯତ ଉତ୍ର ପାଇଁ ସନ୍ତୋଷ ଲାଭ କଲେ । ଶ୍ରମଣୀ-ଦୀକ୍ଷା ଗ୍ରହଣ କରି ନିର୍ବାଣପଦ ଲାଭ କଲେ । କୌଶାମ୍ବୀରୁ ଭଗବାନ କୋଶଳ ଅଭିମୁଖେ ବିହାର କଲେ । ଶ୍ରୀବସ୍ତୀରେ ପ୍ରବେଶ କରି ସେ ସୁମନୋଭଦ୍ର ତଥା ସୁପ୍ରତିଷ୍ଠ ନାମକ ଦୁଇଜଣା ଗୃହସ୍ଥଙ୍କୁ ଶ୍ରମଣ ଧର୍ମରେ ଦୀକ୍ଷିତ କଲେ ।

ମହାବୀର ଭଗବାନ ପୁଣି ନିଜର ଜନ୍ମଭୂମି ବିଦେହକୁ ପ୍ରତ୍ୟାବର୍ତ୍ନ କଲେ । ବାଣିଜ୍ୟ ଗ୍ରାମରେ ପହି ସେ ଦୁଇପଲାସ ଚୈତରେ ଅବସ୍ଥାନ କଲେ ।

ବାଣିଜ୍ୟ ଗ୍ରାମରେ ଆନନ୍ଦ ନାମକ ଜଣେ ସମୃଦ୍ଧିଶାଳୀ ଗୃହପତି ବାସକରୁଥିଲେ । ତାଙ୍କରି ସୁନା ଚାନ୍ଦି, ଗାଈ-ବଳଦ, ଖେତ ହଳ, ଯାନ-ବାହନ ଏବଂ ଯାନପାନ୍ତ୍ର ଆଦି ଥିଲା । ଭଗବାନଙ୍କର ଉପଦେଶ ଶ୍ରବଣ କରି ଆନନ୍ଦ ଶ୍ରାବକର ୧୨ ବ୍ରତ ଗ୍ରହଣ କଲେ । ଶ୍ରମଣ - ନିର୍ଗ୍ରନ୍ଥଙ୍କୁ ନିର୍ଦ୍ଦୋଷ ଅନ୍ନପାନାଦି ଦ୍ୱାରା ସମ୍ମାନିତ କରି ତାଙ୍କର ଉପାସନା କରିବାର ନିୟମ ଗ୍ରହଣ କଲେ । ଆନନ୍ଦଙ୍କର ପତ୍ନୀ ଶିୟାନନ୍ଦା ମଧ ଶ୍ରାବିକ ବ୍ରତ ଗ୍ରହଣ କଲେ । ଭଗବାନ ବାଣିଜ୍ୟ ଗ୍ରାମରେ ୧୫ଶ ଚାତୁର୍ମାସ୍ୟ - ଅର୍ଥାତ୍ କେବଳ ଜ୍ଞାନପ୍ରାପ୍ତି ପରେ ତୃତୀୟ ଚାତୁର୍ମାସ୍ୟ - ଅର୍ଥାତ୍ କେବଳ ଜ୍ଞାନପ୍ରାପ୍ତି ପରେ ତୃତୀୟ ଚାତୁର୍ମାସ୍ୟ ଅତିବାହିତ କଲେ ।

## ଷୋଡ଼ସ ଚାତୁର୍ମାସ୍ୟ ରାଜଗୃହରେ

ବାଣିଜ୍ୟ ଗ୍ରାମରୁ ଭଗବାନ ପୁନଶ୍ଚ ମଗଧ ଅଭିମୁଖେ ବିହାର କଲେ । ରାଜଗୃହରେ ଧନ୍ୟ ତଥା ଶାଳିଭଦ୍ରଙ୍କୁ ଶ୍ରମଣ ଧର୍ମରେ ଦୀକ୍ଷିତ କଲେ । ଭଗବାନ ମହାବୀର ସେଠାରେ ଷୌଡ଼ଶ କୈବଲ୍ୟ ଅବସ୍ଥା ପରେ ଚତୁର୍ଥ ଚତୁର୍ମାସ୍ୟ ଅତିବାହିତ କଲେ ।

## ସପ୍ତଦଶ ଚାତୁର୍ମାସ୍ୟ ବାଣିଜ୍ୟ ଗ୍ରାମରେ

ରାଜଗୃହରୁ ଭଗବାନ ଚମ୍ପା ଅଭିମୁଖେ ପ୍ରସ୍ଥାନ କଲେ । ଚମ୍ପାରେ ରାଜକୁମାର ମହାଚନ୍ଦ୍ରଙ୍କୁ ଶ୍ରମଣ ଧର୍ମରେ ଦୀକ୍ଷିତ କଲେ । କାମଦେବଙ୍କୁ ଶ୍ରମଣ ଉପାସକ କରାଇଲେ । ଭଗବାନ ନିର୍ଗ୍ରସ୍ଥ ନିର୍ଗ୍ରନ୍ଥିନୀମାନଙ୍କୁ କାମଦେବଙ୍କ ପରି ଦୃଢ଼ ଆତ୍ମ ସଂଯମ ପାଳନ କରିବାକୁ ଉପଦେଶ ଦେଲେ ।

ଚମ୍ପାରୁ ସିନ୍ଧୁ-ସୌବୀ ଜନପଦର ରାଜା ଉଦୟନଙ୍କୁ ଶ୍ରମଣ ଧର୍ମରେ ଦୀକ୍ଷିତ କରିବା ପାଇଁ ଭଗବାନ ମହାବୀର ବୀତଭୟ ନଗରକୁ ଗମନ କରିଥିବାର ଉଲ୍ଲେଖ ମିଳେ । ତାପରେ ବାଣିଜ୍ୟ ଗ୍ରାମରେ ସେ ସପ୍ତଦଶ କେବଳୀ ଅବସ୍ଥାରେ ୫ମ ଚାତୁର୍ମାସ୍ୟ ବିତାଇଲେ ।

ରାଜଗୃହରେ ଅଷ୍ଟାଦା ଚାତୁର୍ମାସ୍ୟ

ଭଗବାନ ମହାବୀର ବାଣିଜ୍ୟ ଗ୍ରମାରୁ ବାରଣାସୀ ଆସିଲେ ଏବଂ କୋଷ୍ଟକ ଚୈତରେ ଅବସ୍ଥାନ କଲେ । ଏଠାରେ ସେ ଗୃହପତି ଚୁଲଣିପିତା ଓ ଗୃହପତି ସୁରାଦେବଙ୍କୁ ଶ୍ରାବକ ବ୍ରତ

ପ୍ରଦାନ କଲେ ।

ବାରଣାସୀରୁ ସେ ଅଲିଭିୟା ଆସିଲେ । ପୁଦ୍‌ଗଳ ପରିବ୍ରାଜକ ଶ୍ରମର ଦୀକ୍ଷା ଗ୍ରହଣ କଲେ । ଆଲଭିୟାର ଚୁଲ୍ଲଶତକ ଗୃହପତି ଶ୍ରାବକ ବ୍ରତ ଗ୍ରହଣ କଲେ । ଆଲିଭିୟାରୁ ମଗଧ ଅଭିମୁଖେ ବିହାର କଲେ । ରାଜଗୃହରେ ମକାୟୀ ଆଦି ଗୃହସ୍ଥଙ୍କୁ ଶ୍ରମଣ ଧର୍ମରେ ଦୀକ୍ଷିତ କଲେ । ଭଗବାନ ଏଠାରେ ଅଷ୍ଟାଦଶ କେବଳୀ ଅବସ୍ଥାରେ ଷଷ୍ଠ ଚାତୁର୍ମାସ୍ୟ ପାଳନ କଲେ ।

ଉନବିଂଶ ଚାତୁର୍ମାସ୍ୟ ଭଗବାନଙ୍କ ବିହାର ଜାରି ରହିଲା । ମଗଧରାଜା ଶ୍ରେଣିକ ବିମ୍ବିସାର ମହାବୀରଙ୍କୁ ଦର୍ଶନ କଲେ । ମହାବୀର ଭବିଷ୍ୟତବାଣୀ କଲେ ଯେ ଶ୍ରେଣିକ ତାଙ୍କର ମୃତ୍ୟୁପରେ ନର୍କଗାମୀ ହେବେ, ମାତ୍ର ତାପରେ ତୀର୍ଥଙ୍କର ହେବେ । ରାଜଗୃହରେ ଭଗବାନ ଶ୍ରେଣିକ ପୁତ୍ର ଅଭୟକୁମାର ତଥା ଅନ୍ୟ ରାଜପୁତ୍ରମାନଙ୍କୁ ଶ୍ରମଣ ଧର୍ମରେ ଦୀକ୍ଷିତ କରାଇଲେ । ଶ୍ରେଣିକଙ୍କର ଅନେକ ରାଣୀ ମଧ ଶ୍ରମୀ ଦୀକ୍ଷା ଗ୍ରହଣ କଲେ । ଭଗବାନଙ୍କର ଏହା ଥିଲା ଉନବିଂଶ କେବଳୀ ଅବସ୍ଥାରେ ସପ୍ତ ଚାତୁର୍ମାସ୍ୟ ।

## ବୈଶାଳୀରେ ବିଂଶତିତମ ଚାତୁର୍ମାସ୍ୟ

କେବଳୀ ଭଗବାନ ବସ୍ତ୍ରଦେଶ ଅଭିମୁଖେ ପ୍ରୟାଣ କଲେ । ଯେତେବେଳେ ସେ କୌଶାମ୍ବୀକୁ ଆସିଲେ ଉଜ୍ଜୟିନୀର ରାଜା ଚଣ୍ଡପ୍ରଦ୍ୟୋତ ରାଣୀ ମୃଗାବତୀଙ୍କୁ ପାଇବା ପାଇଁ କୌଶାମ୍ବୀ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଥିଲେ । ଯୁଧ୍‌ରୁ ରାଜ୍ୟବାସୀଙ୍କୁ ବାଇବାପାଇଁ ମୃଗାବତୀ ମହାବୀରଙ୍କର ଶରଣ ପଶିଲେ । ଚଣ୍ଡପ୍ରତ୍ୟୋତ ସେଠାରେ ପୂର୍ବରୁ ଉପସ୍ଥିତ ଥିଲେ । ସ୍ତ୍ରୀମାନଙ୍କ ପ୍ରତି ପୁରୁଷଙ୍କର ଲମ୍ପଟତା ସମ୍ପର୍କରେ ଭଗବାନ ସେତେବେଳେ ଆଖ୍ୟାନ ଶୁଣାଉଥିଲେ । ସେହି ଅବସରରେ ମୃଗାବତୀ ଦୀକ୍ଷା ଗ୍ରହଣ କରିବାର ଇଚ୍ଛା ପ୍ରକଟ କଲେ । ରାଜା ଶତାନୀକ ମୃତ୍ୟୁବରଣ କରି ସାରିଥିଲେ । ଏଣୁ ରାଣୀ ଚଣ୍ଡପ୍ରତାପଙ୍କର ଅନୁମତି ନେଇ ଦୀକ୍ଷା ଗ୍ରହଣ କଲେ । ଚଣ୍ଡପ୍ରତାପଙ୍କର ଆଠ ରାଣୀ ମଧ ଦିକ୍ଷୀତ ହୋଇଗଲେ ।

ମହାବୀର ବିଦେହ ଅଭିମୁଖେ ପ୍ରସ୍ଥାନ କଲେ । ବୈଶାଳୀରେ ପହି ବିଂଶତିତମ କୈବଲ୍ୟ ପ୍ରାପ୍ତିପରେ ଅଷ୍ଟମ ଚାତୁର୍ମାସ୍ୟ ବିତାଇଲେ ।

ବାଣିଜ୍ୟ ଗ୍ରାମରେ ଏକବିଂଶତିତମ ଚାତୁର୍ମାସ୍ୟ

ମହାବୀର ଅଭିମୁଖେ ଚାଲିଲେ । ସେଠାରୁ କାକନ୍ଦୀ ଏବଂ ଶ୍ରୀବସ୍ତୀ ବାଟଦେଇ ପାଞ୍ଚାଳ, ଶୂରସେନ ଏବଂ କୁରୁ ଆଦି ସ୍ଥାନରେ ବିହାର କଲେ ।

ଭଗବାନଙ୍କର ଉପଦେଶ ଶ୍ରବଣ କରି କାକନ୍ଦୀରେ ଭଦ୍ରା ସେଠାନୀଙ୍କର ପୁତ୍ର ଧନ୍ୟଙ୍କର ବୈରାଗ୍ୟ ଜାତ ହେଲା । ବହୁତ ଜାକଜମକରେ ଧନ୍ୟଙ୍କର ନିଷ୍କ୍ରମଣ ସତ୍କାର କରାଗଲା । ରାଜା ମଧ ସେଥିରେ ଉପସ୍ଥିତ ଥିଲେ । ଧନ୍ୟଙ୍କର ତପଶ୍ଚର୍ଯ୍ୟାକୁ ଭଗବାନ ମହାବୀର ମହାଦୁଷ୍କର ବୋଲି

ଘୋଷା କଲେ । କାମ୍ପିଲ୍ୟରେ ଭଗବାନ କୁଣ୍ଡକୋଲିକ ଗୃହପତିଙ୍କୁ ଶ୍ରାବକ ବ୍ରତ ପ୍ରଦାନ କଲେ ।

ପୋଲାସପୁରଠାରେ ଭଗବାନ ମହାବୀର ସଦ୍ଦାଲପୁତ୍ର ନାମକ କୁମ୍ଭାର ଓ ତା' ସ୍ତ୍ରୀ ଅଗ୍ନିମିତ୍ରାଙ୍କୁ ଶ୍ରାବର ୧୨ଟି ବ୍ରତ ଉପଦେଶ ଦେଲେ । ମଙ୍ଖଲିପୁତ୍ର ଗୋଶାଳଙ୍କ ଦ୍ୱାରା ପ୍ରତିପାଦିତ ଆଜୀବନ ମତର ସିଧାନ୍ତ ସଦ୍ଦାଲପୁତ୍ର ଜାଣିଥିଲେ । ବାଣିଜ୍ୟ ଗ୍ରାମରେ ଭଗବାନ ୨୧ତମ କୈବଲ୍ୟ ଅବସ୍ଥା ପରେ ନବମ ଚାତୁର୍ମାସ୍ୟ କଲେ ।

## ଦ୍ୱିବିଂଶତିତମ ଚାତୁର୍ମାସ୍ୟ ରାଜଗୃହରେ

ବର୍ଷା ଋତୁ ସମାପ୍ତ ହେବା ପରେ ଭଗବାନ ମଗଧ ଅଭିମୁଖେ ବିହାର କଲେ । ରାଜଗୃହରେ ମହାଶତକ ଗୃହପତିଙ୍କୁ ଶ୍ରାବକ ଦୀକ୍ଷା ଦେଲେ । ସ୍ୱପତ୍ନୀଙ୍କ ସୃଷ୍ଟ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ ମହାଶତକ ନିଜର ବ୍ରତ ନିଷ୍ଠାରେ ଅଟଳ ରହିଲେ । ସେଠାରେ ମହାବୀର ଏବଂ ପାର୍ଶ୍ୱାପତ୍ୟ ସାଧୁମାନଙ୍କ ଭିତରେ କାଳ ସମ୍ବନ୍ଧୀୟ ଚର୍ଚ୍ଚା ଚାଲିଲା । ପାର୍ଶ୍ୱାପତ୍ୟ ସାଧୁମାନେ ଭଗବାନ ମହାବୀରଙ୍କୁ ସର୍ବଜ୍ଞ ସ ସର୍ବଦର୍ଶୀ ଘୋଷିତ କରି ତାଙ୍କର ୫ମହାବ୍ରତକୁ ଗ୍ରହଣ କଲେ । ରାଜଗୃହରେ ଭଗବାନ ୨୩ତମ କୈବଲ୍ୟ ପ୍ରାପ୍ତି ପରେ ଦଶମ ଚାତୁର୍ମାସ୍ୟ ଅତିବାହିତ କଲେ ।

## ବାଣିଜ୍ୟ ଗ୍ରାମରେ ତ୍ରୟୋବିଂଶତିତମ ଚାତୁର୍ମାସ୍ୟ

ଭଗବାନ ପଶ୍ଚିମ ଦିଗକୁ ପ୍ରୟାଣ କଲେ । କୃତାଙ୍ଗଲା ନଗରୀରେ ପହି ଛତ୍ରପଲାଶ ଚୈତ୍ୟରେ ଅବସ୍ଥାନ କଲେ । ସେତେବେଳେ ଶ୍ରୀବସ୍ତୀରେ ସ୍କନ୍ଦକ ନାମକ ପରିବ୍ରାଜକ ବାସକରୁଥିଲେ । ସେ ଚାରିବେଦ, ଇତିହାସ, ପୁରାଣ ଏବଂ ନିଘୁ ନାମକ କୋଷରେ ପଣ୍ଡିତ ତଥା ନୀତି ଏବଂ ଦର୍ଶନ ଶାସ୍ତ୍ରରେ ପାରଦର୍ଶୀ ଥିଲେ । କୃତାଙ୍ଗଲାରେ ଭଗବାନ ମହାବୀର ଅବସ୍ଥାନ କରୁଥିବା ଶୁଣି ସ୍କନ୍ଦକ ନିଜର ଚିହ୍ନ, ପାତ୍ର ଇତ୍ୟାଦି ସହିତ ତାଙ୍କର ଦର୍ଶନ ପାଇଁ ଆସିଲେ । ଭଗବାନଙ୍କର ଧର୍ମୋପଦେଶ ଶୁଣି ସ୍କନ୍ଦକ ଶ୍ରମଣ ଦୀକ୍ଷା ସ୍ୱୀକାର କଲେ ।

କୃତଙ୍ଗଲାରୁ ଭଗବାନ ଶ୍ରୀବସ୍ତୀ ଅଭିମୁଖେ ଚାଲିଲେ । ସେଠାରେ ନନ୍ଦନୀ-ପିତା ଏବଂ ସାଲିହୀ ପିତାଙ୍କୁ ଶ୍ରାବକ ବ୍ରତ ପ୍ରଦାନ କଲେ । ଭଗବାନ ବାଣିଜ୍ୟ ଗ୍ରାମରେ ୨୩ତମ କୈବଲ୍ୟ ପ୍ରାପ୍ତିପରେ ଏକାଦଶ ଚାତୁର୍ମାସ୍ୟ ଅତିବାହିତ କଲେ ।

## ରାଜଗୃହରେ ଚତୁର୍ବିଂଶତିତମ ଚତୁର୍ମାସ୍ୟ

ମହାବୀର ବ୍ରାହ୍ମଣକୁଣ୍ଡ ଗ୍ରାମରେ ପହି ଦୁତିପଲାଶ ବନରେ ଅବସ୍ଥା କଲେ । ସେଠାରୁ ବସ୍ତ୍ର ଜନପଦ ଅଭିମୁଖେ ପଦଯାତ୍ରା କରି କୌଶାମ୍ବୀରେ ପହିଲେ । ମଗଧ ଅଭିମୁଖେ ପ୍ରୟାଣ କରି ରାଜଗୃହରେ ପହିଲେ ଏବଂ ଗୁଣଶିଳ ଚୈତ୍ୟରେ ଅବସ୍ଥାନ କଲେ । ରାଜଗୃହରେ ମହାବୀର ଭଗବାନ ଏବଂ ଗୌତମ ଗଣଧରଙ୍କୁ ମଧରେ ପର୍ଯ୍ୟୁପସାନା ସମ୍ପର୍କରେ ନିମ୍ନଲିଖିତ ପ୍ରଶ୍ନୋତ୍ର

ହୋଇଥିଲା ।

ଗୌତମ - "ହେ ଭଗବନ୍ ! ଶ୍ରମଣ ଅଥବା ବ୍ରାହ୍ମଣଙ୍କ ପର୍ଯ୍ୟୁପାସନା କରିବା ଦ୍ୱାରା କି ଲାଭ ହୁଏ ।

ମହାବୀର - "(ସତ୍‌ଶାସ୍ତ୍ର) ଶ୍ରବଣ ।"

ଗୌତମ - "ଶ୍ରବଣ ଦ୍ୱାରା କି ଲାଭ ହୁଏ ?"

ମହାବୀର - "ଜ୍ଞାନ ।"

ଗୌତମ - "ଜ୍ଞାନପ୍ରାପ୍ତିରେ କି ଲାଭ ?"

ମହାବୀର - "ବିଜ୍ଞାନ (ବିବେକ-ଜ୍ଞାନ) ।"

ଗୌତମ - "ବିଜ୍ଞାନରେ କି ଲାଭ ?"

ମହାବୀର - "ପ୍ରତ୍ୟାଖ୍ୟାନ (ପାପ ତ୍ୟାଗ) ।"

ଗୌତମ - "ପ୍ରତ୍ୟାଖ୍ୟାନରେ କି ଲାଭ ?"

ମହାବୀର - "ସଂଯମ ।"

ଗୌତମ - "ସଂଯମର ଫଳଶ୍ରୁତି କଣ ?"

ମହାବୀର - "ନିରାଶ୍ରମ ହେବା (ପାପକର୍ମରୁ ନିବୃତ୍ ହେବା)"

ଗୌତମ - "ନିରାଶ୍ରମ ହେବାର ଫଳଶ୍ରୁତି ?"

ମହାବୀର - "ତପ ଆଚରଣ ।"

ଗୌତମ - "ତପାଚରଣର ଫଳଶ୍ରୁତି ?"

ମହାବୀର - "କର୍ମରୂପକ ମଳ ପରିସ୍କାର ହୁଏ ।"

ଗୌତମ - "କର୍ମରୂପକ ମଳ ପରିଷ୍କାର ହେବାରେ କି ଲାଭ ?"

ମହାବୀର - "ନିଷ୍କ୍ରିୟତ୍ୱ (ମାନସିକ, ବାଚିକ ଏବଂ କାୟିତ କର୍ମସମୂହର ନିରୋଧ) ।"

ଗୌତମ - "ନିଷ୍କ୍ରିୟତ୍ୱରେ କି ଲାଭ ?"

ମହାବୀର - "ସିଦ୍ଧି ।"

ମହାବୀରଙ୍କର ୨୪ତମ କୈବଲ୍ୟପ୍ରାପ୍ତି ଅବସ୍ଥାରେ ଦ୍ୱାଦଶ ଚାତୁର୍ମାସ୍ୟ ରାଜଗୃହରେ ଅତିବାହିତ ହେଲା ।

## ୨୫ତମ ଚାତୁର୍ମାସ୍ୟ ମିଥିଳାରେ

ଭଗବାନ ଚମ୍ପା ଅଭିମୁଖେ ବିହାର କଲେ । ଶ୍ରେଣିକ ରାଜାଙ୍କର ଦଶ ଜଣ ପୌତ୍ର ଦୀକ୍ଷା ଗ୍ରହଣ କଲେ । ମାକନ୍ଦୀପୁତ୍ର ଜିନପାଳିତଙ୍କୁ ଶ୍ରମଣ ଧର୍ମରେ ଦୀକ୍ଷିତ କଲେ । ଭଗବାନ ଶ୍ରମଣ ଶ୍ରମଣୀଙ୍କୁ ଜିନପାଳିତଙ୍କ ପରି ବ୍ରତ ନିୟମ ପାଳନରେ ଦୃଢ଼ ରହିବା ଶିକ୍ଷା ଦେଲେ । ବିଦେହରେ ପହି କାଙ୍କନ୍ଦୀ ନଗରୀର କ୍ଷେମକ, ଧୃତିଧର ଇତ୍ୟାଦି ଗୃହସ୍ଥମାନଙ୍କୁ ଶ୍ରାମଣ୍ୟ-ଦୀକ୍ଷା ଦେଲେ ।

୨୫ତମ କୈବଲ୍ଯ ଅବସ୍ଥାରେ କ୍ରୟୋଦଶ ଚାତୁର୍ମାସ୍ୟ ମିଥିଳାରେ କଟାଇଲେ ।

## ଷଡ୍‌ବିଂଶତିତମ ଚାତୁର୍ମାସ୍ୟ ମିଥିଳାରେ

ସେଠାରୁ ଅଙ୍ଗ ଜନପଦ ଅଭିମୁଖେ ବିହାର କଲେ । ରାଜା ଶ୍ରେଣିକଙ୍କର ଦଶଜଣଯାକ ବିଧବା ରାଣୀ ଶ୍ରମଣୀ ଦୀକ୍ଷାରେ ଦୀକ୍ଷିତ ହେଲେ । ମହାବୀର ୨୬ତମ କୈବଲ୍ୟ ଅବସ୍ଥାରେ ତ୍ରୟୋଦଶ ଚାତୁର୍ମାସ୍ୟ ମିଥିଳାରେ କଟାଇଲେ ।

## ସପ୍ତବିଂଶତିତମ ଚାତୁର୍ମାସ୍ୟ ମିଥିଳାରେ

ବର୍ଷା ଋତୁ ସମାପ୍ତ ହୁଅନ୍ତେ ମହାବୀର ବୈଶାଳୀରୁ ଶ୍ରୀବସ୍ତୀ ଅଭିମୁଖେ ବିହାର କଲେ । ବୈଶାଳୀରେ କୁଣିକ ଅଜାତଶତ୍ରୁଙ୍କ କନିଷ୍ଠ ଭ୍ରାତା ହଲ୍ଲ ଏବଂ ବିହଲ୍ଲଙ୍କୁ ଦୀକ୍ଷା ଦେଲେ ।

ଶ୍ରୀବସ୍ତୀରେ ପହି ଭଗବାନ କୋଷ୍ଠକ ଚୈତ୍ୟରେ ରହିଲେ । ସେଠାରେ ହାଲହଲ କୁମ୍ଭାରର କୁମ୍ଭାଶାଳାରେ ଆସି ରହୁଥିଲେ । ଗୋଶାଳକ । ତାଙ୍କ ସମ୍ପର୍କରେ ପୂର୍ବରୁ କହିଛୁ । ୨୪ ବର୍ଷର କଠିନ ସାଧନା ପରେ ଗୋଶାଳଙ୍କର ଜ୍ଞାନପ୍ରାପ୍ତି ହୋଇଥିଲା । ସେ ଭଗବାନ ମହାବୀରଙ୍କ ସହିତ ଛଅ ବର୍ଷ ରହିବା ପରେ ଅଲଗା ହୋଇଯାଇଥିଲେ । ଦୁଇବର୍ଷ ଗୋଶାଳ ଏକାକୀ ରହିଲେ ଏବଂ ବର୍ତ୍ତମାନ ଷୋଳ ବର୍ଷ ପରେ ଜିନପଦ ଧାରଣ କରି ନିଜର ସ୍ୱତନ୍ତ୍ର ସଂଘ ସ୍ଥାପନ କଲେ । ଆଜୀବିକ ସିଧାନ୍ତ ଉପଦେଶ ଦେଇ ସେ ଶ୍ରୀବସ୍ତୀରେ ବିହାର କରୁଥିଲେ ।

ମହାବୀର ଯେତେବେଳେ ଶୁଣିବାକୁ ପାଇଲେ ସେ ଗୋଶାଳ ନିଜକୁ ନିଜେ ଜିନ ବୋଲି ଘୋଷଣା କରୁଛନ୍ତି, ସେ ତାର ବିରୋଧ କଲେ । ଏହା ଶୁଣି ଗୋଶାଳ ଭୀଷଣ କ୍ରୁଧ୍ ହେଲେ । ଗ୍ରାମକୁ ଭିକ୍ଷା କରିବା ପାଇଁ ଯାଇଥିବା ମହାବୀରଙ୍କର ଶିଷ୍ୟ ଆନନ୍ଦ ମୁନୀଙ୍କୁ ଡ଼ାକି ଗୋଶାଳ କହିଲେ, "ଯଦି ତୁମର ଗୁରୁ ମୋ ସମ୍ବନ୍ଧରେ ଆଉ କିଛି କହନ୍ତି, ତେବେ ମୁଁ ମୋର ତେଜୋବଳରେ ତାଙ୍କୁ ଭସ୍ମ କରିଦେବି ।

ଆନନ୍ଦ ଯେତେବେଳେ ଏକଥା ଭଗବାନ ମହାବୀରଙ୍କୁ କହିଲେ, ଭଗବାନ ଉତ୍ତର ଦେଲେ - "ଏଥିରେ ସନ୍ଦେହ ନାହିଁ ଯେ ଗୋଶାଳ ନିଜର ତେଜ ଦ୍ୱାରା ପାଷାଣମୟ ମାରଣ ମହାଯନ୍ତ୍ରର ଆଘାତ ସଦୃଶ ଯେକୌଣସି ବ୍ୟକ୍ତିଙ୍କୁ ଆଘାତ କରି ତାକୁ ଭସ୍ମ କରିପାରନ୍ତି । ସ୍ୱ-ତେଜ ବଳରେ ଯେ ଅଙ୍ଗ, ବଙ୍ଗ, ମଗଧ, ମଳୟ, ମାଳବ ଆଦି ୧୬ ଜନପଦଙ୍କୁ ଜାଳି ଭସ୍ମ କରି ଦେଇପାରନ୍ତି, ମାତ୍ର ମୋର ସେ ତିଳେ ମାତ୍ର ଅନିଷ୍ଟ କରିବାକୁ ସମର୍ଥ ହେବେ ନାହିଁ । ଏହା ସତ୍ତ୍ୱେ ମହାବୀର ଅଯଥାରେ ଗୋଶାଳଙ୍କୁ ହଇରାଣ କରିବାକୁ ନିଜ ଶିଷ୍ୟମାନଙ୍କୁ ବାରଣ କଲେ ।

ଇତିମଧ୍ୟରେ ମହାବୀରଙ୍କଠାରୁ କୌଣସି ଉତ୍ତର ନପାଇ ଗୋଶାଳ ନିଜର ଶିଷ୍ୟ ପରିବାର ସହିତ କୋଷ୍ଠକ ଚୈତ୍ୟରେ ଆସି ପହିଲେ । ମହାବୀରଙ୍କୁ ସମ୍ବୋଧନ କରି କହିଲେ - "ହେ

ଆୟୁଷ୍ମାନ୍ କାଶ୍ୟପ ଗୋତ୍ରୀୟ ! ଯେଉଁ ଗୋଶାଳକୁ ତୁମେ ନିଜର ଶିଷ୍ୟ ବୋଲି ମନେ କରୁଛି ସେ ଗୋଶାଳ କେବେଠୁ ମରିସାରିଲାଣି । ତାର ମରିବାର ସାତ ଭବ ବିତିଗଲାଣି । ବର୍ତ୍ତମାନ ମୁଁ ଶ୍ରୀବସ୍ତୀର ହାଲହଲା କୁମ୍ଭାରର କୁମ୍ଭାରଶାଳରେ ମଙ୍ଖଳିପୁତ୍ର ଗୋଶାଳକ ନାମରେ ଗତ ୧୬ ବର୍ଷ ହେବ ରହୁଛି ।" ମହାବୀର ଉତ୍ତର ଦେଲେ - "ଇଏ ତୁମର ମିଥ୍ୟା ପ୍ରଳାପମାତ୍ର ।"

ଏହା ଶୁଣି ଗୋଶାଳ କ୍ରୋଧରେ ଅଗ୍ନିଶର୍ମା ହୋଇଗଲେ । ସେ ମହାବୀରଙ୍କ ପ୍ରତି ନିଜର ତେଜୋଲେଶ୍ୟା ପ୍ରୟୋଗ କରି କହିଲେ - "ତୁ ମୋର ତେଜରେ ନଷ୍ଟଭ୍ରଷ୍ଟ ହୋଇଯିବୁ । ଛଅ ମାସ ଭିତରେ ପିତ୍ତଜ୍ୱରରେ ପୀକ୍ଷିତ ହୋଇ କାଳଧର୍ମ ପ୍ରାପ୍ତ ହେବୁ ।" ମହାବୀର ଉତ୍ତର ଦେଲେ - "ହେ ଗୋଶାଳକ ! ତୋର ତେଜୋଲେଶ୍ୟା ମୋର କିଛି କ୍ଷତି କରି ପାରିବ ନାହିଁ । ମୁଁ ଆହୁରି ୧୬ ବର୍ଷ ଜୀବିତ ରହିବ । କିନ୍ତୁ ତୁ ସ୍ୱୟଂ ନିଜ ତେଜରେ ପରାଭୂତ ହେବୁ । ସାତୋଟି ରାତି ପରେ କାଳଧର୍ମ ପ୍ରାପ୍ତ ହେବୁ ।"

ଶାସ୍ତ୍ର ପରମ୍ପରା ଅନୁଯାୟୀ ମହାବୀରଙ୍କର ଭବିଷ୍ୟତବାଣୀ ସତ ହେଲା । ନିଜର ଅନ୍ତିମ ସମୟ ଉପସ୍ଥିତ ଜାଣି ଗୋଶାଳ ନିଜର ସ୍ଥବିରମାନଙ୍କୁ ଡ଼କାଇ ଆଦେଶ କଲେ - "ହେ ସ୍ଥବିରବୃନ୍ଦ ! ମୋ ମୃତ୍ୟୁ ପରେ ମୋତେ ସୁଗନ୍ଧ ଜଳରେ ସ୍ନାନ କରାଇ ମୋ ଶରୀରରେ ଚନ୍ଦନ ପ୍ରଲେପ ଦେଇ, ବହୁମୂଲ୍ୟ ବସ୍ତ୍ରାଭୂଷଣରେ ସଜ୍ଜିତ କରି ମୋତେ ଶିବିକାରେ ଶୁଆଇ ଦେବ । ଶ୍ରୀବସ୍ତୀରେ ମୋର ଶବକୁ ଘୁରାଇ ଆଣିବ ଏବଂ ଘୋଷଣା କରିଦେବ ଯେ ୨୪ ତମ ତୀର୍ଥଙ୍କର ଗୋଶାଳ ସମସ୍ତ ଦୁଃଖର ଅବସାନ ଘଟାଇ ସିଧ୍ ହୋଇଗଲେ ।"

ମହାବୀର ଶ୍ରୀବସ୍ତୀରୁ ବାହାରି ମେଣ୍ଢୀୟ ଗ୍ରାମରେ ପହଲେ ଏବଂ ସାଣ କୋଷ୍ଟକ ନାମ ଚୈତ୍ୟରେ ଅବସ୍ଥାନ କଲେ । ତାଙ୍କ ଶରୀରରେ ତୀବ୍ର ପ୍ରଦାହ ବିକାର ଦେଖାଦେଲା ଏବଂ ରକ୍ତଜାନା ହେବାକୁ ଲାଗିଲା । ଚାରିଆଡ଼େ ପ୍ରଘଟ ହୋଇଗଲାଯେ ଗୋଶାଳଙ୍କର ଉପତେଜରେ ଅଭିଭୂତ ମହାବୀର ଶୀଘ୍ର କାଳଧର୍ମ ପ୍ରାପ୍ତ ହେବେ । ଏହା ଶୁଣି ତାଙ୍କର ଶିଷ୍ୟବର୍ଗ କ୍ରନ୍ଦନ କରିବାକୁ ଲାଗିଲେ । ମହାବୀର ସମସ୍ତଙ୍କୁ ସାନ୍ତ୍ୱନା ଦେଇ ବୁଝାଇଲେ ଯେ ତାଙ୍କର ଆହୁରି ୧୬ ବର୍ଷ ଆୟୁଷ ଅଛି । ରେବତୀ ଶ୍ରାବିକାଙ୍କ ଗୃହରୁ ଆନୀତ ଭିକ୍ଷା ସେବନ କରି ଭଗବାନ ମହାବୀର ଆରୋଗ୍ୟ ଲାଭ କଲେ ।

ମେଣ୍ଢୀୟ ଗ୍ରାମରୁ ମହାବୀର ମିଥିଳା ଅଭିମୁଖେ ବିହାର କଲେ । ମିଥିଳାରେ ୨୭ତମ କୈବଲ୍ୟ ପ୍ରାପ୍ତି ପରେ ୧୫ଶ ଚାତୁର୍ମାସ୍ୟ କଟାଇଲେ ।

## ବାଣିଜ୍ୟ ଗ୍ରାମରେ ଅଷ୍ଟାବିଂଶତିତମ ଚାତୁର୍ମାସ୍ୟ

ଭଗବାନ ଶ୍ରୀବସ୍ତୀ, ଅହିଚ୍ଛତ୍ରା, ହସ୍ତିନାପୁର ଆଦି ନଗରରେ ବିହାର କଲେ । ଶ୍ରୀବସ୍ତୀରେ ମହାବୀରଙ୍କର ଶିଷ୍ୟ ଗୌତମ ଇନ୍ଦ୍ରଭୂତି ଏବଂ ପାର୍ଶ୍ୱନାଥଙ୍କ ଶିଷ୍ୟ କେଶୀକୁମାରଙ୍କ ମଧ୍ୟରେ

ବାର୍ତ୍ତାଳାପ ହେଲା । ଏହାର ଉଲେଖ୍ଲଖ ପୂର୍ବରୁ କରାଯାଇଛି । ଗ୍ରାମକୁ ଗ୍ରାମ ବିହାର କରି କରି ଭଗବାନ ହସ୍ତିନାପୁରରେ ପହିଲେ । ସେଠାରେ ରାଜା ଶିବ ତାପସ ପ୍ରବ୍ରଜ୍ୟା ଗ୍ରହଣ କରିଥିଲେ । ମହାବୀର ତାଙ୍କୁ ଶ୍ରମଣ ଦୀକ୍ଷା ଦେଲେ । ସେ ସେହି ସମୟରୁ ରାଜର୍ଷୀ ରୂପେ ପରିଚିତ ହେଲେ ।

ଭଗବାନ ମହାବୀର ବାଣିଜ୍ୟ ଗ୍ରାମ ଅଭିମୁଖେ ଚାଲିଲେ । ସେଠାରେ ଭଗବାନଙ୍କର ୨୮ ତମ କୈବଲ୍ୟ ପ୍ରାପ୍ତି ପରେ ଶୋଡ଼ଶ ଚାତୁର୍ମାସ୍ୟ ଅତିବାହିତ ହେଲା ।

## ଉନବିଂଶତିତମ ଚାତୁର୍ମାସ୍ୟ ରାଜଗୃହରେ

୨୯ ତମ କେବଁଲ୍ୟ ଅବସ୍ଥାରେ ସପ୍ତଦଶ ଚାତୁର୍ମାସ୍ୟ ରାଜଗୃହରେ ବିତିଲା ।

## ତ୍ରିଂଶତମ ଚାତୁର୍ମାସ୍ୟ ବାଣିଜ୍ୟ ଗ୍ରାମରେ

ଚମ୍ପାରେ ପହି ସାଲ ମହାସାଲ ନାମକ ଯୁବରାଜ ବନ୍ଧୁମାନଙ୍କୁ ଦୀକ୍ଷିତ କଲେ ।

ଦଶାର୍ଣ୍ଣରେ ଦଶାର୍ଣ୍ଣଭଦ୍ର ରାଜାଙ୍କୁ ଦୀକ୍ଷା ଦେଲେ । ସେଠାରୁ ସେ ବିଦେହକୁ ବାହୁଡ଼ିଲେ । ବାଣିଜ୍ୟ ଗ୍ରାମବାସୀ ବ୍ରାହ୍ମଣଶାସ୍ତ୍ରବେତ୍ତା ସୋମିଲ ବ୍ରାହ୍ମଣଙ୍କର ସନ୍ଦେହ ମୋଚନ କରି ତାଙ୍କୁ ଶ୍ରମଣୋପାସକ ଦୀକ୍ଷା ଦେଲେ । ସୋମିଲ ଭଗବାନଙ୍କୁ ପ୍ରଶ୍ନକଲେ - "ଭଗବାନ ! ସରିସବ (ସୋରିଷ) ଭକ୍ଷ ନା ଅଭକ୍ଷ ?" ମହାବୀର ଉତ୍ତର ଦେଲେ - "ସରିସବ ଅର୍ଥ ଯଦି 'ସଦୃଶ ବୟ ଯାହାର' (ବନ୍ଧୁ) ହୋଇଥାଏ, ତେବେ ତାହା ଅଭକ୍ଷ । ଯଦି ତା ଅର୍ଥ ସୋରିଷ ହୋଇଥାଏ ତେବେ ତାହା ଭକ୍ଷ ଅଟେ ।

ମହାବୀରଙ୍କ ତାହା ୩୦ ତମ କୈବଲ୍ୟ ପ୍ରାପ୍ତି ପରେ ଅଷ୍ଟାଦା ଚାତୁର୍ମାସ୍ୟ ଥିଲା ।

## ଏକତ୍ରିଂଶତମ ଚାତୁର୍ମାସ୍ୟ ବୈଶାଳୀରେ

ମହାବୀର କୋଶଳ ପାଳ ଅଭିମୁକେ ଗମନ କରି ସାକେତ, ଶ୍ରୀବସ୍ତୀ, କାମ୍ପିଲ୍ୟପୁର ଆଦି ନଗର ଭ୍ରମଣ କଲେ ଏବଂ ବୈଶାଳୀରେ ପହିଲେ । ସେଠରେ ସେ ୩୧ତମ କୈବଲ୍ୟ ଅବସ୍ଥାରେ ଉନବିଂଶ ଚାତୁର୍ମାସ୍ୟ ବିତାଇଲେ ।

## ଦ୍ୱାତ୍ରିଂଶତମ ଚାତୁର୍ମାସ୍ୟ ବୈଶାଳୀରେ

ବିଦେହ, କୋଶଳ ଓ କାଶୀ ଇତ୍ୟାଦି ପ୍ରଦେଶରେ ବିହାର କରି କରି ବୈଶାଳୀରେ ପହିଲେ । ସେଠାରେ ଭଗବାନ ୩୨ତମ କୈବଲ୍ୟ ଅବସ୍ଥାରେ ବିଂଶତମ ଚାତୁର୍ମାସ୍ୟ କଟାଇଲେ । ବାଣିଜ୍ୟ ଗ୍ରାମ ବୈଶାଳୀର ଅନ୍ତର୍ଭୁକ୍ତ ଥିଲା । ଉଭୟ ମଧ ଦେଇ ଗଣ୍ଡକ ନଦୀ ପ୍ରବାହିତ ହେଉଥିଲା । ବାଣିଜ୍ୟ ଗ୍ରାମଠାରେ ଭଗବାନଙ୍କ ସହିତ ପାର୍ଶ୍ୱାପତ୍ୟ ଗାଙ୍ଗେୟ ଶ୍ରମଣଙ୍କର ଭେଟହେବା କଥା ପୂର୍ବରୁ କୁହାଯାଇଛି ।

# ମହାବୀର ବାଣୀ ସଂକଳନ

ଭଗବାନ ମହାବୀରଙ୍କର ଉପଦେଶମୃତରେ କେଉଁ କେଉଁ ବିଷୟ ଆଲୋଚିତ ହୋଇଥିଲା, ତାର ବିସ୍ତୃତ ବିବରଣୀ ମିଳୁନାହିଁ, ମାତ୍ର ତାଙ୍କର ମୁଖ୍ୟ ଶିଷ୍ୟଗଣ ଭଗବାନଙ୍କର ବିଶେଷ ଉପଦେଶ ସ୍ୱ ସ୍ମୃତିରେ ସୁରକ୍ଷିତ ରଖିବାକୁ ଚେଷ୍ଟା କରିଆସିଛନ୍ତି । ପରମ୍ପରା ଅନୁଯାୟୀ ଅର୍ହତ ଭଗବାନ ନିଜର ଗଣଧରମାନଙ୍କୁ ଯାହା ଉପଦେଶ ଦେଇଥିଲେ, ତାହା ସେମାନେ ଜୈନ ଶାସନର ମଙ୍ଗଳସାଧନ ପାଇଁ ସୂତ୍ର ରୂପେ ନିବଧ୍ କରିଥିଲେ । ତାହାକୁଆଗମ, ଶ୍ରୁତଜ୍ଞାନ ଅଥବା ସିଧାନ୍ତ କୁହାଯାଉଛି । ଆଗମମାନଙ୍କ ମଧରେ ଅଙ୍ଗ ସର୍ବପ୍ରାଚୀନ ଅଟେ, ତାର ସଂଖ୍ୟା ବାର । ତାହା ଦ୍ୱାଦଶାଙ୍ଗ ରୂପେ ପରିଚିତ । ବୌଧ୍ମାନଙ୍କର ତ୍ରିପିଟକ ପରି ଦ୍ୱାଦଶାଙ୍ଗକୁ ଗଣିପିଟକ ମଧ କୁହାଯାଏ ।

ଦିଗମ୍ବର ତଥା ଶ୍ୱେତାମ୍ବର ଉଭୟ ପନ୍ଥୀ ସ୍ୱୀକାର କରନ୍ତି ଯେ, ମହାବୀରଙ୍କର ବାଣୀ ତାଙ୍କର ଗଣଧରମାନଙ୍କ ଦ୍ୱାରା ଦ୍ୱାଦଶାଙ୍ଗରେ ଲିପିବଧ୍ ହୋଇଛି । ଭଗବାନଙ୍କର ୧୧ଜଣ ଗଣଧର ଥିଲେ । ସମସ୍ତେ ନିଜର ନିଜର ପଠନ ଅନୁଯାୟୀ ଦ୍ୱାଦଶାଙ୍ଗ ରଚନା କଲେ । ଦିଗମ୍ବର ପରମ୍ପରା ଅନୁଯାୟୀ ଭଗବାନଙ୍କର ପ୍ରଥମ ଗଣଧର ଗୌତମ ଇନ୍ଦ୍ରଭୂତି ଦ୍ୱାଦଶାଙ୍ଗ ରଚନା କରିଥିଲେ । ମାତ୍ର ଶ୍ୱେତାମ୍ବର ପରମ୍ପରା ଅନୁଯାୟୀ ବର୍ତ୍ମାନ ମିଳୁଥିବା ୧୧ ଅଙ୍ଗ ମହାବୀରଙ୍କର ୫ମ ଗଣଧର ସୁଧର୍ମା ପ୍ରଣୟନ କରିଥିଲେ ବୋଲି ଧରାଯାଏ ।

ବର୍ତ୍ମାନ ଆଗମ ଗ୍ରନ୍ଥର କେତେ ଭାଗ ମହାବୀରଙ୍କ ପ୍ରତିପାଦିତ ଓ କେତେ ଭାଗ ଗଣଦର ତଥା ଉତ୍ରକାଳୀନ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରଣୀତ, ତାହା ଜାଣିବାର ଉପାୟ ଆମ ପାଖରେ ନାହିଁ । ମହାବୀରଙ୍କ ନିର୍ବାଣର ପ୍ରଥମ କେତେ ଶତାବ୍ଦୀ ପର୍ଯ୍ୟନ୍ତ ଶ୍ରୁଜ-ଜ୍ଞାନର ଏହି ପରମ୍ପରା କେବଳ ଗୁରୁମୁଖୀ ଦେଇ ପ୍ରସାରିତ ହେଉଥିଲା । ଏପରି ଅବସ୍ଥାରେ ଉତ୍ରୋତ୍ର କାଳରେ ଶ୍ରୁତ ବିଛେଦ ଘଟିବା କିଛି ବିଚିତ୍ର ନୁହେଁ, ବରଂ ଆଶ୍ଚର୍ଯ୍ୟର ବିଷୟ ହେଲା, ସବୁ ସତ୍ତ୍ୱେ ଶ୍ରୁତର କିଛି ଅଂଶ କାଳକବଳିତ ହୋଇ ପାରିନାହିଁ । ପରିଣାମ ସ୍ୱରୂପ, ବର୍ତ୍ମାନ ଆଗମମାନଙ୍କରେ କେତେକ ସ୍ଥାନରେ ଅମୂଳ ପରିବର୍ତ୍ନ ହୋଇଯାଇଛି, ନୂଆ ନୂଆ ନାମ ପ୍ରବେଶ କରାଯାଇଛି, ପରମାଣ ହ୍ରାସ ହୋଇଛି ତତା ଅନେକ ବୃଧ୍ ପରମ୍ପରା ଏବଂ ସମ୍ପ୍ରଦାୟ ଖଣ୍ଡିତ ହୋଇଯାଇଛି । କେତେକ ସ୍ଥାନରେ ଆଗମର ସୂତ୍ର ଅସ୍ପଷ୍ଟ ଏବଂ ସେ ସବୁର ସ୍ପଷ୍ଟୀକରଣ ପାଇଁ ଟୀକାକାରମାନେ ନିଜର ବ୍ୟାଖ୍ୟା ପ୍ରସ୍ତୁତ କରିଛନ୍ତି । ସ୍ୱୟଂ ଟୀକାକାରମାନଙ୍କର କଥନାନୁସାରେ ତାଙ୍କର ଅନେକ ବ୍ୟାଖ୍ୟା ସନ୍ତୋଷପ୍ରଦ ନୁହେଁ, କେତେକ ସ୍ଥଳରେ ଆଚାର୍ଯ୍ୟ ମାନଙ୍କର ମତଭେଦ କଥା ଉଲ୍ଲେଖ ଅଛି । ଏସବୁରୁ ଏତିକି ସୂଚନା ମିଳେ ଯେ ଆଗମ ସିଧାନ୍ତ ଅନେକ ସ୍ଥଳରେ ବିଛିନ୍ନ ହୋଇଯିବା ଫଳରେ ପ୍ରାଚୀନ ଜୈନ ସାହିତ୍ୟର ପ୍ରଭୃତି କ୍ଷତି ହୋଇଛି ।

ବର୍ତ୍ମାନ ମିଳୁଥିବା ଅଗମ ସାହିତ୍ୟ କେବଳ ଶ୍ୱେତାମ୍ବର ପରମ୍ପରା ଦ୍ୱାରା ଅନୁସୃତ ହୁଏ ।

ଦିଗମ୍ବର - ପରମ୍ପରା ଏହାକୁ ସ୍ୱୀକାର କରେ ନାହିଁ । ଦିଗମ୍ବର ପରମ୍ପରା ବିଶ୍ୱାସ କରେ ଯେ ଗୁରୁ ଶିଷ୍ୟ ପରମ୍ପରା ଅନୁସାରେ ମୌଖିକଭାବେ ଗଡ଼ି ଆସୁଥିବା ମହାବୀରଙ୍କର ଉପଦେଶ କ୍ରମଶଃ ଲୋପ ହୋଇଗଲା । କିନ୍ତୁ ଦ୍ୱାଶାଙ୍ଗର କିଛି ଅଂଶ ଅଗ୍ରାୟଣୀପୂର୍ବର କର୍ମ ପ୍ରକୃତି ନାମକ ଅଧିକାର ବିଷୟରେ ଜାଣିଥିବା ଆଚାର୍ଯ୍ୟ ଧରସେନଙ୍କର ମନେ ଥିଲା । ପରମ୍ପରାଗତ ଶ୍ରୁତ ଯେପରି ଲୋପ ନହେବ, ସେଥିପାଇଁ ସେ ମହାବୀରଙ୍କ ନିର୍ବାଣର ୬୧୪-୮୩ ମଧରେ ପୁଷ୍ପଦନ୍ତ ଓ ଭୂତବଳି ନାମରେ ତାଙ୍କର ଦୁଇଜଣ ମେଧାବୀ ଶିଷ୍ୟଙ୍କୁ ସେହିସବୁ ଦ୍ରାବିଡ଼ ଦେଶକୁ ଯାଇ ଷଟ୍‌ଖଣ୍ଡାମଗ ରଚନା କଲେ । ଦିଗମ୍ବର ସଂପ୍ରଦାୟ ଅନୁଯାୟୀ ଷଟ୍‌ଖଣ୍ଡାଗମରେ ଦ୍ୱାଦଶ ଅଙ୍ଗ  ଦୃଷ୍ଟିବାଦ (ଯେଉଁଥିରେ କି ଚଉଦଟି ପୂର୍ବର ଅନ୍ତର୍ଭବି ହୋଇଥାଏ )ର କିଛି ଅଂଶ ସୁରକ୍ଷିତ ରହିଛି । ଦିଗମ୍ବର ସଂପ୍ରଦାୟରେ ସେହି ଆଗମ ସର୍ବାଧିକ ପ୍ରାଚୀନ ଅଟେ । ଏହାର ସମୟକାଳ ପ୍ରଥମ ଖ୍ରୀଷ୍ଟାବ୍ଦ ଅଥବା ଦ୍ୱିତୀୟ ଖ୍ରୀଷ୍ଟାବ୍ଦ ବୋଲି ଧରାଯାଇଥାଏ । ଶ୍ୱେତାମ୍ବର ପରମ୍ପରାରେ ଦଶବୈକାଳିକ ସୂତ୍ରର କତିପୟ ଅଧୟନ ତଥା ଓଧନିଯୁକ୍ତି, ବୃହତ୍‌କଳ୍ପ, ନିଶୀଥ, ବ୍ୟବହାର ଆଦି କେତେକ ଆଗମ ଗ୍ରନ୍ଥ ପୂର୍ବ ଗ୍ରନ୍ଥମାନଭ୍‌କରୁ ଉଧୃତ୍ ବୋଲି ଧରାଯାଏ ।

## ଜୈନ ଆଗମମାନଙ୍କର ସଂକଳନ

ବୌଧ୍ ତ୍ରିପିଟକ ସଂକଳନ କରିବା ପାଇଁ ବୌଧ୍ ଭିକ୍ଷୁମାନଙ୍କର ଯେପରି ତିନୋଟି ସଂଗତି ଡ଼କାଯାଇଥଲା, ଜୈନ ଆଗମକୁ ସୁବ୍ୟବସ୍ଥିତ କରିବା ପାଇଁ ଜୈନ ଶ୍ରମଣମାନଙ୍କର ସେହିପରି ତିନୋଟି ସମ୍ମିଳନୀ ଆହ୍ୱାନ କରାଯାଇଥବା କଥା ଜୈନଗ୍ରନ୍ଥମାନଙ୍କରେ ଦେଖିବାକୁ ମିଳେ । ପ୍ରଥମ ସମ୍ମେଳନ ମହାବୀର ନିର୍ମାଣ ୧୬୦ ବର୍ଷ ପରେ (ଖ୍ରୀ.ପୂ. ୩୬୩) ପାଟଳିପୁତ୍ର (ପାଟଣା) ଠାରେ ଆହ୍ୱାନ କରାଯାଇଥିଲା । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟରେ ମଗଧରେ ଏକ ବଡ଼ ଦୁର୍ଭିକ୍ଷ ପଡ଼ିଥିଲା । ଜୈନ ସାଧୁଗଣ ଆଚାର୍ଯ୍ୟ ଭଦ୍ରବାହୁଙ୍କ ନେତୃତ୍ୱରେ ଅନ୍ୟତ୍ର ବିହାର କରିବାକୁ ଚାଲିଗଲେ । ଅଳ୍ପ କେତେକ ସାଧୁ ସ୍ଥୂଳଭଦ୍ରଙ୍କ ନେତୃତ୍ୱରେ ସେଇଠାରେ ରହିଗଲେ । ଦୁର୍ଭିକ୍ଷ ପରେ ପାଟଳିପୁତ୍ରରେ ଜୈନ ସାଧୁମାନଙ୍କର ଏକ ସମ୍ମେଳନ ଅନୁଷ୍ଠିତ ହେଲା । ସେହି ସମ୍ମେଳନରେ ଦ୍ୱାଦଶାଙ୍ଗ  ଭିତରୁ ଯାହାର ଯାହା ମନେଥିଲା, ସେ ସବୁକୁ ବ୍ୟବସ୍ଥାକୁ କରି ସଂକଳନ କରାଗଲା । ଏହିଭଳି ଭାବରେ ଏଗାରଟି ଅଙ୍ଗର ସଂକଳନ ହୋଇଗଲା । ଦ୍ୱାଦଶାଙ୍ଗ ଭିତରୁ ଦୃଷ୍ଟିବାଦ କାହାରି ମନେ ନଥିଲା । ତାହା ଲୋପ ପାଇଗଲା । ଏହାକୁ 'ପାଟଳୀପୁତ୍ରବାଚନା' କୁହାଯାଏ ।

ମହାବୀରଙ୍କ ନିର୍ବାଣର ପ୍ରାୟ ୮୨୭ ଅଥବା ୮୪୦ (୩୦୦-୩୧୩ ଖ୍ରୀଷ୍ଟାବ୍ଦ) ବର୍ଷ ପରେ ପୁନଶ୍ଚ ଆଗମମାନଙ୍କର ସଙ୍କଳନ କରାଯିବାର ଆବଶ୍ୟକତା ଅନୁଭବ କରାଗଲା । ସେଥିପାଇଁ ଆର୍ଯ୍ୟ ସ୍କନ୍ଦିଲଙ୍କ ନେତୃତ୍ୱରେ ଦ୍ୱିତୀୟ ସମ୍ମେଳନ ମଥୁରାରେ ଅନୁଷ୍ଠିତ ହେଲା । ସେତବେଳେ ମଧ ଦୁର୍ଭିକ୍ଷ ହେତୁ ଆଗମ ସାହିତ୍ୟର ଯଥେଷ୍ଟ କ୍ଷତି ଘଟିଲା । ଦୁର୍ଭିକ୍ଷ ପରେ ସମ୍ମେଳନ କାର୍ଯ୍ୟକ୍ରମରୁ ଯାହାର ଯେତିକି ମନେପଡ଼ିଲା, ତାହା ଲିପିବଧ୍ କରାଗଲା ଓ ଏକତ୍ରିତ କରାଗଲା । ଏହା

'ମାଥୁରୀ ବାଚନା' ନାମରେ ପରିଚିତ । ବର୍ତ୍ତମାନ ପ୍ରଚଳିତ ଆଗମ ସାହିତ୍ୟରେ ଏପରି ଅନେକ ଆଗମ ଅଛି, ଯାହାର ସଂକଳନ ଏହ ବାଚନାକୁ ଅଧାର କରି କରାଯାଇଛି । ଏଣୁ ଏହି ବାଚନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଆଗମଗୁଡ଼ିକୁ ଆହୁରି ଅଧିକ ବ୍ୟବସ୍ଥିତ ରୂପ ଦେବା ନିମିତ୍ ତୃତୀୟ ସମ୍ମେଳନ ମହାବୀର ନିର୍ବାଣର ପ୍ରାୟ ୯୮୦ ବା ୯୯୩ ବର୍ଷ ପରେ (ଖ୍ରୀଷ୍ଟାବ୍ଦ ୪୫୩-୬୬) ମାଥୁରୀ ବାଚନା ଅନୁଯାୟୀ ପ୍ରତିଭାସମ୍ପନ୍ନ ଆଚାର୍ଯ୍ୟ ଦେବର୍ଦ୍ଧିଗଣି କ୍ଷମାଶ୍ରମଣଙ୍କ ନେତୃତ୍ୱରେ ବଲଭୀ (ସୋରାଷ୍ଟ୍ରର ବଲ୍ଲା)ରେ ଆୟୋଜିତ ହୋଇଥିଲା । ବିବିଧ ବାଚନା ଉପରେ ଆଧାରିତ ଜୈନ ଆଗମମାନଙ୍କର ବିଷୟକୁ ନେଇ ଯେଉଁ ସବୁ ଅସଙ୍ଗତି ସୃଷ୍ଟି ହୋଇଥିଲ, ସେଥିରେ ସମନ୍ୱୟ ପ୍ରତିଷ୍ଠା କରିବାର ପ୍ରଶ୍ନ ଜୈନ ଶ୍ରମଣମାନଙ୍କ ଆଗରେ ରହିଥିଲା । 'ମାଥୁରୀବାଚନା'କୁ ଆଧାର କରି ଏହି ସମ୍ମେଳରେ ବାଚନା-ଭେଦ ଓ ପାଠଭେଦ ଗତି ଅସଙ୍ଗତିଗୁଡ଼ିକୁ ଦୂ କରାଯିବାକୁ ଚେଷ୍ଟା କରାଯାଇଥିଲା । ଏହା ସହିତ ସମସ୍ତ ଆଗମ ସାହିତ୍ୟକୁ ଲିପିବଧ୍ କରିବାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ ଏହି ସମ୍ମେଳନରେ ସମ୍ପାଦିତ ହୋଇଥିଲା । ଦୃଷ୍ଟିବାଦ ମିଳୁନଥିବା ହେତୁ ତାକୁ ଲୁପ୍ତ ବୋଲି ଘୋଷିତ କରାଗଲା । ଶ୍ୱେତାମ୍ବର ସମ୍ପ୍ରଦାୟ ମାନ୍ୟତା ଦେଉଥିବା ବର୍ତ୍ତମାନର ଆଗମ ୫ମ ଖ୍ରୀଷ୍ଟାବ୍ଦରେ ହୋଇଥିବା ଏହି ସଂକଳନ କାର୍ଯ୍ୟର ଫଳଶ୍ରୁତି ।

ଯାହା ପୂର୍ବରୁ କହିରଖିଛୁ, ମହାବୀର ନିର୍ବାଣର ୧୦୦୦ ବର୍ଷ ପରେ ସଂକଳିତ ଜୈନ ଆଗମର ସ୍ୱରୂପରେ ନିଶ୍ଚିତ ଭାବେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଥିବ । ଜୈନ ଆଗମର ଟୀକାକାରମାନେ ଆଗମ ସମ୍ବନ୍ଧୀ ଅନେକଗୁଡ଼ିଏ ପାଠାନ୍ତରର ଉଲ୍ଲେଖ ନିଜ ଟୀକାମାନଙ୍କରେ କରିଛନ୍ତି । ଏହି ପାଠାନ୍ତର ହେତୁ ଅର୍ଥ ଅନେକ ସ୍ଥାନରେ ବିବାଦମାନ ସ୍ତରକୁ ଚାଲିଆସିଥିବା ବିଷୟରେ ସେମାନେ ସଚେତନ ହୋଇଯାଇଛନ୍ତି । ଏହି ଅବସ୍ଥା ସୁଧାରିବା ପାଇଁ ବହୁ ସ୍ଥାନରେ ମୂଳ ପାଠ ବୋଲି ବିବେଚିତ ପାଠକୁ ବ୍ୟାଖ୍ୟାକାରମାନେ ସଂଶୋଧନ କରିଦେଇଛନ୍ତି । ଆଗମର ମୂଳ ଭାଷା କଣଥିଲା, ତାର ସଠିକ୍ ଉତ୍ତର ନିରୂପଣ କରିବା ଆହୁରି ଜଟିଳ ବିଷୟ ହୋଇ ପଡ଼ିଛି । ଭଗବାନ ମହାବୀର ଯେଉଁ ଅର୍ଦ୍ଧମାଗଧି ଭାଷାରେ ପ୍ରବଚନ ଦେଇଥିବେ, ମହାବୀର ନିର୍ବାଣର ୧୦୦୦ ବର୍ଷ ପରେ ନିଶ୍ଚିତ ଭାବେ ସେଥିରେ ଯଥେଷ୍ଟ ପରିବର୍ତ୍ତନ ହୋଇଥି । ବସ୍ତୁତଃ ଆଗମର ଯାହା ମୂଳ ଭାଷା ଥିବ, ତାହା ଲିପିବଧ୍ କରିବାପାଇଁ ସେତେବେଳେ ଯଷ୍ଟେ ସମୟ ମିଳିନଥିବ ଏବଂ ତାକୁ ଲିପିବଧ୍ କରିବା ପାଇଁ ଯାହା ବି ସମୟଥିବ ବର୍ତ୍ତମାନ ଆଗମ ଭାଗ୍ୟରେ ସେତିକି ମଧ ଜୁଟି ନାହିଁ । ତା' ଛଡ଼ା ଜୈନଧର୍ମର ପ୍ରଚାର ପାଇଁ ଦେଶ ଦେଶ ଭ୍ରମଣ କରୁଥିବା ଜୈନ ଆଚାର୍ଯ୍ୟମାନଙ୍କର ଭାଷା ଉପରେ ସେହି ସେହି ପ୍ରଦେଶରେ କଥିତ ଲୋକ ଭାଷାର ପ୍ରଭାବ ନିଶ୍ଚୟ ପଡ଼ିଥିବ । ଏହା ଫଳରେ ମଧ ଆଗମର ଭାଷାରେ ପରିବର୍ତ୍ତନ ହୋଇଥିବ । ବିଭିନ୍ନ ଆଗମ ଗ୍ରନ୍ଥରେ ପ୍ରାକୃତ ବ୍ୟାକରଣରେ ବିଭିନ୍ନ ପ୍ରକାରଣ ନିୟମ ଦେଖାଯାଏ । ତାହା ଆଗମ ଭାଷାରେ ବାରମ୍ବାର ଘଟିଥିବା ପରିବର୍ତ୍ତନର ପ୍ରମାଣ ।

## ଦିଗମ୍ବର ଓ ଶ୍ୱେତାମ୍ବର ପରମ୍ପରା

ବୁଧ୍ -ପରିନିର୍ବାଣ ପରେ ବୁଧ୍ଙ୍କ ବାଣୀଙ୍କୁ ନେଇ ଯେପରି ବୌଧ୍ ପରମ୍ପରାରେ ହୀନଯାନ, ମହାଯାନ ଆଦି ମତଭେଦ ଦେଖାଗଲା, ସେହିପରି ଅପେକ୍ଷାକୃତ ଅଳ୍ପମାତ୍ରାରେ ହେଲେ ବି ମହାବୀରଙ୍କ କ୍ଷେତ୍ରରେ ମଧ ଘଟିଲା । ଏହି ପରିପ୍ରେକ୍ଷୀରେ ଜୈନ ଆଗମମାନଙ୍କରେ ପ୍ରତିପାଦିତ ସପ୍ତ ନିହ୍ନବ ଉଲ୍ଲେଖନୀୟ । ନିହ୍ନବ ଅର୍ଥ ଅସ୍ୱୀକୃତି, ସଂଶୟ ଅଥବା ସନ୍ଦେହ, ଅର୍ଥାତ୍ ଭାଗବାନଙ୍କ ବାଣୀଙ୍କୁ ନେଇ ନିହ୍ନବର ପ୍ରତିଷ୍ଠାତାମାନଙ୍କ ମଧରେ ମତଭେଦ ଘଟିଲା ଏବଂ ସେମାନେ ିଜ ନିଜର ମତବାଦ ପ୍ରତିଷ୍ଠା କଲେ । ଏମାନଙ୍କ ମଧରେ ଜାମାଳିଙ୍କ ନାମ ସର୍ବପ୍ରଥମେ ଆସିଥାଏ । କାମାଳି ଥିଲେ ମହାବୀରଙ୍କର ଏକ ପକ୍ଷରେ ଭଣଜା ଓ ଆର ପକ୍ଷରେ ଜାମାତା । ମହାବୀରଙ୍କ ପାଦତଳେ ତାଙ୍କର ଶ୍ରାମଣ୍ର ଦୀକ୍ଷା ଗ୍ରହଣ ବିଷୟ ପୂର୍ବରୁ କୁହାଯାଇଛି । ମହାବୀରଙ୍କର ଜୀବଦଶାରେ, ତାଙ୍କର କେବଳଜ୍ଞାନ ପ୍ରାପ୍ତିର ୧୪ ବର୍ଷ ପରେ ଏହି ନିହ୍ନବ ପ୍ରବର୍ତ୍ନ ହୋଇଥିଲା । ଏହାର ଦୁଇବର୍ଷ ପରେ ଚତୁର୍ଦ୍ଦଶ ପୂର୍ବଧାରୀ ଆଚାର୍ଯ୍ୟ ବସୁଙ୍କର ଶିଷ୍ର ତିଷ୍ୟଗୁପ୍ତ ଦ୍ୱିତୀୟ ନିହ୍ନବ ପ୍ରବର୍ତ୍ନ କଲେ । ଶେଷ ୫ଟି ନିହ୍ନବର ଉତ୍ପତ୍ତି ମହାବୀର ଭଗବାନଙ୍କର ନିର୍ବାଣ ପରେ ହୋଇଥିଲା । ସପ୍ତମ ନିହ୍ନବର ଉତ୍ପତ୍ତି ସମୟ ମହାବୀର ନିର୍ବାଣର ୫୮୪ ବର୍ଷ ପରେ ହୋଇଥିବାର କୁହାଯାଇଥାଏ ।

ଏହି ପରିପ୍ରେକ୍ଷୀରେ ଦିଗମ୍ବର ଶ୍ୱେତାମ୍ବର ମତଭେଦ ବିଚାରଣୀୟ ଅଟେ । ମହାବୀରଙ୍କ ସମୟରେ ଏହି ମତଭେଦ ନଥିଲା । ପରବର୍ତ୍ତୀ ସମୟରେ ଶ୍ୱେତାମ୍ବର ଗ୍ରନ୍ଥମାନଙ୍କରେ ବୋଟିକା ନିହ୍ନବ ଅର୍ଥାତ୍ ଦିଗମ୍ବର ସଂଘ ନାମକ ଅଷ୍ଟକ ନିହ୍ନବର ଉଲ୍ଲେଖ ଅଛି । ଏହାର ଉତ୍ପତ୍ତି ମହାବୀର ନିର୍ବାଣର ୬୦୯ ବର୍ଷ ପରେ ଘଟିଥିଲା ବୋଲି ସ୍ୱୀକାର କରାଯାଏ । ମୋକ୍ଷପ୍ରାପ୍ତି ନିମିତ୍ ବସ୍ତ୍ରଧାରଣ କରିବା ପ୍ରଶ୍ନ ନେଇ ମିଳୁଥିବା ଶ୍ୱେତାମ୍ବର ଆଗମମାନଙ୍କରେ ଉଭୟ ସବସ୍ତ୍ର ଓ ଅବସ୍ତ୍ର ପରମ୍ପରାର ଉଲ୍ଲେଖ ଅଛି । ଯେଉଁ ସାଧୁ ବସ୍ତ୍ରଧାରଣ କରବାକୁ ଚାହୁଁ ନଥିଲେ ସେ ଉଲଗ୍ନ ରହୁଥିଲେ ଓ ଯେଉଁମାନେ ସେପରି ରହିବାକୁ ଅସମର୍ଥ ହେଉଥିଲେ ସେମାନେ ବସ୍ତ୍ର ଧାରଣ କରୁଥିଲେ । ଶ୍ୱେତାମ୍ବର ପରମ୍ପରା ଅନୁଯାୟୀ ଭଗବାନ ମହାବୀର ବସ୍ତ୍ରଧାରଣ କରୁନଥିଲେ ଏବଂ ପାର୍ଶ୍ୱନାଥଙ୍କର ଶିଷ୍ୟମାନେ ବସ୍ତ୍ରଧାରଣ କରୁନଥିଲେ । କେଶୀ ଗୌତମ ସମ୍ବାଦରେ ମଧ ବସ୍ତ୍ରକୁ କେନ୍ଦ୍ର କରି ଉତ୍ଥାପିତ କେଶୀ ପ୍ରଶ୍ନର ଉତ୍ର ଦେଇ ଗୌତମ କହିଛନ୍ତି ଯେ ବସ୍ତ୍ର ଆଦି ବାହ୍ୟ ବେଶ କେବଳ ସାଧନ ମାତ୍ର ଅଟେ । ମୁଖ୍ୟ ବିଷୟ ହେଲା ଚିତ୍ଶୁଧି । ଏଥିରୁ ଏହାହିଁ ପ୍ରମାଣିତ ହେଉଛି ଯେ ସେ ସମୟରେ ଦିଗମ୍ବର-ଶ୍ୱେତାମ୍ବର ମତଭେଦ ସୃଷ୍ଟି ହୋଇନଥିଲା ।

ମହାବୀରଙ୍କ ପରେ ଗୌତମ, ଇନ୍ଦ୍ରଭୂତି, ସୁଧର୍ମା ଏବଂ ଜମ୍ବୁସ୍ୱାମୀଙ୍କର ପରମ୍ପରା ଦିଗମ୍ବର ଏବ ଶ୍ୱୋତମ୍ବର ଉଭୟ ସମ୍ପ୍ରଦାୟ ଦ୍ୱାରା ମାନ୍ୟତା ପ୍ରାପ୍ତ ହୋଇଥିଲା । ମହାବୀରଙ୍କ ନିର୍ବାଣ ପରେ କେବଳ ଜ୍ଞାନପ୍ରାପ୍ତି ପର୍ଯ୍ୟନ୍ତ ଆର୍ଯ୍ୟ ସୁଧର୍ମା ଜୈନ ସଂଘର ନେତୃତ୍ୱ ନେଇଥିଲେ । ପୁନଶ୍ଚ ସଂଘର ଭାର ସ୍ୱ ଶିଷ୍ର ଜମ୍ବୁସ୍ୱାମୀଙ୍କ ଉପରେ ନ୍ୟସ୍ତ କରି ସେ ୧୦୦ ବର୍ଷ ବୟସରେ ନିର୍ବାଣ ଲାଭ

କଲେ । ଜମ୍ବୁସ୍ୱାମୀ ଥିଲେ ଅନ୍ତିମ କେବଳୀ । ତାଙ୍କ ପରେ କେବଳ ଜ୍ଞାନ ତଥା ନିର୍ବାଣର ଦ୍ୱାର ବନ୍ଦ ହୋଇଗଲା । ତାଙ୍କ ପରେ ଉଭୟର ପରମ୍ପରା ଭିନ୍ନ ଭିନ୍ନ ହୋଇଗଲା । ଦିଗମ୍ବର ପରମ୍ପରାରେ ବିଷ୍ଣୁ, ନନ୍ଦୀ, ଅପରାଜିତ, ଗୋବର୍ଦ୍ଧନ ଏବଂ ଭଦ୍ରବାହୁ ତଥା ଶ୍ୱେତାମ୍ବର ପରମ୍ପରା ପ୍ରଭବ, ଶୟଂଭବ, ଯଶୋଭଦ୍ର, ସଂଭୂତ ବିଜୟ ଏବଂ ଭଦ୍ରବାହୁ ନାମରେ ୫ଜଣ ଶ୍ରୁତ କେବଳୀ ହୋଇଥିଲେ । ଭଦ୍ରବାହୁଙ୍କୁ ଉଭୟ ସମ୍ପ୍ରଦାୟ ଚଉଦଟି ପୂର୍ବ ଜାଣିଥିବା ଶେଷ ଶ୍ରୁତ କେବଳୀ ବୋଲି ସ୍ୱୀକାର କରିଥାନ୍ତି । ଆଚାର୍ଯ୍ୟ ଭଦ୍ରବାହୁ ପାଟଳିପୁତ୍ର ବାଚନାର ସମସାମୟିକ ଅଟନ୍ତି । ଏହି ପାଟଳିପୁତ୍ର ବାଚନାରେ ହିଁ ଆଗମମାନଙ୍କୁ ବ୍ୟବସ୍ଥିତ ରୂପ ଦେବା ନିମିତ୍ ଜୈନ ଶ୍ରମଣମାନଙ୍କର ପ୍ରଥମ ପ୍ରଚେଷ୍ଟା ହୋଇଥିଲା । ଏହା ବ୍ୟତୀତ ମଥୁରାର କଙ୍କାଳୀଟିଲେରେ ୨୦୦ ବର୍ଷର ପ୍ରାଚୀନ ଜୈନ ତୀର୍ଥଙ୍କରମାନଙ୍କର ଯେଉଁ ନଗ୍ନମୂର୍ତ୍ତିମାନ ମିଳିଛି, ସେ ସବୁ ଉଭୟ ଦିଗମ୍ବର ଏବଂ ଶ୍ୱେତାମ୍ବର ସମ୍ପ୍ରଦାୟ ଦ୍ୱାରା ପୂଜିତ ହେଉଥିଲା । ଏଥିରୁ ପ୍ରମାଣିତ ହେଉଛି ଯେ ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀର ପ୍ରାକ୍କାଳରେ ମଧ ଉଭୟ ସମ୍ପ୍ରଦାୟ ମଧରେ କୌଣସି ମତଭେଦ ନଥିଲା । ଉଭୟ ସମ୍ପ୍ରଦାୟର ପ୍ରାଚୀନ ସାହିତ୍ୟରେ ପରିଦୃଷ୍ଟ ପରମ୍ପରାଗତ ବିଷୟ ଏବଂ ସେଥି ସହିତ ସମ୍ବନ୍ଧିତ ଗାଥାଗୁଡ଼ିକର ଅନେକ ସାମଞ୍ଜସ୍ୟ ରହିଥିବାର ଦେଖାଯାଏ । ଏଥିରୁ ମଧ ପ୍ରମାଣିତ ହୁଏ ଯେ ଉଭୟ ଗୋଟିଏ ସ୍ରୋତରୁ ଉତ୍ପନ୍ନ ।

ବସ୍ତ୍ର ପ୍ରଶ୍ନହିଁ ଉଭୟ ସମ୍ପ୍ରଦାୟ ମଧରେ ମତଭେଦର ପ୍ରଧାନ କାରଣ ହୋଇ ରହିଛି । ଏହି ଦୃଷ୍ଟିରୁ ଦିଗମ୍ବର (ନଗ୍ନ-ବସ୍ତ୍ରରହିତ) ଏବଂ ଶ୍ୱୋତମ୍ବର (ଶ୍ୱେତ-ବସ୍ତ୍ରସହିତ) ଶବ୍ଦ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ଯଦ୍ୟପି ବସ୍ତ୍ର ସମ୍ବନ୍ଧୀ ଚର୍ଚ୍ଚା ପାର୍ଶ୍ୱନାଥଙ୍କ ଅନୁଚର ଶ୍ରମଣକୁମାର କେଶୀ ଏବଂ ମହାବୀରଙ୍କ ଅନୁଚର ଗୌତମ ଇନ୍ଦ୍ରଭୂତିଙ୍କ ସମୟରୁ ଚାଲିଆସିଛି, ତଥାପି ପ୍ରଥମ ଖ୍ରୀଷ୍ଟାବ୍ଦର ଶେଷ ଭାଗରୁ ହିଁ ଏ ବିବାଦ ସ୍ଥାୟୀ ରୂପ ନେଇଛି । ସେହି ସମୟରେ ମହାବୀର ନିର୍ବାଣର ୬୦୯ ବର୍ଷ ପରେ (ଖ୍ରୀଷ୍ଟାବ୍ଦ ୮୩) ଦିଗମ୍ବର ସମ୍ପ୍ରଦାୟର ଆବିର୍ଭାବ ହୋଇଥିବା କଥା ଶ୍ୱେତାମ୍ବର ସମ୍ପ୍ରଦାୟ ପ୍ରଚାର କଲା ଓ ରାଜା ବିକ୍ରମାଦିତ୍ୟଙ୍କ ମୃତ୍ୟୁର ୧୩୬ ବର୍ଷ ପରେ (ଖ୍ରୀ ୮୦) ଶ୍ୱେତାମ୍ବର ସମ୍ପ୍ରଦାୟର ଉତ୍ପତ୍ତି ହୋଇଥିବା କଥା ଦିଗମ୍ବର ସଂପ୍ରଦାୟ ପ୍ରଚାର କଲେ ।

ପ୍ରତ୍ୟେକ ଅପରକୁ ଅତିବାଦ ବୋଲି ଭର୍ତ୍ସନା କରିଛନ୍ତି । ମୂଳ ଆଗମ ସାହିତ୍ୟ ଲୁପ୍ତ ହୋଇଯାଇଥିବାରୁ ଆଗମନମାନଙ୍କରେ ବହୁ ଅସଂଗତି ଉତ୍ପନ୍ନ ହେଲା । ଏହା ଦିଗମ୍ବର ଶ୍ୱେତାମ୍ବର ମତଭେଦକୁ ଆହୁରି ବଳ ଯୋଗାଇଲା । ମୁଳ ପରମ୍ପରା ବିସ୍ମୃତି ହୋଇଯାଆନ୍ତେ ଭଗବାନ ମହାବୀରଙ୍କ ଜୀବନକୁ ନେଇ ମଧ ଦୁଇ ସଂପ୍ରଦାୟ ମଧରେ ମତଭେଦ ବୃଦ୍ଧି ପାଇଲା । ପରବର୍ତ୍ତୀ କାଳରେ ଦିଗମ୍ବର ଓ ଶ୍ୱୋତମ୍ବରମାନଙ୍କ ମୂର୍ତ୍ତୀ ଭିନ୍ନ ଭିନ୍ନ ରୂପରେ ପୂଜିତ ହେଲେ । ପୂଜାବିଧି, କ୍ରିୟାକାଣ୍ଡ, ଇତ୍ୟାଦିକୁ ନେଇ ମଧ ଧୀରେ ଧୀରେ ଅଧିକରୁ ଅଧିକ ବିଭେଦ ବଢ଼ିଲା । ବାସ୍ତବରେ ଦେଖିଲେ ବାହ୍ୟ କ୍ରିୟାକାଣ୍ଡକୁ ହିଁ ନେଇ ଉଭୟ ସଂପ୍ରଦାୟ ମଧରେ ଯାହା ମତଭେଦ ରହିଛି ।

# ଶ୍ରମଣ ସଂଘର ଧର୍ମପ୍ରଚାର

ଲିଚ୍ଛାବୀ ନିଜର ଗଣ ଅଥବା ସଂଘ ବ୍ୟବସ୍ଥା ପାଇଁ ପ୍ରସିଧି୍ ଲାଭ କରିଛି । ଭଗବାନ ମହାବୀର ଲିଚ୍ଛାବୀ କୂଳରେ ଜନ୍ମଗ୍ରହଣ କରିଥିଲେ । ଏଣୁ ତାଙ୍କର ସଂଘ-ବ୍ୟବସ୍ଥା ନିଶ୍ଚିତ ଭାବେ ଏମାନଙ୍କୁ ପ୍ରଭାବିତ କରିଥିବ । ପାର୍ଶ୍ୱନାଥଙ୍କ ପରି ମହାବୀରଙ୍କର ସଂଘ ମଧ ଚାରି ଭାଗରେ ବିଭକ୍ତ ହୋଇଥିଲା । ଶ୍ରମଣ, ଶ୍ରମଣୀ, ଶ୍ରାବକ ଏବଂ ଶ୍ରାବିକା । ଏହାକୁ ଚତୁର୍ବିଧ ସଂଘ କୁହାଯାଇଥାଏ । ଏହି ଅବସ୍ଥାରେ କେବଳ ଶ୍ରମଣ ଶ୍ରମଣୀଙ୍କର ଅଥବା ଶ୍ରାବକ-ଶ୍ରାବିକାଙ୍କର ଦେଖାଚାହାଁ କରୁନଥିଲେ, ପରନ୍ତୁ ଶ୍ରମଣ-ଶ୍ରମଣୀ ତଥା ଶ୍ରାବକ-ଶ୍ରାବିକା ମଧ ପରସ୍ପରକୁ ଧର୍ମରେ ସୁଦୃଢ଼ ରଖିବା ଦିଗରେ ଯତ୍ନଶୀଳ ହେଉଥିଲେ । ଜୈନ ସାଧୁମାନେ ଦୂର ଦେଶମାନଙ୍କରେ ଭ୍ରମଣ କରି ନର୍ଗ୍ରନ୍ଥ ଧର୍ମର ପ୍ରଚାର ତଥା ସମାଜରେ ଅହିଂସ ଭାବନାର ପ୍ରସାର କରିଛନ୍ତି । ଗୃହସ୍ଥ ସେମାନଙ୍କର ଭୋଜନ, ପାନ ତଥା ଆଶ୍ରୟର ବ୍ୟବସ୍ଥା କରି ପୂଣ୍ୟ ଉପାର୍ଜନ କରିଥାନ୍ତି ।

ଭଗବାନ ମହାବୀର ନିଜର ଶ୍ରମଣ ସଂଘକୁ ସୁଦୃଢ଼ ରଖିବା ନିମିତ୍ କଠୋର ଅନୁଶାସନ ବିଧାନ କରିଛନ୍ତି ସେ କହିଛନ୍ତି, "ହେ ଆୟୁଷ୍ମାନ୍ ଶ୍ରମଣ ! ନିଜର ଇନ୍ଦ୍ରିୟ ଉପରେ ଅଙ୍କୁଶ ରଖ, ଶୟନ, ଜାଗରଣ, ଉପବେଶନ, ଚାଲି-ଚଳଣ ସବୁଥିରେ ସବୁବେଳେ ସତର୍କ ରୁହ । ଗୋଟିଏ କ୍ଷଣ ମଧ ପଦ ସ୍ଖଳନ ନହେଉ, କାରଣ କିଏ ଜାଣେ କେଉଁ ମୁହୂର୍ତ୍ତରେ କେଉଁ ଆଡୁ ପ୍ରଲୋଭନ ଆସି ତୁମକୁ ପଥଚ୍ୟୁତ କରିବ । ଅତଏବ ଯେପରି କଇଁଛ ନିଜକୁ ବିପଦରୁ ରକ୍ଷା କରିବା ନିମିତ୍ ନିଜର ଅଙ୍ଗପ୍ରତଙ୍ଗକୁ ନିଜର ଖୋଳପା ଭିତରେ ଲୁକ୍‌କାୟିତ କରେ, ସେହିପରି ତୁମେ ମଧ ତୁମର ମନକୁ ନିଜ ଆୟତ୍‌ରେ ରଖ ଏବଂ ତୁମର ଚଳ ମନୋବୃତି୍ ସମୂହକୁ ଅବାଟରେ ଯିବାକୁ ନିବୃତ୍ କର ।"

ଜୈନ ଶ୍ରମଣ୫ ମହାବ୍ରତ ପାଳନ କରନ୍ତି । ତାଙ୍କ ପାଇଁ ବା ତାଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ଖାଦ୍ୟ ସେ ଖାଆନ୍ତି ନାହିଁ; କନ୍ଦମୂଳ ଫଳ ଇତ୍ୟାଦି ତ୍ୟାଗ କରି ଭିକ୍ଷାବୃତିରେ ଜୀବନ ନିର୍ବାହ କରନ୍ତି । ଏହାର ତାତ୍ପର୍ଯ୍ୟ ହେଲା, ଏପରି କୌଣସି କର୍ମ ସେ କରିବେ ନାହିଁ ଯଦ୍ୱାରା ଅନ୍ୟ ପାଇଁ କିତ୍ ମାତ୍ରାରେ ହେଲେ ବି କ୍ଳେଶ ଉପୁଜିବ ।

ଶରୀର କ୍ଳେଶ ଦ୍ୱାରା ମନ ଏବଂ ଇନ୍ଦ୍ରିୟ ଉପରେ ବିଜୟ ଲାଭ କରିବାର ଆଦର୍ଶ ମହାବୀର ସ୍ୱ ତପସ୍ୱୀ ଜୀବନରେ ଦେଖାଇ ଯାଇଥିଲେ । ମହାବୀରଙ୍କ ପରର୍ବୀ ଯୁଗର ଶିଷ୍ୟ ପ୍ରଶିଷ୍ୟବର୍ଗ ସେହି ଆଦର୍ଶର ଅନୁସରଣ କରିଥିଲେ । ନିଜର ପାର୍ଥିବ ଶରୀର ପ୍ରତି ସେମାନଙ୍କର ତିଳେମାତ୍ର ମମତ୍ୱବୋଧ ନଥିଲା । ସେମାନଙ୍କର ତପସ୍ୟା ଅତ୍ୟନ୍ତ କୃଚ୍ଛ୍ର ଥିଲା ।

କ୍ଷୁଧା, ତୃଷ୍ଣା, ଗ୍ରୀଷ୍ମ, ଶୀତ, ମାନ ଅପମାନ, ଲାଭ କ୍ଷତି ଇତ୍ୟାଦି ପରୀଷହ ବ୍ୟତିରେକ ଜୈନ ଶ୍ରମଣମାନଙ୍କୁ ଆହୁରି ଅନେକ ପ୍ରକାରର ଭୟଙ୍କର ଯନ୍ତ୍ରଣା ସହିବାକୁ ପଡୁଥିଲା । ଧର୍ମୋପଦେଶ ନିମିତ୍ ସେମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାପାଇଁ ପଡୁଥିଲା ।

ଯାତାୟତ ପଥ ବିପଦମୁକ୍ତ ନଥିଲା । ହିଂସ୍ର, ଶ୍ୱାପଦ,ବନବାସୀ ହିଂସ୍ର ଜାତିର ଲୋକ ତଥା ଚୋର ତସ୍କରଙ୍କ ଉପଦ୍ରବ୍ୟ ସହ୍ୟ କରିବାକୁ ପଡୁଥିଲା । ଦୁର୍ଗମ ପର୍ବତ, ନଦୀ-ନାଳ ଏବଂ ମରୁଭୂମି ପାର ହୋଇ ଅଗ୍ରସର ହେବାକୁ ପଡୁଥିଲା । ବର୍ଷା ହେତୁ ନୀଦରେ ବନ୍ୟା ଆସିଗଲେ ଅଟକିଯିବାକୁ ପଡୁଥିଲା । ବର୍ଷା ହେତୁ ନଦୀରେ ବନ୍ୟା ଆସିଗଲେ ଅଟକିଯିବାକୁ ପଡୁଥିଲା । ରାସ୍ତାଘାଟ ନଥିବାରୁ ଅନେକ ସମୟରେ ପଥଭ୍ରଷ୍ଟ ହେବାର ଭୟ ଥିଲା । ରାଷ୍ଟ୍ରବପ୍ଳବ ହେଲେ ସାଧୁମାନେ ସଙ୍କଟର ସମ୍ମୁଖୀନ ହେଉଥିଲେ । ଶ୍ରମଣଙ୍କୁ ଗୁପ୍ତଚର ବୋଲି ସନ୍ଦେହ କରି ବେଳେବେଳେ ଧରିନିଆଯାଉଥିଲା ଓ ବଧ-ବନ୍ଧନ ଆଦି ମଧ ବେଳେ ସନ୍ଦେହ କରି ବେଳେବେଳେ  ଭାଗ୍ୟରେ ଯୁଟୁଥିଲା । ବିଧର୍ମୀ ରାଜା ଜୈନ ଶ୍ରମଣମାନଙ୍କୁ ଦେଶରୁ ନିର୍ବାସିତ କରିଦେଉଥିଲେ, ସେମାନଙ୍କର ଭୋଜନ, ପାନ, ଇତ୍ୟାଦି ବନ୍ଦ କରି ଦେଉଥିଲେ, ଧର୍ମୋପକରଣ ଛଡ଼େଇ ନେଉଥିଲେ କିମ୍ବା ସେମାନଙ୍କର ଚରିତ୍ର ସଂହାର କରିବାକୁ ଚେଷ୍ଟା କରୁଥବଲେ । ସେ ସମୟରେ ଜୈନ ଉପାସକମାନଙ୍କର ସଂଖ୍ୟା କମ୍ ଥିଲା । ତେଣୁ ସାଧୁମାନଙ୍କର କୌଣସି ବସ୍ତିରେ ଆଶ୍ରୟ ପାଇବା କଷ୍ଟକର ଥି । ଶ୍ରମଣ କୌଣସି ବୃକ୍ଷ ତଳେ ଏକାନ୍ତ ବାସ କରିବାକୁ ବାଧ ହେଉଥିଲେ । ରୋଗ ଏବଂ ଦୁର୍ଭିକ୍ଷଜନିତ କଷ୍ଟ ମଧ କିଛି କମ୍ ନଥିଲା । ବହୁ ସମୟରେ କୌଣସି ଭୟଙ୍କର ରୋଗରେ ପୀଡ଼ିତ ହେଲେ, ଦୁର୍ଭିକ୍ଷ ପଡ଼ିଲେ, ବୃଧ୍ୱାବସ୍ଥା ଉପଗତ ହେଲେ ଧର୍ମ ପାଇଁ ତାଙ୍କୁ ଶରୀର ତ୍ୟାଗ କରିବାକୁ ପଡୁଥିଲା ।

ଜୈନ ଶ୍ରମଣଙ୍କ ପରି ଜୈନ ସାଧ୍ୱୀମାନେ ମଧ ଜୈନସଂଘର ବିଶିଷ୍ଟ ଅଙ୍ଗ ଥିଲେ । ସାଧୁଙ୍କ ପରି ସେମାନଙ୍କୁ ମଧ ଘର ଘର ବୁଲି ଭିକ୍ଷାବୃତ୍ତି କରିବାକୁ ପଡୁଥିଲା । କହିବା ବାହୂଲ୍ୟ ମାତ୍ର ଯେ ସାଧୁମାନଙ୍କ ଅପେ୪ା ସାଧ୍ୱୀମାନଙ୍କୁ ଅଧିକ ଅନୁଶାସନ ତଥା ସଂଯମ ଆଚରଣ କରିବାକୁ ପଡୁଥିଲା । ସାଧୁମାନଙ୍କୁ ଆଦେଶ ଥିଲା ଯେ ସେମାନେ ସାଧ୍ୱୀମାନଙ୍କର ସୁରକ୍ଷା ପାଇଁ ଯଥାସାଧ ଯତ୍ନବାନ୍ ହେବେ, ଯେପରିକି ସେମାନଙ୍କର ଶୀଳବ୍ରତ ଅଖଣ୍ଡ ରହିପାରିବ ।

ବୌଧ୍ ଧର୍ମ ଜୈନଧର୍ମ ମଧ ସ୍ତ୍ରୀଜାତିକୁ ଦୋଷୀ ସାବ୍ୟସ୍ତ କରିଥାଏ, ମାତ ବୁଧ୍ଙ୍କ ଅପେକ୍ଷା ମହାବୀର ଏ ଦିଗରେ ଅଧିକ ଉଦାର ବୋଲି ମନେହୁଏ । ପାର୍ଶ୍ୱନାଥ ଏବଂ ମହାବୀର ନାରୀକୁ ନିଜ ସଂଘରେ ଯତାଯଥ ସ୍ଥାନ ପ୍ରଦାନ କରିଛନ୍ତି । ବୌଧ୍ଧର୍ମ ଆରମ୍ଭରେ ବୌଧ୍ ସଂଘକୁ ଭିକ୍ଷୁ, ଉପାସ ଏବଂ ଉପାସିକା ଏହି ତିନି ଭାଗରେ ବିଭକ୍ତ କରାଯାଇଥିଲା । ଭିକ୍ଷୁଣୀଙ୍କ ପାଇଁ ସେଥିରେ ସ୍ଥାନ ନଥିଲା । ବୁଧ୍ଙ୍କ ମାଉସୀ ମହାପ୍ରଜାପତି ଗୌତମୀଙ୍କୁ ବୁଧ୍ଙ୍କର ଏତାଦୃଶ ପକ୍ଷପାତ ନୀତି ଭଲ ଲାଗିଲା ନାହିଁ । ନାରୀଙ୍କୁ ମଧ ବୌଧ୍ ସଂଘରେ ଦୀକ୍ଷିତ କରିବାକୁ ସେ ବୁଧ୍ଦେବଙ୍କୁ ଅନୁରୋଧ କଲେ । ବୁଧ୍ ମହାପ୍ରଜାପତି ଗୌତମୀଙ୍କର କଥା ମାନିନେଲେ ସତ, କିନ୍ତୁ ତାଙ୍କୁ କହିବାକୁ ପଡ଼ିଲା ଯେ, ଏପରି ପରିସ୍ଥିତିରେ ବୌଧ୍ ସଂଘ କେବଳ ପା□ଶହ ବର୍ଷ ପର୍ଯ୍ୟନ୍ତ ଶୁଧ୍  ବ୍ରହ୍ମଚାର୍ଯ୍ୟ ପାଳନ କରିପାରିବ ।

ଜୈନଧର୍ମର ଉନବିଂଶତିତମ ତୀର୍ଥଙ୍କର ମଲ୍ଲିଙ୍କୁ ମଲ୍ଲି କୁମାରୀ କୁହାଯାଇଛି ; ଯଦିଓ ଦିଗମ୍ବର ସମ୍ପ୍ରଦାୟ ତାଙ୍କୁ ପୁରୁଷ ବୋଲି ମାନିଥାଏ । ରାଜୀମତୀ ଯେତେବେଳେ ତାଙ୍କୁ ଦେଖି ଅରିଷ୍ଟନେମିଙ୍କର ଭାଇ ରଥନେମିଙ୍କର ମନ ଚ□ଳ ହୋଇ ଉଠିଲା । ସେହି ସମୟରେ ଅନେକ ଉଦାହରଣ ଏବଂ ଦୃଷ୍ଟାନ୍ତ ଦ୍ୱାରା ଶିକ୍ଷା ଦେଇ ରାଜମତୀ ତାଙ୍କୁ ସଂଯମରେ ସ୍ଥିର କଲେ । ପାର୍ଶ୍ୱନାଥଙ୍କର ଶ୍ରମଣୀ ସଂଘର ନେତୃତ୍ୱ ନେଇଥିବା ପୁଷ୍ପଚୁଲା ତଥା ମହାବୀରଙ୍କର ପ୍ରଥମ ଶିଷ୍ୟ ଆର୍ଯ୍ୟ ଚନ୍ଦନାଙ୍କ ସମ୍ପର୍କରେ ଆଗରୁ କୁହାଯାଇସାରିଛି । ତାଙ୍କର ମାର୍ଗଦର୍ଶନ ରେ ସମ୍ୟକ୍ ଚାରିତ୍ର ପାଳନ କରି ଅନେକ ସାଧ୍ୱୀ ପରମପଦ ପ୍ରାପ୍ତ ହୋଇଥିଲେ । ଅନ୍ୟ ଶ୍ରାବିକା ମହିଳାଙ୍କ ମଧରେ ଜୟନ୍ତୀ, ସୁଲସା, ରେବତୀ ଆଦିଙ୍କର ନାମ ଉଲ୍ଲେଖଯୋଗ୍ୟ । ବସ୍ତୁତଃ ମାନବସମାଜ ଭିତରେ ଜାତିଭେଦ ସ୍ୱୀକାର କରୁନଥିବା ନିର୍ଗ୍ରନ୍ଥ ସମ୍ପ୍ରଦାୟ ଲିଙ୍ଗଭେଦ ମଧ ସ୍ୱୀକାର କରିବା ଅନୁଚିତ । କିନ୍ତୁ ବୋଧହୁଏ ପରବର୍ତ୍ତୀ ଯୁଗରେ ନଗ୍ନତା ପ୍ରଶ୍ନନେଇ ଯେତେବେଳେ ଦିଗମ୍ବର ଶ୍ୱେତାମ୍ବର ମତଭେଦ ସୃଷ୍ଟି ହେଲା, ନାରୀ ସ୍ୱାଧୀନତା ପ୍ରଶ୍ନକୁ ମଧ ତା ସହିତ ଯୋଡ଼ିଦିଆଗଲା ଏବଂ ନାରୀର ସ୍ୱାଧୀନତା ପାଇବା ଅଧିକାର ଅପହରଣ କରିନିଆଗଲା ।

ଜୈନଧର୍ମର ପ୍ରଚାର

ଜୈନ ଶ୍ରମଣ ନିଜର ସଂଘ ତିଆରି କରି ଜଣେ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଜନପଦ ବିହାର କରନ୍ତି । ବର୍ଷା ଋତୁରେ ଚାରିମାସ ସେମାନେ ଗୋଟିଏ ସ୍ଥାନରେ ରହନ୍ତି । ବାକି ଆଠମାସ ଆତ୍ମଶୁଦ୍ଧି ନିମିତ୍ କୌଣସି ମହାନ୍ ଆଚାର୍ଯ୍ୟ ଇତ୍ୟାଦିଙ୍କର ସମ୍ପର୍କରେ ଆସି ନିଜକୁ ଧର୍ମରେ ସ୍ଥିର ରଖିବା ନିମିତ୍ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଭ୍ରମଣ କରନ୍ତି । ଏହି ଶ୍ରମଣ ମାନଙ୍କୁ ବିଭିନ୍ନ ଦେଶର ଭାଷାରେ ପ୍ରବୀଣ ହେବା ଆବଶ୍ୟକ ଥିଲା, କାରଣ ଏହା ଦ୍ୱାରା ସେମାନେ ସାଧାରଣ ଜନତାକୁ ସହଜରେ ନିଜର ଉପଦେଶ ଶୁଣାଇ ଲାଭବାନ୍ କରିପାରୁଥିଲେ । ସେହି ସେହି ସ୍ଥାନରେ ରୀତିନୀତି ସହିତ ମଧ ସେମାନଙ୍କୁ ସୁପରିଚିତ ହେବାକୁ ପଡୁଥିଲା । ଅନ୍ୟଥା ସେମାନଙ୍କୁ ଉପହସିତ ହେବାକୁ ପଡୁଥିଲା । ପଦଯାତ୍ରାର ପରମ୍ପରା ପାର୍ଶ୍ୱନାଥ ତଥା ମହାବୀରଙ୍କ ସମୟରୁ ଚାଲିଆସିଥିଲା ।

କେବଳଜ୍ଞାନ ପ୍ରାପ୍ତି ପରେ ତୀର୍ଥଙ୍କର ମହାବୀର ଯେତେବେଳେ ସାକେତ (ଅଯୋଧା) ରେ ବିହାର କରୁଥିଲେ ଜୈନଶ୍ରମଣ ଓ ଶ୍ରମଣୀମାନଙ୍କୁ ଲକ୍ଷ୍ୟକରି ସେ କହିଥିଲେ, "ନିର୍ଗ୍ରନ୍ଥ ଏବଂ ନିର୍ଗ୍ରନ୍ଥିନୀ ସାକେତର ପୂର୍ବରେ ଅଙ୍ଗ ମଗଧ ପର୍ଯ୍ୟନ୍ତ, ଦକ୍ଷିଣରେ କୌଶାମ୍ବୀ ପର୍ଯ୍ୟନ୍ତ, ପଶ୍ଚିମରେ ସ୍ଥୂଣ (ସ୍ଥାନେଶ୍ୱର) ପର୍ଯ୍ୟନ୍ତ ଏବଂ ଉତ୍ତରେ କୁଣାଳା (ଶ୍ରୀବସ୍ତୀ ଜନପଦ) ପର୍ଯ୍ୟନ୍ତ ବିହାର କରି ପାରିବେ । ଏହି କ୍ଷେତ୍ର ହିଁ ଆର୍ଯ୍ୟ କ୍ଷେତ୍ର ଅଟେ, ଏହାର କାହାର ନୁହେଁ । କେବଳ ଏହି କ୍ଷେତ୍ରରେ ସାଧୁ ସାଧ୍ୱୀଗଣ ଜ୍ଞାନ, ଦର୍ଶନ ତଥା ଚରିତ୍ର ନିର୍ଦ୍ଦୋଷ ଭାବେ ପାଳନ କରିପାରନ୍ତି ।" ଏଥିରୁ ଏହା ବୁଝାପଡୁଛି ଯେ ସେ ସମୟରେ ଜୈନ ଶ୍ରମଣମାନେ କବେଳ ଉପରୋକ୍ତ କ୍ଷେତ୍ରରେ ବିହାର

କରିଥିଲେ, ସୁଦୂର ପ୍ରଦେଶମାନଙ୍କରେ ପହ� ପାରିନଥିଲେ ।

ରାଜପରିବାର ଓ ଜୈନଧର୍ମ

ଜୈନ ପରମ୍ପରା ଅନୁଯାୟୀ ନିର୍ଗ୍ରନ୍ଥ ଧର୍ମ ଅନୁସରଣ କରୁଥିବା ମହାବୀରଙ୍କର ସମସାମୟିକ ଅନେକ ରାଜା ମହାରାଜାଙ୍କ ଉଲ୍ଲେଖ ଜୈନ ଗ୍ରନ୍ଥମାନଙ୍କରେ ଦେଖିବାକୁ ମିଳେ । ଏମାନଙ୍କ ଭିତରୁ କେତେକଙ୍କୁ ସ୍ୱୟଂ ମହାବୀର ଦୀକ୍ଷା ପ୍ରଦାନ କରିଥିଲେ । ଉଦାହରଣ ସ୍ୱରୂପ, ଜୈନ ଗ୍ରନ୍ଥମାନଙ୍କରେ ୧୮ ଜଣ ଗଣରାଜାଙ୍କର ନେତା ବୈଶାଳୀ ରାଜା ଚେଟକ, ରାଜଗୃହରେ ଶ୍ରେଣିକ ବିମ୍ବିସାର, ଚମ୍ପାର କୁଣିକ ଅଜାତଶତ୍ରୁ, କୌଶାମ୍ବୀ ରାଜ ଉଦୟନ, ଚମ୍ପାର ରାଜା ଦଧିବାହନ, ଉଜ୍ଜୟିନୀର ରାଜା ପ୍ରଦ୍ୟୋତ, ବୀତଭୟର ରାଜା ଭଦ୍ରାୟଣ ପ୍ରଭୃତିଙ୍କୁ ଜୈନ ପନ୍ଥୀ କୁହାଯାଏ । ଏମାନଙ୍କ ମଧ୍ୟରୁ ଦୁଇ ଚାରି ଜଣଙ୍କୁ ଛାଡ଼ି ଅନ୍ୟ କାହାରି ସମ୍ପର୍କରେ କୌଣସି ଐତିହାସିକ ତଥ୍ୟ ମିଳୁନାହିଁ । କାଶୀ କୋଶଳର ଗଣରାଜାମାନଙ୍କର ପ୍ରମୁଖ ନେତା ଚେଟକଙ୍କ ପରି ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କର ସୁଧ୍ୱା ଉଲ୍ଲେଖ ଇତିହାସରେ ଦେଖିବାକୁ ମିଳେ ନାହିଁ । ବୌଦ୍ଧ ଗ୍ରନ୍ଥମାନଙ୍କରେ ମଧ୍ୟ ଚେଟକଙ୍କର ନାମ ଦେଖିବାକୁ ମିଳେ ନାହିଁ । ଚମ୍ପାର ରାଜା ଦଧିବାହନ ଏବଂ ଭଦ୍ରାୟଣଙ୍କ ସମ୍ବନ୍ଧରେ ଆମେ କିଛି ଜାଣୁନାହିଁ । କେବଳ ଏତିକି ଜଣାଯାଏ ଯେ ବୌଦ୍ଧ ଗ୍ରନ୍ଥମାନଙ୍କରେ ଭଦ୍ରାୟଣଙ୍କୁ ଭଦ୍ରାୟଣ କୁହାଯାଇଛି । ପ୍ରାଚୀନ ଜୈନ ଆଗମମାନଙ୍କରେ ଭଦ୍ରାୟଣଙ୍କର ନାମ ମହାବୀରଙ୍କ ଦ୍ୱାରା ଦୀକ୍ଷିତ ଆଠଜଣ ରାଜାଙ୍କ ସହିତ ଆସିଥାଏ । କିନ୍ତୁ ଜୈନ ଟୀକାକାରମାନେ ଏ ରାଜାମାନଙ୍କ ସମ୍ପର୍କରେ ଐତିହାସିକତା ସମ୍ପର୍କରେ ଆଲୋପପାତ କରିବ । ଚମ୍ପାରାଜ ଦଧିବାହନଙ୍କ କନ୍ୟା ଚନ୍ଦନବାଳା (ଆର୍ଯ୍ୟବନ୍ଦନ) ଭଗବାନ ମହାବୀରଙ୍କର ଭିକ୍ଷୁଣୀ ସଂଘର ଗଣିନୀ ଥିବାର ଉଲ୍ଲେଖ ମିଳେ । ଆଉ ଅଧିକ କିଛି ଖୋଜିବସିଲେ ହତାଶ ହେବାକୁ ପଡ଼େ ।

ଜୈନ ପରମ୍ପରା ଅନୁଯାୟୀ ରାଜା ଶ୍ରେଣିକ ଭଗବାନ ମହାବୀରଙ୍କଠାରୁ ଅନେକ ପ୍ରଶ୍ନର ସ୍ପଷ୍ଟୀକରଣ ଚାହିଁଛନ୍ତି । ପରବର୍ତ୍ତୀ କାଳରେ ସେ ସବୁ ଜୈନ ଆଗମମାନଙ୍କରେ ଲିପିବଧ୍ ହୋଇଛି । ରାଜା ଶ୍ରେଣୀଙ୍କ ପତ୍ନୀ ଚେଲନା କୁଣିକଙ୍କର ମାତା । ଚେଲନା ବିଦେହରାଜା ଚେଟକଙ୍କର କନ୍ୟା । ଏଣୁ କୁଣିକଙ୍କୁ ବିଦେହ ପୁତ୍ର ମଧ୍ୟ କୁହାଯାଇଛି । ଭଗବାନ ମହାବୀରଙ୍କର ଚମ୍ପାରେ ସମବସୃତ ହେବା ପରେ ରାଜା କୁଣିକ ସଦଳବଳେ ତାଙ୍କର ଦର୍ଶନ ପାଇଁ ଯିବାର ବର୍ଣ୍ଣନା ଔପପାତିକ ସୂତ୍ରରେ ମିଳିଥାଏ । ଶ୍ରେଣିକ ବିମ୍ବିସାର ଏବଂ କୁଣିକ ଅଜାତଶତ୍ରୁଙ୍କ ପରି କୌଶାମ୍ବୀର ରାଜା ଉଦୟନ ଓ ଉଜ୍ଜୟିନ ରାଜା ଅବନ୍ତୀପ୍ରତି ପ୍ରଦ୍ୟୋତଙ୍କ ସମ୍ପର୍କରେ ବୌଦ୍ଧ ତ୍ରିପିଟକରେ ମଧ୍ୟ ଉଲ୍ଲେଖ ଅଛି । ଶ୍ରେଣିକ ବିମ୍ବିସାର ଏବଂ କୁଣିକ ଅଜାତଶତ୍ରୁ ପ୍ରଭୃତିଙ୍କୁ ଯେପରି ଜୈନ ପରମ୍ପରାରେ ଜୈନ ଧର୍ମାବଲମ୍ବୀ ବୋଲି ଦାବୀ କରାଯାଇଛି । ସେହିପରି ବୌଦ୍ଧ ପରମ୍ପରାରେ ବୌଦ୍ଧଧର୍ମାବଲମ୍ବୀ ବୋଲି ମଧ୍ୟ ଦାବୀ କରାଯାଇଛି । ଏଥିରୁ ଏହାହିଁ ପ୍ରତିପାଦିତ ହେଉଛି ଯେ ସେ ସମୟରେ ସାମ୍ପ୍ରଦାୟିକତା ଏତେ ପ୍ରବଳ ନଥିଲା । ଶାସନଗଣ ବିଭିନ୍ନ ସମ୍ପ୍ରଦାୟ

ପ୍ରତି ସମାନ ଆଦର ଭାବ ପୋଷଣ କରି ଉଦାରତାର ପରିଚୟ ଦେଉଥିଲେ ।

ଅର୍ଯ୍ୟ କ୍ଷେତ୍ରରେ ସୀମାବୃଧି

ପୂର୍ବରୁ କୁହାଯାଇଛି ଯେ ଭଗବାନ ମହାବୀରଙ୍କ ଅନୁଚରବର୍ଗଙ୍କର ବିହାର କ୍ଷେତ୍ର ପ୍ରାୟ ବିହାର, ବଙ୍ଗଳା ଏବଂ ଉତ୍ତର ପ୍ରଦେଶ ଭିତରେ ହିଁ ସୀମାବଧ୍ ଥିଲା । ଏହି କ୍ଷେତ୍ରକୁ ଭଗବାନ ମହାବୀର ଆର୍ଯ୍ୟ କ୍ଷେତ୍ର କହୁଥିଲେ । କିନ୍ତୁ ମହାବୀରଙ୍କର ପ୍ରାୟ ୩୦୦ ବର୍ଷପରେ ଜୈନ ଶ୍ରମଣ ସଂଘ ଇତିହାସରେ ଏପରି ଏକ ସମୟ ଆସିଲା ଯେବେଠାରୁ ଜୈନ ଶ୍ରମଣମାନେ ସୁଦୂର ରାଜ୍ୟମାନଙ୍କୁ ଯିବାକୁ ଲାଗିଲେ । ବୌଧ୍ ଧର୍ମର ପ୍ରଚାର ତଥା ପ୍ରସାର ନିମିତ୍ ସମ୍ରାଟ୍ ଅଶୋକ (ଖ୍ରୀ.ପୂ. ୨୭୪-୨୩୭) ଯେଉଁ ଭୂମିକା ଗ୍ରହଣ କରିଥିବଲେ, ଜୈନ ପରମ୍ପରା ଅନୁଯାୟୀ ଜୈନଧର୍ମର ପ୍ରଚାର ନିମିତ୍ ଅବନ୍ତୀରାଜ (ଖ୍ରୀ.ପୂ. ୨୨୦-୨୧୧) ସମ୍ପ୍ରତି ସେହି ଭୂମିକା ଗ୍ରହଣ କରିଥିଲେ । ଅବଶ୍ୟ ଏହି ତଥ୍ୟ କୌଣସି ଦୃଢ଼ ଐତିହାସିକ ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ ନୁହେଁ । ରାଜା ସମ୍ପ୍ରତି ଅନ୍ଧ କୁନାଳଙ୍କର ପୁତ୍ର ଥିଲେ । କୁନାଳ ଅଶୋକଙ୍କର ପୁତ୍ର ବିନ୍ଦୁସାରଙ୍କର ପୌତ୍ର ଏବଂ ଚନ୍ଦ୍ରଗୁପ୍ତଙ୍କର ପ୍ରପୌତ୍ର ଥିଲେ । ସେ ଯେହେତୁ ଅନ୍ଧ ଥିଲେ, ଏଣୁ ରାଜାଗାଦି ପାଇବାରୁ ବତ ହୋଇଥିଲେ । ଜୈନ ପରମ୍ପରା ଅନୁଯାୟୀ ଜୈନ ଆଚାର୍ଯ୍ୟ ସୁହସ୍ତିଙ୍କର ଉପଦେଶ ଶ୍ରବଣ କରି ରାଜା ସମ୍ପ୍ରତି ଜୈନଧର୍ମ ଗ୍ରହଣ କରିଥିଲେ । ତାଙ୍କର ଅନନ୍ୟଭକ୍ତି ଏବଂ ନିଷ୍ଠା ହେତୁ ସେ ପରମ ଧାର୍ମିକ ଉପାଧିରେ ଭୂଷିତ ହୋଇଥିଲେ । ସେ ନଗରର ଚାରୋଟିଯାକ ଦ୍ୱାର ସମ୍ମୁଖରେ ଦାନଶାଳା ଖୋଲିଲେ ଏବଂ ଜୈନ ଶ୍ରମଣମାନଙ୍କ ଖାଦ୍ୟ ପେୟର ଯଥାଯଥ ବ୍ୟବସ୍ଥା କଲେ । ଶ୍ରମଣମାନଙ୍କୁ ପୂଜା ଭକ୍ତି କରିବା ପାଇଁ ସେ ତାଙ୍କ ଅଧୀନସ୍ଥ ସାମନ୍ତ ରାଜାମାନଙ୍କୁ ସାଧୁବେଶରେ ସୀମାନ୍ତ ଦେଶମାନଙ୍କୁ ପଠାଇଥିଲେ । ଜୈନ ଶ୍ରମଣମାନଙ୍କ ପାଇଁ ଶୁଧ୍ ଖାଦ୍ୟ ପେୟର ଯେପରି ବ୍ୟବସ୍ତା ହୋଇପାରିବ ତାହା ଦେଖିବା ସେମାନଙ୍କର କାମ ଥିଲା । ଦକ୍ଷିଣା ପଥରେ ବିଶେଷ କରି ଆନ୍ଧ୍ର, ଦ୍ରାବିଡ଼ି, ମହାରାଷ୍ଟ୍ର ଓ କୁର୍ଗ (କୁଡ଼୍କ୍କ) ଆଦି ଦେଶରେ ଜୈନଧର୍ମ ପ୍ରଚାରର କୃତିତ୍ୱ ଅବନ୍ତୀପତି ପଚିଶଟି ଦେଶ ଜୈନ ଶ୍ରମଣଙ୍କ ବିହାର ଯୋଗ୍ୟ ବୋଲି ପରିଗଣତି ହେଲେ । ଏହି ଦେଶମାନଙ୍କ ମଧରେ ସିନ୍ଧୁ ସୌବୀର, ଲାଢ଼, ଅର୍ଧକେକୟୀ (ରାଜଧାନୀ ଶ୍ୱେତିକା) ଇତ୍ୟାଦି ଅନ୍ତର୍ଭୁକ୍ତ । ଏହିପରି ଭାବେ ଜୈନଧର୍ମର ଉଦୟ ବିହାରରେ (ସେ ସମୟରେ ବଙ୍ଗଳା, ବିହାର ଏବଂ ଓଡ଼ିଶା ରାଜ୍ୟ ଗୋଟିଏ ରାଜ୍ୟ ଥିଲା) ହେଲା ଏବଂ ସେଠାରୁ ଉତ୍ତରପ୍ରଦେଶର ପୂର୍ବ ଜିଲ୍ଲାମାନଙ୍କରେ ବ୍ୟାପିଲା । ମହାବୀର ନିର୍ବାଣ ପରେ ସୌରାଷ୍ଟ୍ର, ଗୁଜୁରାଟ ଏବଂ ରାଜସ୍ଥାନ ଗୋଟିଏ ରାଜ୍ୟ ଥିଲା, ଉତ୍ତରପ୍ରଦେଶର ପଶ୍ଚିମ ଜିଲ୍ଲାସମୂହ, ମଧପ୍ରଦେଶ, ବିଦର୍ଭ, କୋକଣ ଏବଂ ମହାରାଷ୍ଟ୍ର ଦେଇ ଦକ୍ଷିଣ ଭାରତରେ ଆନ୍ଧ୍ର, ଦ୍ରାବିଡ଼ି ଏବଂ କୁର୍ଗ ଆଦି ପ୍ରଦେଶରେ ପହ□ଗଲା । ଆଜିକାଲି ନିଜର ଜନ୍ମସ୍ଥାନ ବିହାରରୁ ଜୈନଧର୍ମ ପ୍ରାୟ ନିଶ୍ଚିହ୍ନ ହୋଇଯାଇଛି ।

ହାତୀ ଗୁମ୍ଫାରେ ଥିବା ସମ୍ରାଟ୍ ଖାରବେଳଙ୍କର ଶିଳାଲେକରୁ ଜଣାପଡ଼େ ସେ ଖ୍ରୀ.ପୂ. ଦ୍ୱିତୀୟ

ଶତାବ୍ଦୀରେ କଳିଙ୍ଗ (ଓଡ଼ିଶା) ଜୈନଧର୍ମର କେନ୍ଦ୍ର ଥିଲା । ଖାରବେଳ ମଗଧରୁ ଜିନ ପ୍ରତିଭା ଆଣି ଏଠାରେ ସ୍ଥାପନା କରିଥବଲେ । ଭୁବନେଶ୍ୱର ନିକଟରେ ଉଦୟଗିରି ଓ ଖଣ୍ଡଗିରି ନାମକ ପାହାଡ଼ କରାଯାଇ ଯେଉଁ ସୁନ୍ଦର ଗୁମ୍ଫା ତିଆରି କରାଯାଇଛି, ତା ଭିତରୁ ୧୦୦ଟି ଗୁମ୍ଫା ଜୈନ ଅଟେ । କଳାଦୃଷ୍ଟିରୁ ଏଗୁଡ଼ିକର ସ୍ଥାନ ଖୁବ୍ ଉଚ୍ଚରେ । ଉତ୍ତରାପଥରେ ମଥୁରାଠାରେ ସୁବର୍ଣ୍ଣସ୍ତୂପ ଥିବାର ଉଲ୍ଲେଖ ମିଳେ । ବାଦଶାହ ଆକ୍‌ବରଙ୍କ ସମୟରେ ସାହୁ ଟୋଡ଼ର ତାର ଜୀର୍ଣ୍ଣୋଧାର କରାଇଥିଲେ । ସେହି ପ୍ରାଚୀନ ସ୍ତୁପ ଆଜିକାଲି କଙ୍କାଳୀଟୋଲି ନାମରେ ପରିଚିତ । ତାହା ଖୋଳାଯିବା ପରେ ପୁରାତତ୍ୱ ସମ୍ବନ୍ଧୀୟ ମହତ୍ୱପୂର୍ଣ୍ଣ ତଥ୍ୟମାନ ଆଲୋକକୁ ଆସୁଛି । କନିଷ୍କଙ୍କ ସମୟରେ ଯେଉଁ ଶିଳାଲେଖ ଏଠାରୁ ମିଳୁଛି, ସେଥିରୁ ଜଣାପଡୁଛି ଯେ ପ୍ରଥମ ଖ୍ରୀଷ୍ଟାବ୍ଦରେ ଜୈନମାନଙ୍କର ଏହା ଏକ ମୁଖ୍ୟ ପୀଠ ଥିଲା ।

ସୌରାଷ୍ଟ୍ର (କାଠିୟାବାଡ଼)ର ରାଜା ସଂପ୍ରତି ଜୈନଧର୍ମର ପ୍ରଚାର କରିଥିଲେ । ଦ୍ୱାରକାର ଉତ୍ତରପୂର୍ବରେ ସ୍ଥିତ ଗିରନାର୍ ପର୍ବତ (ରୈବତକ) ଉପରେ ଅରିଷ୍ଟନେମି ନିର୍ବାଣ ଲାଭ କରିଥିଲେ । ପ୍ରଥମ ଅଥବା ଦ୍ୱିତୀୟ ଖ୍ରୀଷ୍ଟାବ୍ଦରେ ସ୍ଥାନୀୟ ଚନ୍ଦ୍ରଗୁମ୍ଫାରେ ଆଚାର୍ଯ୍ୟ ଧରସେନ ସ୍ୱଶିଷ୍ୟ ଆଚାର୍ଯ୍ୟ ଭୂତବଳୀ ଏବଂ ପୁଷ୍ପଦନ୍ତଙ୍କୁ ଅବଶିଷ୍ଟ ଶ୍ରୁତଜ୍ଞାନକୁ ଲିପିବଧ୍ କରିବାକୁ ଆଦେଶ ଦେଇଥିଲେ । ୫ମ ଖ୍ରୀଷ୍ଟାବ୍ଦରେ ଦେବର୍ଧିଗଣି କ୍ଷମାଶ୍ରମଣଙ୍କ ନେତୃତ୍ୱରେ ହେଉଥିବା ବଲଭୀ ବାଚନାର ଉଲ୍ଲେଖ କରିଛୁ । ସେଠାରେ ଆଚାର୍ଯ୍ୟ ଦେବଧିଗଣିଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି । ଗୁଜୁରାତ ଏବଂ ରାଜସ୍ଥାନ ଜୈନ ଆଚାର୍ଯ୍ୟ ମାନଙ୍କର ଲୀଳାକ୍ଷେତ୍ର ହୋଇ ରହିଛି । ମଧ୍ୟ ଯୁଗରେ ଯେତେ ସଂଖ୍ୟକ ଜୈନ ସାହିତ୍ୟ ଏ ଦୁଇ ପ୍ରଦେଶରେ ଲେଖାଯାଇଛି ତାହା ଅନ୍ୟତ୍ର ଦେଖାଯାଏ ନାହିଁ । ଦ୍ୱାଦଶ ଶତାବ୍ଦୀରେ ଚାଲୁକ ନରେଶ ସିଧ୍‌ରାଜ ଏବଂ ତାଙ୍କର ଉତ୍ତରାଧିକାରୀ କୁମାରପାଳଙ୍କ ସମୟରେ ଗୁଜରାତରେ ଜୈନଧର୍ମ ଉତ୍କର୍ଷର ଶୀର୍ଷଦେଶରେ ପହିପାରିଥିଲା । କଳିକାଳସର୍ବଜ୍ଞ ରୂପେ ବିଖ୍ୟାତ ଚତୁର୍ବିଦ୍ୟା ସମୁଦ୍ର ଆଚାର୍ଯ୍ୟ ହେମଚନ୍ଦ୍ରଙ୍କର ଉପଦେଶ ଅନୁଯାୟୀ ଏହି ରାଜାମାନେ ଜୈନଧର୍ମ ଗ୍ରହଣ କରିଥିଲେ ଏବଂ ଗୁରଜରାତ ଜୈନଧର୍ମର ଏକ ସୁଦୃଢ଼ କେନ୍ଦ୍ରରେ ପରିଣତ ହେଲା । ଗୁଜୁରାତର ରାଜଧାନୀ ଅଣହିଲ୍ଲପୁର ପାଠଣରେ ଆଚାର୍ଯ୍ୟ ହେମଚନ୍ଦ୍ର ରାଜା ସିଧ୍‌ରାଜଙ୍କ ଅନୁରୋଧକ୍ରମେ ସିଧ୍ ହେମ ଶବ୍ଦାନୁଶାସନ ବ୍ୟାକରଣ ରଚନା କଲେ । ସେହି ବ୍ୟାକରଣକୁ ହସ୍ତୀପୃଷ୍ଠରେ ରଖି ରାଜଦରବାରକୁ ଅଣାଯାଇଥିଲା । ଆଚାର୍ଯ୍ୟ ହେମଚନ୍ଦ୍ରଙ୍କର ଅନ୍ୟତମ ଅମୂଲ୍ୟ କୃତି ହେଲା ଦେସୀନାମମାଳା, ଯାହା ଗୁଜରାଟୀ ଭାଷାର କ୍ରମିକ ବିକାଶ ଅଧ୍ୟୟନ ଦିଗରେଏକ ଏକ ଅପରିହାର୍ଯ୍ୟ ଦଲିଲ ହୋଇ ରହିଛି । ରାଜା କୁମାରପାଳ ଲକ୍ଷାଧିକ ମୁଦ୍ରା ବିନିଯୋଗ କରି ଶର୍ତ୍ତୁଞ୍ଜୟ (ପାଲିତାନା)ର ମନ୍ଦିରଗୁଡ଼ିକର ଜୀର୍ଣ୍ଣସଂସ୍କାର କରିଥିଲେ । ପାଟଳ, ଖମ୍ବାତ, ଇଡ଼ର, ଲିବଣ୍ଡୀ ଆଦି ସ୍ଥାନରେ ଶାସ୍ତ୍ରଗୁଡ଼ିକର ରକ୍ଷା ନିମିତ୍ ହେତୁ ଜ୍ଞାନଭଣ୍ଡାର ସ୍ଥାପନ କରାଯାଇ ଧର୍ମର ପ୍ରଭାବନା କରାଗଲା । ଆବୁ ଜୈନଧର୍ମାବଲମ୍ବୀମାନଙ୍କର ଏକ ପ୍ରସିଧ୍ ତୀର୍ଥସ୍ଥାନ । ଏଠାରେ ଆଦିନାଥ ଏବଂ ନେମିନାଥଙ୍କର

ଶଙ୍ଖମର୍ମର ମନ୍ଦିର ଅବସ୍ଥିତ । ସ୍ଥାପତ୍ୟକଳାଦୃଷ୍ଟିରୁ ଏ ମନ୍ଦିର ଗୁଡ଼ିକର ସୌନ୍ଦର୍ଯ୍ୟ ଅନୁପମ । ମନ୍ତ୍ରୀ ବିମଳଶାହ ଏବଂ ତେପାଳ ଲକ୍ଷାଧିକ ମୁଦ୍ରା ବ୍ୟୟକରି ଏହି ମନ୍ଦିର ନିର୍ମାଣ କରାଇଥିଲେ । ଦ୍ୱାଦଶ ଏବଂ ତ୍ରୟୋଦଶ ଶତାବ୍ଦୀରେ ଏଠାରେ ଆହୁରି କେତୋଟି ମନ୍ଦିର ନିର୍ମିତ ହେଲା । ଏଥିପାଇଁ ଏହି ସ୍ଥାନ ଦେଲୱାଡ଼ା (ଓେଲୱାଡ଼ା  ମନ୍ଦିରନଗରୀ) ନାମରେ ବିଖ୍ୟାତ ହେଲା ।

ଉତ୍ର ଭାତର ପରି ଦକ୍ଷିଣ ଭାରତରେ ମଧ ଜୈନ ଧର୍ମର ବେଶ୍ ପ୍ରସାର ଘଟିଥିଲା । ଗଙ୍ଗ, କଦମ୍ବ, ରାଷ୍ଟ୍ରକୂଟ, ଚାଲୁକ୍ୟ ଏବଂ ହୋୟସଲ ବଂଶୀୟ ରାଜାମାନେ ଜୈନଧର୍ମ ଏବଂ ଜୈନ ବିଦ୍ୱାନମାନଙ୍କୁ ଆଶ୍ରୟ ପ୍ରଦାନ କରିଥିଲେ । ଗଙ୍ଗବଂଶ ରାଜତ୍ୱ କରୁଥିବାବେଳେ ଗୋମ୍ମଟେଶ୍ୱର ବାହୁବଳିଙ୍କର ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲେ । ୫୭ ଫୁଟ ଉଚ୍ଚ ଏହି ବିଶାଳକାୟ ମୂର୍ତ୍ତି ଗୋଟିଏ ଶିଳାକୁ କାଟି ତିଆରି କରାଯାଇଥିଲା । ପୃଥିବୀର ବିଭିନ୍ନ ଆଶ୍ଚର୍ଯ୍ୟ ଦର୍ଶନୀୟ ବସ୍ତୁ ଭିତରେ ଏହା ଅନ୍ୟତମ । ଜୈନଧର୍ମ ଉପରେ କଦମ୍ବବଂଶୀୟ ରାଜାମାନଙ୍କର ପ୍ରଗାଢ଼ ଆସ୍ଥା ଥିଲା । ତାର ପରିଣାମ ସ୍ୱରୂପ ଏହି ଧର୍ମ କର୍ଣ୍ଣାଟକରେ ପ୍ରସାର ଲାଭ କଲା । ରାଷ୍ଟ୍ରକୂଟବଂଶୀୟ ରାଜାମାନଙ୍କ ସହିତ ଜୈନଧର୍ମର ଘନିଷ୍ଠ ସମ୍ବନ୍ଧ ରହିଛି । ରାଷ୍ଟ୍ରକୂଟର ରାଜଧାନୀ ମାନ୍ୟଖେଟର ରାଜବଂଶୀୟ ବ୍ୟକ୍ତିଗର ଜୈନ କଳା ତଥା ସାହିତ୍ୟକୁ ଉନ୍ନତ କରିବା ପାଇଁ ଯେଉଁ ଉଦ୍ୟମ କରିଥିଲେ  ତାହା ସେମାନଙ୍କୁ ଅମର କରିଛି । ଜିନସେନ, ଗୁଣଭଦ୍ର, ଶାକଟାୟନ, ପୁଷ୍ପଦନ୍ତ, ସେମାଦେବ, ପଂପି ଆଦି ବହୁ ପ୍ରତିଭାଶାଳୀ ଦିଗମ୍ବର ଆଚାର୍ଯ୍ୟ ଏହି ସମୟରେ ଜନ୍ମଗ୍ରହଣ କରିଥିଲେ । ସେମାନେ ସଂସ୍କୃତ, ପ୍ରାକୃତ, ଅପଭ୍ରଂଶ ଏବଂ ଜନ୍ନଡ଼ ଭାଷାରେ ଅନେକ ମହତ୍ୱପୂର୍ଣ୍ଣ ଗ୍ରନ୍ଥ ରଚନାକରି ଜୈନ ସାହିତ୍ୟ ଭଣ୍ଡାରକୁ ସମୃଧ୍ କରିଯାଇଛନ୍ତି । ଚାଲୁକ୍ୟ ରାଜନ୍ୟବର୍ଗ ଜୈନଧର୍ମର ସୁରକ୍ଷା ନିମିତ୍ ଯଥେଷ୍ଟ ଯତ୍ନଶୀଳ ଥିଲେ । କନ୍ନଡ଼ଭାଷାର ସୁପ୍ରସିଧ୍ କବି ରନ୍ନ ଏହି ସମୟରେ ଆବିର୍ଭାବ ହୋଇଥିଲେ । ହୋୟସଲବଂଶୀୟ ରାଜାମାନେ ଜୈନ ମନ୍ଦିର ତଥା ଆଶ୍ରମର ଜୀର୍ଣ୍ଣୋଧାର କରାଇ ଜୈନଧର୍ମର ପ୍ରଚାରରେ ବିଶେଷ ସାହାଯ୍ୟ କରିଥିଲେ । ଏହିଭଳି ଭାବେ ଦକ୍ଷିଣ ଭାରତରେ କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ର, ଇତ୍ୟାଦି ଜୈନଧର୍ମର କେନ୍ଦ୍ର ହୋଇପାରିଥିଲେ ।

## ମହାବୀରଙ୍କର ଉପଦେଶ

ଭଗବାନ ମହାବୀରଙ୍କର ଉପଦେଶାବଳୀ ଖୋଜିବା ପାଇଁ ବେଶି ଦୁର ଯିବାକୁ ପଡିବ ନାହିଁ । ତାଙ୍କର ଜୀବନ ହିଁ ତାଙ୍କ ଉପଦେଶାମୃତର ଉନ୍ମୁକ୍ତ ପୁସ୍ତକ । ଦେହରେ ଯେତେବେଳେ ଯୌବନ ଢେଉ ଭାଙ୍ଗୁଥିଲା, ସେ ସଂସାରର ମୋହମାୟା ତ୍ୟାଗ କଲେ ଏବଂ ମନୁଷ୍ୟଜାତିର କଲ୍ୟାଣ ପାଇଁ ବର୍ଷ ବର୍ଷ ଧରି ମୋହମାୟା ତ୍ୟାଗ କଲେ ଏବଂ ମନୁଷ୍ୟଜାତିର କଲ୍ୟାଣ ପାଇଁ ବର୍ଷ ବର୍ଷ ଧରି କୃଚ୍ଛ୍ର ସାଧନାରେ ବ୍ରତୀ ହେଲେ ତଥା ଲୋମ ହର୍ଷଣକାରୀ ଯନ୍ତ୍ରଣା ସହ୍ୟ କରି ଗ୍ରାମାନୁଗ୍ରାମ ପଦଯାତ୍ରା କଲେ । ତାଙ୍କ ଜୀବନଚର୍ଯ୍ୟାର ଯଦି ଆମେ ଗୀର ଭାବେ ଅନୁଶୀଳନ କରୁ ତେବେ ତୀର୍ଥଙ୍କରଙ୍କର ସମସ୍ତ ଉପଦେଶର ସମାବେଶ ତାଙ୍କ ଜୀବନରେ ହୋଇଥିବାର ଦେଖିପାରିବୁ ।

ଜଣେ ଗଣରାଜାଙ୍କ ପରିବାରରେ ଜନ୍ମଗ୍ରହଣ କରିଥିବାର ତାଙ୍କର ଐଶ୍ୱର୍ଯ୍ୟ ସମ୍ପଦର ଅଭାବ ନଥିଲା । ସେହି ଐଶ୍ୱର୍ଯ୍ୟ ସେ ଇଚ୍ଛା ଅନୁଯାୟୀ ଉପଭୋଗ କରିବାରେ କୌଣସି ବାଧା ନଥିଲା । ତଥାପି ସଂସାର ତ୍ୟାଗ କରି ତପସ୍ୱୀ ହେବାର ଉତ୍କଟ ଅଭିଳାଷ ତାଙ୍କ ମନରେ ଜାଗ୍ରତ ହେଲା କାହିଁକି ? ତପସ୍ୱୀ ହେବାର ସେ ସମୟରେ କିଛି ଲାଭ ମିଳୁଥିଲା କି ? ମସ୍ତିଷ୍କର ଶୁଭ୍ର କେଶ ଦେଖି କେହି କଣ ଧର୍ମଦୂତ ବୋଲି ଭାବୁଥବଲେ କି ? କିମ୍ବା ବର୍ଷାକାଳୀନ ବାଦଲକୁ କିଛିକ୍ଷଣ ପାଇଁ ଉଭେଇଯିବାର ଦେଖି ଭାବୁକତାବଶତଃ ଦୀକ୍ଷା ଗ୍ରହଣ କରି ନେଉଥିଲେ କି ? କିମ୍ବା ଏହାର ଅନ୍ୟ କୌଣସି ଗଭୀର ସାମାଜିକ ଆର୍ଥିକ ଅଥବା ବୌଧିକ ତାତ୍ପର୍ଯ୍ୟ ରହିଥିଲା ? କଣ କେବଳ ନିଜର ମଙ୍ଗଳ ପାଇଁ କେହି କେହି ସଂସାର ତ୍ୟାଗକରି ଚାଲିଯାଉଥିଲେ ? ସାମାଜିକ ଅଶାନ୍ତି ଏବଂ ଅବ୍ୟବସ୍ତାର ବାତାବରଣ ତାଙ୍କ ମନରେ କଣ କୌଣସି କ୍ଷୋଭ ଉଦ୍ରେକ କରୁ ନଥିଲା ? ଧନ ସମ୍ପତ୍ତିର ତାରତମ୍ୟ ହେତୁ ଗଣରାଜାମାନଙ୍କ ମଧରେ ସଂଘର୍ଷ, ବର୍ଣ୍ଣ ଏବଂ ଜାଗିଗତ ଉଚ୍ଚନୀତ ଭାବ, ରାଜକୀୟ ଦମନ ତଥା ଦାସ, ଶୂଦ୍ର ଏବଂ ସ୍ତ୍ରୀମାନଙ୍କର ଶୋଷଣ ସାମାଜିକ ବିଦ୍ରୋହର ଭାବନା ଉଦ୍ରେକ କରୁନଥିଲା ?

ପୁନଶ୍ଚ ଭଗବାନ ମହାବୀର କାୟା-କ୍ଳେଶ ଉପରେ ଏତେ ଗୁରୁତ୍ୱ କାହିଁକି ଦେଉଥିଲେ ? କଣ ତାହା କେବଳ ଶୁଷ୍କ ଆତ୍ମ ଦମନରେ ପର୍ଯ୍ୟବେସିତ ଥିଲା ? କାହିଁକି ସେ ଅହିଂସାକୁ ପରମ ଧର୍ମ ବୋଲି କହୁଥିଲେ ? ଏବଂ ସେ ଅହିଂସା ପୁଣି ସାମାନ୍ୟ ଅହିଂସା ନଥିଲା - ମନ, ବାକ୍ୟ ତଥା ଶରୀରରେ ପ୍ରାଣୀମାତ୍ରକୁ କଷ୍ଟ ନଦେବାର ଅନ୍ତବୃତ୍ତି । ଅହିଂସା ଧର୍ମ ପାଳନ କରୁଥିବା ବ୍ୟକ୍ତି ପାଇଁ ସତ୍ୟ ହେଲେ ମଧ କାହାରି ପ୍ରତି କଟୁବାକ୍ୟ ପ୍ରୟୋଗ କରିବା ନିଷେଧ । ତାକୁ ସତତ ଅପ୍ରମାଦୀ ହେବାର - ଯତ୍ନାଚାରପୂର୍ବକ ବ୍ୟବହାର କରିବାର ନିର୍ଦ୍ଦେଶ ଥାଏ । କାମଭୋଗରେ ମମତ୍ୱ ବୁଧିକୁ ହିଂସା ତଥା ମନ ଏବଂ ଇନ୍ଦ୍ରିୟର ନିଗ୍ରହ ସାଧନ କରି ନିଜର ପ୍ରବୃତ୍ତି ସମୂହକୁ ସଙ୍କୁଚିତ କରିବାର ନାମ ଅହିଂସା ଦିଆଯାଇଛି । ଅହିଂସାକୁ ପରିପୁଷ୍ଟ କରିବା ପାଇଁ ତା ସହିତ ସଂଯମ,

ତପ, ତ୍ୟାଗ ଏବଂ ଅପରିଗ୍ରହକୁ ଯୋଡ଼ାଯାଇଛି । ଲୋକ ବ୍ୟବହାରରେ ବିବେକଶୀଳତା ହାସଲ କରିବା ପାଇଁ ତଥା ଅନ୍ୟର ଦୃଷ୍ଟିକୋଣକୁ ଠିକ୍ ଠିକ୍ ଭାବେ ବୁଝିବା ପାଇଁ ଅନେକାନ୍ତବାଦର ମୋହର ଲାଗାଯାଇଛି । ଅନେକାନ୍ତବାଦ ବସ୍ତୁତଃ ଅହିଂସାର ବିକଶିତ ତଥା ବ୍ୟାପକ ରୂପ ଅଟେ । ମହାବୀରଙ୍କ ଅହିଂସା ଦେବୀ ଦେବତାମାନଙ୍କୁ ପ୍ରସନ୍ନ କରିବାକୁ ଉଦ୍ଦିଷ୍ଟ ପଶୁଘାତକ ବୈଦିକ ହିଂସାର ବିସ୍ତୃତ ଏବଂ ବ୍ୟାପକ । ସାମାଜିକ ବିଷମତା ବିରୁଧ୍ୱରେ ଏହା ଥିଲା ଏକ ପ୍ରଚଣ୍ଡ ସଂଗ୍ରାମ । ସମ୍ପତ୍ତି, ଜାତି, ଇତ୍ୟାଦିକୁ ନେଇ ସୃଷ୍ଟି ହୋଇଥିବା ଉଚ୍ଚନୀଚ ଭେଦଭାବ, ପାରସ୍ପରିକ ଦ୍ୱେଷ, ଘୃଣା, କଳହ, ଅହଂକାର ଇତ୍ୟାଦି ବିରୁଧ୍ୱରେ ଏହା ଥିଲା ଏକ ଅକ୍ଷୟ ପ୍ରତିବାଦ । ନିଜର ଜୀବନଚର୍ଯ୍ୟା ମାଧମରେ ମହାବୀର ପୃଥିବୀକୁ ଶିଖାଇଲେ କି ଅନ୍ୟକୁ ଶୋଷଣ କରି, ଅନ୍ୟର ସମ୍ପତ୍ତି ପ୍ରତି ଲୋଲୁପ ଦୃଷ୍ଟି ପକାଇ ଏବଂ ଅନ୍ୟକୁ ହୀନ ମନେକରି ନିଜେ ଯଶସ୍ୱୀ ହେବାର ଅପପ୍ରଚେଷ୍ଟା କେବେ ତୃପ୍ତି ଦିଏନାହିଁ, ବରଂ ଏଥିପାଇଁ ନ୍ୟାୟ ଏବଂ ନୀତିର ପଥ ଅନୁସରଣ କରିବାକୁ ହେବ, କଠୋର ଅନୁଶାସନ ଅବଲମ୍ବନ କରିବାକୁ ହେବ । ଅହିଂସାର ଏହି ସ୍ୱରୂପ ବ୍ୟକ୍ତିଭିତ୍ତିକ ନଥିଲା । ସମଗ୍ର ମାନବସମାଜର ସର୍ବତୋମୁଖୀ କଲ୍ୟାଣର ଭାବନା ଏଥିରେ ଅନ୍ତର୍ନିହିତ ଥିଲା ।

**ଅହିଂସା**

ଅହିଂସାର ଆବଶ୍ୟକତା ବୁଝାଇବାକୁ ଯାଇ ଆଚାରାଙ୍ଗ ସୂତ୍ରରେ କୁହାଯାଇଛି - "ସମସ୍ତଙ୍କୁ ନିଜ ନିଜର ଜୀବନ ପ୍ରିୟ ଅଟେ ; ସମସ୍ତ ସୁଖ ଚାହାନ୍ତି, ଦୁଃଖ କେହି ଚାହେଁନାହିଁ, ବଧ ହେବାକୁ କେହି ଚାହେଁନାହିଁ, ସମସ୍ତଙ୍କୁ ଜୀବନ ପ୍ରିୟ ଏବଂ ପ୍ରତ୍ୟେକ ବିରହିବାକୁ ଚାହେଁ ।" ତେବେ କଣ କରିବା ଦରକାର ? ଦୁଃଖକୁ ଯେ ବୁଝିଛି, ସେ ଦୁଃଖକୁ ଅହିତକାରୀ ବୋଲି ଜାଣେ । ଯେପରି ସେ ନିଜର ସୁଖ-ଦୁଃଖକୁ ଜାଣେ, ସେହିପରି ଅନ୍ୟର ସୁଖ-ଦୁଃଖକୁ ମଧ ବୁଝିପାରେ । ଯେପରି ଅନ୍ୟର ସୁଖଦୁଃଖକୁ ବୁଝେ ।" ଅର୍ଥାତ୍ ଯାହା ନିଜ ସ୍ୱାର୍ଥର ପ୍ରତିକୂଳ ତାହାକୁ ମଧ ଅନ୍ୟର ସ୍ୱାର୍ଥର ପ୍ରତିକୂଳ ବୋଲି ହୃଦୟଙ୍ଗମ କରିବା ଉଚିତ୍, ଯାହା ନିଜ ପାଇଁ ସୁଖକର ତାହା ଅନ୍ୟ ପାଇଁ ମଧ ସୁଖକର ବୋଲି ବୁଝିବା ଉଚିତ୍ । ଏହି ଅଭିଜ୍ଞାନ ଅହିଂସାର ଆଧାରଶିଳା ।

ଜୈନ ଶାସ୍ତ୍ରମାନଙ୍କରେ ଅହିଂସା ସହିତ ସଂଯମ ତଥା ତପକୁ ମଧ ଉତ୍କୃଷ୍ଟ ଧର୍ମ ବୋଲି କୁହାଯାଇଛି । ସଂଯମ ଅର୍ଥ ନିଜର ମନ ଉପରେ ତଥା ଇନ୍ଦ୍ରିୟମାନଙ୍କ ଉପରେ ଅଙ୍କୁଶ ରଖିବା । ପୃଥିବୀରେ ଏପରି ଅନେକ ପ୍ରଲୋଭନ ଅଛି ଯାହା ମଣିଷ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରେ, ନିଜର ସଂକଳ୍ପ ପଥରୁ ମଣିଷକୁ ଓହରାଇ ଆଣେ ଏବଂ ସେ ନିଜର ଭାରସାମ ହରାଇବସେ । ଏହାର ଫଳଶ୍ରୁତି ସ୍ୱରୂପ ନିଜର ଅଭିଳାଷ ପୂର୍ଣ୍ଣ କରିବା ନିମିତ୍ ସେ ବଭିନ୍ନ ଛଳ କପଟତା ଆଚରଣ କରେ । କେବେ କ୍ରୋଧ, କେବେ ଅଭିମାନ, କେବେ ମାୟା, କେବେ ବା ଲୋଭର ବଶବର୍ତ୍ତୀ ହୋଇ ସେ ଅନ୍ୟ ପାଇଁ ଗାତ ଖୋଳେ, ଅସହିଷ୍ଣୁତା ତଥା ସ୍ୱାର୍ଥର ବଶବର୍ତ୍ତୀ ହୋଇ ଯାହା ଅକରଣୀୟ ତାହା କରି ବସେ । ଏତଦ୍‌ଦ୍ୱାରା ଅନ୍ୟକୁ କଷ୍ଟ ହୁଏ ଏବଂ ସମାଜରେ ଅନୀତିର

ବାତାବରଣ ଖେଳିଯାଏ । ମନର ଏତାଦୃଶ ବୃତି୍କୁ କୁହାଯାଏ ହିଂସା ।

ସଂଯମ ବିନା ଅହିଂସା ପାଳନ ସମ୍ଭବ ନୁହେଁ ଏବଂ ସଂଯମ ପାଇଁ ତପ ତଥା ତ୍ୟାଗର ଅପରିଗ୍ରହର ବିଶେଷ ଆବଶ୍ୟକତା ରହିଛି । ଭଗବାନ ମହାବୀରଙ୍କର ତପର ଲକ୍ଷ୍ୟ ନିଛକ ଶୁଷ୍କ ଶରୀର ଦମନ ନଥିଲା । ଲୌକିକ ଯଶ ଅଥବା କୀର୍ତ୍ତି ଲାଭର ଆକାଂକ୍ଷା ପ୍ରଣୋଦିତ ହୋଇ ମଧ ସେ ତପମାର୍ଗ ଅବଲମ୍ବନ କରିନଥିଲେ । ତାଙ୍କର ଶାରୀରିକ କଠୋର ସାଧନା ପଛରେ ଏକମାତ୍ର ଉଦ୍ଦେଶ୍ୟ ଥିଲା ନିଜର ଶରୀରକୁ ଆରାମରେ ଏକ ସାମଗ୍ରୀରେ ପରିଣତ ନକରି ଆରାମକୁ ତ୍ୟାଗ କରିବା । ମାନସିକ ସାଧନାର ଲକ୍ଷ୍ୟ ମଧ ଥିଲା ନିଜର ମନ ତଥା ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ଜାରି କରି ମାନସିକ ହିଂସାରୁ ନିଜକୁ ରକ୍ଷା କରେ । ତପ ସମ୍ବନ୍ଧରେ ଦିଗମ୍ବର ତଥା ଶ୍ୱେତାମ୍ବର ନିର୍ବିଶେଷରେ ସମସ୍ତ ଆଚାର୍ଯ୍ୟ ସମସ୍ୱରରେ ଘୋଷଣ କରନ୍ତି, "ନଗ୍ନ ରହି ଅଥବା ପ□ାଗ୍ନି ତପସାଧନ କରିବା ଦ୍ୱାରା ପ୍ରକୃତ ତପ ଆଚରଣ କରାଯାଇଥାଏ ।"

## ଅପରିଗ୍ରହ

ଅହିଂସାକୁ ଅଧିକ ବ୍ୟାବହାରିକ କରିବା ପାଇଁ ଅପରିଗ୍ରହର ଆବଶ୍ୟକତା ରହିଛି । ଅପରିଗ୍ରହ ଅର୍ଥ କେବଳବସ୍ତ୍ର ଆଦି ତ୍ୟାଗ କରିଦେବା ନୁହେଁ, ତା ଅର୍ଥ ମମତ୍ୱର ତ୍ୟାଗ । ଯେଉଁ ବସ୍ତୁରୁ ଅତି କମ୍‌ରୁ କମ୍ ଯେତିକି ଗ୍ରହଣ ନକଲେ ନଚଳେ, ସେତିକି ଗ୍ରହଣ କରିବାର ନାମ ଅପରିଗ୍ରହ । ପୃଥିବୀର ସବୁ ସଂଘର୍ଷ, ସବୁ କନ୍ଦଳ ପଛରେ ରହିଛି ନିଜପାଇଁ ସଂଗ୍ରହ କରିବାର ମନୋବୃତି୍ । ପ୍ରତ୍ୟେକ ଚାହୁଁଛି କିପରି ସେ ନିଜ ପାଇଁ ଅଧି ସୟ କରି ଅଧିକ ଶକ୍ତିଶାଳୀ ଓ ଅଧିକ ସୁଖୀ ହେବ । ଏଇ ଭାବନାରୁ ଆରମ୍ଭ ହୋଇଯାଏ ଛଡ଼ାପଡ଼ା, ଦ୍ୱନ୍ଦ, ଯୁଧ୍ ଏବଂ ଏହାର ନାମ ହିଂସା । ଚକ୍ରବର୍ତ୍ତୀ ରାଜାମାନଙ୍କର ଦିଗ୍‌ବିଜୟ ପାଇଁ ପ୍ରଚେଷ୍ଟା - ପୃଥିବୀରେ ଗୋଟିଏ ପାଖରୁ ଆରପାଖ ପର୍ଯ୍ୟନ୍ତ, ସମୁଦ୍ରର ଆରପାରି ପର୍ଯ୍ୟନ୍ତ ନିଜ କରକବଳିତ କରି ଚକ୍ରବର୍ତ୍ତୀ ରାଜା ଉପାଧି ପାଇବାର ଲାଳସା କ୍ଷମତା ଲୋଲୁପତା ନୁହେଁ ତ ଆଉ କଣ ? ବାସ୍ତବିକ ଯଦି ପରିଗ୍ରହ ଲାଳସା ଉପରେ ଅଙ୍କୁଶ ଲଗାନଯାଏ ତେବେ ପୃଥିବୀ ଉପରେ ଚଳପ୍ରଚଳନ ହେବା ମଧ ଦୁଃସାଧ ହୋଇପଡ଼ିବ । ବାଇବେଲ୍ ରେ ଗୋଟିଏ କାହାଣି ଅଛି : ଯୀଶୁଖ୍ରୀଷ୍ଟ କୌଣସି ଜଣେ ଧନାଢ୍ୟ ବ୍ୟକ୍ତିକୁ ଧର୍ମୋପଦେଶ ଦେବାକୁ ଯାଇ କହିଲେ - "ଯଦି ତୋର ଦିବ୍ୟ ଜୀବନ ଲାଭ କରିବାକୁ ଇଚ୍ଛା ଅଛି ତେବେ ହିଂସା କରିବା ଛାଡ଼ି ଦେ, ପରସ୍ତ୍ରୀ ଆଡ଼କୁ ମୁହଁ ଉଠାଇକରି ସୁଧା ଚାହାନା, ଚୋରି କରିବା ଛାଡ଼ି ଦେ, ମିଛ କହିବା ଛାଡ଼ି ଦେ, ତୋର ବାପ ମା'ଙ୍କୁ ଆଦର କର ଏବଂ ପଡ଼ୋଶୀକୁ ପ୍ରେମ କରି ଶିଖ ।" ଯିଶୁଙ୍କ କଥା ଶୁଣି ସେ ବ୍ୟକ୍ତି କିଛି ସମୟ ଚୁପ୍ ରହିଲା ପରେ କହିଲା, "ପ୍ରଭୋ ! ଏ ଆଦର୍ଶ ତ ମୁଁ ପିଲାଟିବେଳୁ ପାଳନ କରିଆସୁଛି ।" ଯିଶୁ କହିଲେ, "ଯଦି ଏପରି କଥା ତେବେ ଯା, ନିଜର ସମସ୍ତ ସମ୍ପତି୍ ବିକ୍ରି କରିଦେଇ ଯାହା ପାଇବୁ ତାହା ଗରିବମାନଙ୍କ ମଧରେ ବା□ଦେ । ଏପରି କଲେ ତୋର ଦିବ୍ୟଜ୍ଞାନ ପ୍ରାପ୍ତି ହେବ ।" ମାତ୍ର ଆମେ କଣ ଆତ୍ମାର

ଧର୍ମାଚାର୍ଯ୍ୟମାନଙ୍କର ଉପଦେଶରୁ କିୟଦଂ ମଧ ମାନି ଚଳିବାକୁପ୍ରସ୍ତୁତ ?

ଜୈନସୂତ୍ରମାନଙ୍କରେ ସ୍ଥାନେ ସ୍ଥାନେ ଅନ୍ତରଙ୍ଗ ଶୁଦ୍ଧି ଉପରେ ଗୁରୁତ୍ୱ ଆରୋପ କରାଯାଇ ବାହ୍ୟ ଶୁଧିକୁ ଅନ୍ତରଙ୍ଗ ଶୁଧିର ଏକ ସାଧନ ରୂପେ ଗ୍ରହଣ କରାଯାଇଛି । ସୂତ୍ରକୃତାଙ୍ଗ ଏବଂ ସମୟସାରରେ ଉଲ୍ଲେଖ ଅଛି । "ଜଣେ ନଗ୍ନ ଅବସ୍ଥାରେ ରହିଥାଇପାରେ ଏବଂ ମାସ ମାସ ଧରି ଉପବାସ କରୁଥାଇପାରେ, କିନ୍ତୁ ଯଦି ତା ମନରେ ମାୟା ରହିଥାଏ ତେବେ ତାର ସିଧିପ୍ରାପ୍ତ ଅସମ୍ଭବ ।" ଭଗବାନ ମହାବୀର ନିଜର ଶିଷ୍ୟମାନଙ୍କୁ କହିଲେ : "ହେ ଶ୍ରମଣ ! ପ୍ରଥମେ ନିଜ ସହିତ ସଂଗ୍ରାମ ଚଳାଅ, ଆତ୍ମଶୁଧି ଦିଗରେ ଯତ୍ନଶୀଳ ହୁଅ, ବାହ ଯୁଧ ଅର୍ଥହୀନ ।" ପୁନଶ୍ଚ "କୌଣସି ବସ୍ତୁ ନପାଇଲେ ତା ପ୍ରତି ବୀତସ୍ପୃହ ହୋଇଯିବା ତ୍ୟାଗ ନୁହେଁ । ସୁନ୍ଦର ଏବଂ ପ୍ରିୟବୋଧ ହେଉଥିବା ବସ୍ତୁ ହାତପାହାନ୍ତରେ ଥାଇ ମଧ ତା ପ୍ରତି ଆସକ୍ତି ନ ଜମିବା ହିଁ ପ୍ରକୃତ ତ୍ୟାଗ ଅଟେ " (ଦଶବୈକାଳିକ) । ଏହାର ତାତ୍ପର୍ଯ୍ୟ ହେଲା, ପରିଗ୍ରହ ହିଂସାର ସାଧନ ହୋଇଥିବାର ତ୍ୟାଜ୍ୟ ଅଟେ ।

## ଅନେକାନ୍ତବାଦ

ଅପରିଗ୍ରହ ପରି ଅନେକାନ୍ତବାଦ ମଧ ଅହିଂସାର ଏକ ଉପସିଧାନ୍ତ ଅଟେ । ଅହିଂସାର ଏହା ବୌଧିକ ରୂପ । ଯେପରି ଅହିଂସକ ବୃତ୍ତି ଅପ୍ରମାଦ ଭାବ ପାଳନ କରିବା ନିମିତ୍ ଅପରିଗ୍ରହ ମମତ୍ୱବୋଧ ତ୍ୟଗାର ଆବଶ୍ୟକତା ରହିଛି, ସେହିଭଳି ଅହିଂସାକୁ ସ୍ଥାୟୀ କରିବା ନିମିତ୍ ଅନେକାନ୍ତବାଦର ଆବଶ୍ୟକତା ରହିଛି । ଏ ସମସ୍ତ ବିଷୟ ଏତେ ଜଟିଳ ଅଟେ ଯେ, ଆମେ ପ୍ରଯତ୍ନ କଲେ ମଧ ତାକୁ ବୁଝିବା କଷ୍ଟକର । ଏହାର କେବଳ ଗୋଟିଏ ଅଂଶ ଆମେ ବୁଝିପାରୁ । ଜୈନ ଆଗମ ଗ୍ରନ୍ଥମାନଙ୍କରେ ସେହି ଗୋଟିଏ ବସ୍ତୁକୁ ଦ୍ରବ୍ୟ ଅପେକ୍ଷା ଏକ, ଜ୍ଞାନ ଦର୍ଶନ ଅପେକ୍ଷା ଅନେକ ତଥା ଯେକୌଣସି ଅପେକ୍ଷାଠାରୁ ଅସ୍ତି, ନାସ୍ତି ଏବଂ ଅବକ୍ତବ୍ୟ ରୂପରେ ପ୍ରତିପାଦିତ କରାଯାଇଛି । ଜାମାଳିଙ୍କର ସନ୍ଦେହ ଦୂର କରିବାକୁ ଯାଇ ଭଗବତୀ ସୂତ୍ରରେ ମହାବୀର ଭଗବାନ ଜୀବ ଏବଂ ଲୋକକୁ କୌଣସି କୌଣସି ଅପେକ୍ଷାଠାରୁ ଶାଶ୍ୱତ ତଥା କୌଣସି କୌଣସି ଅପେକ୍ଷା ଠାରୁ ଅଶାଶ୍ୱତ ବୋଲି ଅଭିହିତ କରିଛନ୍ତି ।

ଏହି ବିଶ୍ୱର ଅନ୍ତହୀନ ରହସ୍ୟ ତଥା ଦାର୍ଶନିକ ସିଧାନ୍ତ ସମହୂହ ଦୂରେ ଥାଉ, ବହୁ ଛୋଟ ଛୋଟ ତତ୍ତ୍ୱକୁ ମଧ ଆମେ ସଠିକ୍ ପରିପ୍ରେକ୍ଷୀରେ ବୁଝିବାକୁ ସକ୍ଷମ ନୋହୁଁ । ଆମର ଦୈନନ୍ଦିନ ଜୀବନରେ ଆମେ ଏପରି ଅନେକ ଘଟଣାର ସମ୍ମୁଖୀନ ହୋଇଥାଉ, ଯେଉଁ କ୍ଷେତ୍ରରେ କି ଆମକୁ ବିରୋଧ କରୁଥିବା ବ୍ୟକ୍ତିର କଥା ବୁଝିବାକୁ ଆମେ ଅସମର୍ଥ ହେଉ - ଏପରି କି ତା' କଥା ଶୁଣିବାକୁ ସୁଧା ଆମର ଧୈର୍ଯ୍ୟ ନଥାଏ । ଏଥିପାଇଁ ଆମର ପୂର୍ବ ଆଗ୍ରହ ଏବଂ ଆମ ମନୋରାଜ୍ୟରେ ବସା ବାନ୍ଧିଥିବା ବହୁ ଜ୍ଞାତ-ଅଜ୍ଞାତ, ରାଗ-ଦ୍ୱେଷଜନିତ ବୃତ୍ତି ହିଁ ଦାୟୀ । ଉପରୋକ୍ତ ପରିସ୍ଥିତର ସମ୍ମୁଖୀନ ହୋଇ ଆମେ ଯେଉଁ ଯୁକ୍ତି ନିଜ ସପକ୍ଷରେ ଦେଇଥାଉ ତାହା ଆମର ବୃଧିକୁ ହିଁ ଅନୁସରଣ

କରିଥାଏ । ଏ ବୁଧି୍ ଆମର ପୂର୍ବରୁ ହୋଇଥିବା କେତେକ ବଧି୍ ମୂଳ ଧାରଣା ଉପରେ ପର୍ଯ୍ୟବେସିତ । ମୂହୂର୍ତ୍ତକ ପାଇଁ ଆମେ ଭୁଲିଯାଉ ଯେ ବିରୋଧୀ ପକ୍ଷର କଥାରେ ମଧ କିଛି ସତ୍ୟତା ଥାଇପାରେ । ଏତାଦୃଶ୍ୟ ଏକାଙ୍ଗୀ ମନୋବୃତି୍ର ପରିଣାମ ସ୍ୱରୂପ ହିଂସାର ବିଭିନ୍ନ ରୂପ ଯଥା : କ୍ରୋଧ୍, ଅନ୍ଧାନୁସରଣ ତଥା ସଂଘର୍ଷର ଶିକାର ହେବାକୁ ପଡ଼େ । ଏହି ତଥ୍ୟ ବୁଝାଇବା ପାଇଁ ଅନେକାନ୍ତବାଦର ଅବତାରଣା କରାଯାଇଛି । ଅନେକାନ୍ତବାଦ ଅର୍ଥ ଏକାନ୍ତ ଦୃଷ୍ଟିକୋଣ ତ୍ୟାଗ ବୌଧି୍କ ସହିଷ୍ଣୁତା ମାନସିକ ଅହିଂସା । ଏହାର ତାତ୍ପର୍ଯ୍ୟ ହେଲା କେବଳ ଅହିଂସା ଭାବନାରେ ବ୍ୟବହାର କରିବା ଯଥେଷ୍ଟ ନୁହେଁ । ଏହି ଭାବନାକୁ ବୁଧି୍ ସଂଗତ କରିବାର ଆବଶ୍ୟକତା ରହିଛି । ଏହି ମନୋବୃତିର ଅଧିକାରୀ ହେବା ନିମିତ୍ ଉପଶମ ଭାବରସାମ୍ୟଭାବର ଆବଶ୍ୟକତା ରହିଛି । ଏଥିନିମିତ୍ ପୁନଶ୍ଚ ଆଗ୍ରହ ତ୍ୟାଗ କରି ନିରପେକ୍ଷ ଭାବ ନେଇ ଅନ୍ୟର ଦୃଷ୍ଟିକୋଣକୁ ବୁଝିବାର ଆବଶ୍ୟକତା ରହିଛି । ତା' ବକ୍ତବ୍ୟର ପୂର୍ବାପର ସଂଗତି ସ୍ଥାପନ କରି ତାକୁ ଆପେକ୍ଷିଭାବେ ବୁଝିବାର ପ୍ରୟୋଜନୀୟତା ରହିଛି । ଅତଏବ ଅନେକାନ୍ତବାଦୀକୁ ସହିଷ୍ଣୁ ହେବାକୁ ପଡ଼ିବ - ନିଜର ରାଗ ଅଥବା ଦ୍ୱେଶର ଉତ୍ପନ୍ନ ମନୋବୃତି୍ ଉପରେ ନିୟନ୍ତ୍ରଣ ଜାରି କରିବାକୁ ପଡ଼ିବ । କେବଳ ଏହି ବାଟରେ ହିଁ ସେ ଅନ୍ୟର ବକ୍ତବ୍ୟକୁ ବିଶେଷ କରି ବିରୋଧୀ ଦର୍ଶନକୁ ଠିକ୍ ଭାବେ ହୃଦୟଙ୍ଗମ କରିପାରିବ ଏବଂ ମଧସ୍ଥ ଭାବନା ନେଇ ବିରୋଧୀ ଭାବସମୂହ ଭିତରେ ସମନ୍ୱୟ ସ୍ଥାପନ କରିପାରିବ । ଏହି ମଧସ୍ଥ ଭାବକୁ ସମସ୍ତ ଶାସ୍ତ୍ରର ଗୁଢ଼ ରହ୍ୟ ବା ନିର୍ଯ୍ୟାସ କୁହାଯାଇଛି । ମଧସ୍ଥ ଭାବ ଆସିଗଲେ ପଦେ ଶାସ୍ତ୍ରଜ୍ଞାନ ମଧ ଯଥେଷ୍ଟ, ଅନ୍ୟଥା ଲକ୍ଷ ଲକ୍ଷ ଶାସ୍ତ୍ର ଅଧୟନ ମୂଲ୍ୟହୀନ ଅଟେ । ପୂର୍ଣ୍ଣସତ୍ୟ ଅବକ୍ତବ୍ୟ, ତାହା ପ୍ରକାଶ କରାଯାଇ ନପାରେ, କେବଳ ଭିନ୍ନ ଭିନ୍ନ ଦ୍ରବ୍ୟ, କ୍ଷେତ୍ର, କାଳ ଏବଂ ଭାବକୁ ନେଇ ତଥା ନିଜ ନିଜ ରୁଚି ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତି ସତ୍ୟକୁ ହୃଦୟଙ୍ଗମ କରିବାକୁ ଯତ୍ନ କରେ । ଏହି ଦୃଷ୍ଟିରୁ ଅନେକାନ୍ତବାଦର ଅହିଂସାର ଏକ ଆନୁଷଙ୍ଗିକ ତତ୍ୱ ଅଟେ ।

## କର୍ମସଧି୍ାନ୍ତ

କର୍ମସିଧି୍ାନ୍ତ ମଧ ଅହିଂସା ଶିଙ୍ଖୁଳିର ଏକ ମହତ୍ୱପୂର୍ଣ୍ଣ କଡ଼ି ଅଟେ । ଏହି ସିଧି୍ାନ୍ତ ଆତ୍ମ ସ୍ୱବଲମ୍ବନ ଶିଖାଇଥାଏ । "ଯେପରି କାମ କରିବ, ସେପରି ଫଳ ପାଇବ, ଯେପିର ମଞ୍ଜି ବୁଣିବ, ସେପରି ଗଛ ଉଠିବ । ଯଦି ଭଲ କାମ କରିବ ତେବେ ଭଲ ଫଳ ମିଳିବ, ଖରାପ କାମ କଲେ ଖରାପ ଫଳ ମିଳିବ । କୌଣସି ପରିସ୍ଥିତିରେ କର୍ମଫଳରୁ ଜଣେ ତ୍ରାହି ପାଇପାରିବ ନାହିଁ ।" ସଂକ୍ଷେପରେ ଏହାହିଁ କର୍ମସିଧି୍ାନ୍ତ । ଆମ ମନରେ ଯେତେବେଳେ କୌଣସି ସୁଭାବନା ଅଥବା କୁଭାବନା ଉଦ୍ରେକ ହୋଇଥାଏ, ତାହା ମନରେ କ୍ରିୟା ସଂଚାର କରିଥାଏ । ଫଳତଃ, ଠିକ୍ ଯେପିର ତୈଳାକ୍ତ ଶରୀର ଉପରେ ଧୂଳିକଣା ଜମିଯାଇ, ସେହିପରି ଜଡ଼ କର୍ମ ଚେତନ ଆତ୍ମା ସହିତ ସଂଯୁକ୍ତ ହୁଏ । କର୍ମର ଏହି ବନ୍ଧନକୁ ପ୍ରତିରୋଧ କରିବା ଉଚିତ୍ । କର୍ମ ବନ୍ଧରୁ ତ୍ରାହି ପାଇବା ନିମିତ୍ ସଂଯମ, ତପ, ତ୍ୟାଗ ତତା ଆତ୍ମବଳିର ଆବଶ୍ୟକତା ରହିଛି । କର୍ମ ନିରୋଧ ପରେ ଯେତେ ଯେତେ

ଆମେ ଆତ୍ମଶୁଧି ଦିଗରେ ଅଗ୍ରସର ହେଉ, କର୍ମ ସେତେ ସେତେ କ୍ଷୟପ୍ରାପ୍ତ ହୁଏ ଏବଂ ସମସ୍ତ କର୍ମ ନଷ୍ଟ ହୋଇଯିବା ପରେ ପରମପଦ ପ୍ରାପ୍ତି ହୁଏ - ଜନ୍ମ ମରଣୁ ମୁକ୍ତି ମିଳେ ଏବଂ ଆତ୍ମା ପରମାତ୍ମାରେ ପରିଣତ ହୋଇ ଅନନ୍ତ ଜ୍ଞାନ, ଅନନ୍ତ ଦର୍ଶନ, ଅନନ୍ତ ସୁଖ ଥଥା ଅନନ୍ତ ବୀର୍ଯ୍ୟର ଅଧିକାରୀ ହୁଏ ।

ଭଗବାନ ମହାବୀର ଜୀବନରେ କର୍ମର ଗୁରୁତ୍ୱ ପ୍ରତିପାଦନ କରିବାକୁ ଯାଇ କହନ୍ତି ଯେ ମନୁଷ୍ୟ ସ୍ୱକର୍ମବଳରେ, ସ୍ୱପୁରୁଷାର୍ଥମାଧମରେ ସବୁ କିଛି ସାଧନ କରିପାରେ - ଉଚ୍ଚରୁ ଉଚ୍ଚତର ପଦ ପାଇପାରେ । ନିଜେ ନିଜର ଭାଗ୍ୟବିଧାତା । ଏଥିପାଇଁ କୌଣସି ବାହ୍ୟଶକ୍ତି, କୌଣସି ଦୈବୀଶକ୍ତି ଉପରେ ନିର୍ଭର କରିବାର ଆବଶ୍ୟକତା ନାହିଁ । ଏହି ବିଶ୍ୱର ସୃଷ୍ଟିକର୍ତ୍ତା ଓ ଆମର ସମସ୍ତ ଶୁଭ, ଅଶୁଭ କର୍ମର ଫଳଦାତାରୂପେ ପରିକଳ୍ପିତ ଏବଂ ସ୍ୱତନ୍ତ୍ର ନିତ୍ୟ ବିରାଜମାନ ତଥା ସର୍ବବ୍ୟାପୀରୂପେ ସ୍ୱୀକୃତି ଈଶ୍ୱରଙ୍କର ଜୈନଧର୍ମରେ କୌଣସି ସ୍ଥାନ ନାହିଁ । ମନୁଷ୍ର ଯେତେବେଳେ ମିଥ୍ୟାତ୍ୱ ଅବରିତ, ପ୍ରମାଦ, କଷାୟ ଏବଂ ଯୋଗରୁ ମୁକ୍ତ ହୋଇଯାଏ ଏବଂ ଯେତେବେଳେ ତା କର୍ମର ବିନାଶ ଘଟେ, ସେତେବେଳେ ଆତ୍ମ ବିକାଶର ସେହି ପରମୋଚ୍ଚ ଦଶାକୁ ଈଶ୍ୱରୀୟ ସ୍ଥିତିକୁ ସେ ପ୍ରାପ୍ତ ହୁଏ । କର୍ମସିଧାନ୍ତ ପରାବଲମ୍ବନ ଭାବନାର ନିରାକରଣ କରି ତା' ସ୍ଥାନରେ ଆମକୁ ପୁରୁଷାର୍ଥୀ ହେବାର ପ୍ରେରଣା ଯୋଗାଏ ।

କର୍ମର ପ୍ରଧାନ୍ୟ

କର୍ମକୁ ପ୍ରାଧାନ୍ୟ ଦେଲେ ଜନ୍ମ ଅଥବା ଜାତି ତାତ୍ପର୍ଯ୍ୟହୀନ ବୋଧହୁଏ । ସମ୍ୟକ୍ ଦର୍ଶନସମ୍ପନ୍ନ ଗୁଣ୍ଡାଳକୁ ବିନ୍ଦନୀୟ ବୋଲି କୁହାଯାଇଛି । କାରଣ ମହାବୀରଙ୍କର ଉପଦେଶରେ କର୍ମକୁ ହିଁ ପ୍ରାଧାନ ଦିଆଯାଇଛି, ଜାତିକୁ ନୁହେଁ । ରାଜା ଶ୍ରେଣୀକ ସ୍ୱଂୟ ଉଚ୍ଚ ଆସନ ଉପରେ ଉପବେଶନ କରି କୌଣସି ଜଣେ ଚାଣ୍ଡାଳଠାରୁ କିଛି ବିଦ୍ୟା ଶିକ୍ଷା କରିବାକୁ ଚାହୁଁଥିଲେ । ମାତ୍ର ଯେପର୍ଯ୍ୟନ୍ତ ସେ ଚାଣ୍ଡାଳକୁ ଉଚ୍ଚ ଆସନ ଦେଇ ନିଜେ ତା ସ୍ଥାନରେ ଉପବେଶନ କରିଥିଲେ, ସେ ପର୍ଯ୍ୟନ୍ତ ସେ ଉକ୍ତ ବିଦ୍ୟାରେ ସିଧିଲାଭ କରିପାରିନଥିଲେ । ଜୟଘୋଷ ମୁନି ଯେତେବେଳେ ବିଜୟଘୋଷ ବ୍ରାହ୍ମଣଙ୍କର ଯଜ୍ଞଶାଳାରେ ଭିକ୍ଷା ପାଇଁ ପ୍ରବେଶ କଲେ, ସେତେବେଳେ ଉକ୍ତ ବ୍ରାହ୍ମଣ ତାଙ୍କୁ କହିଲେ ଯେ ତାଙ୍କରି ଯଜ୍ଞଶାଳାରେ କେବଳ ବେଦପାଠୀ ବ୍ରାହ୍ମଣମାନଙ୍କୁ ଭିକ୍ଷା ମିଳିବ । ତାପରେ ଜୟଘୋଷ ମୁନି ଯାହା ଉପଦେଶ ଦେଲେ ତାହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ସେ କହିଲେ, 'ଯେଉଁ ବ୍ୟକ୍ତି ରାଗ, ଦ୍ୱେଷ ଏବଂ ଭୟ ଉପରେ ବିଜୟଲାଭ କରିଅଛି, ଯେଉଁ ବ୍ୟକ୍ତି ରାଗ, ଦ୍ୱେଷ ଏବଂ ଭୟ ଉପରେ ବିଜୟଲାଭ କରିଅଛି, ଯେଉଁ ବ୍ୟକ୍ତି ସଦାଚାରୀ, ତପସ୍ୱୀ ଏବଂ ଜିତେନ୍ଦ୍ରିୟ ଅଟେ, ସେ ହିଂସା କରେନାହିଁ, ଅସତ୍ୟ କହେ ନାହିଁ, ତାକୁ କୌଣସି ବସ୍ତୁ ସ୍ୱେଚ୍ଛାରେ ଦିଆ ନଯିବା ପର୍ଯ୍ୟନ୍ତ ପରଦ୍ରବ୍ୟ ଭାବି ତାହା ଯେ ଗ୍ରହଣ କରେନାହିଁ, କାମ ଭୋଗରେ ଯେ ଲିପ୍ତ ରହେନାହିଁ, ତାକୁ ବ୍ରାହ୍ମଣ କୁହାଯାଏ । ଓଁ କାର ଜପ କରିବା ମାତ୍ରେ କେହି ବ୍ରାହ୍ମଣ ହୋଇଯାଏ ନାହିଁ, ଶିର

ମୁଣ୍ଡନ କରିଦେବା ମାତ୍ରେ କେହି ଶ୍ରମଣ ହୋଇଯାଏ ନାହିଁ, ବନରେ ବାସକରିବା ସଂଗେ ସଂଗେ କେହି ମୁନି ଯୋଇଯାଏ ନାହିଁ ଅଥବା କୁଶବସ୍ତ୍ର ପରିଧାନ କରିବା ସଂଗେ ସଂଗେ କେହି ତପସ୍ୱୀ ହୋଇଯାଏ ନାହିଁ । ସମତା ଭାବରୁ ଶ୍ରମଣ ବ୍ରହ୍ମଚର୍ଯ୍ୟପାଳନ ଦ୍ୱାରା ବ୍ରାହ୍ମଣ, ଜ୍ଞାନ ହେତୁ ମୁନି ଏବଂ ତପ ଆଚରଣ ଦ୍ୱାରା ମାନବ ତପସ୍ୱୀ ବୋଲାଏ । ମନୁଷ୍ୟ ନିଜର କର୍ମ ହେତୁ ହିଁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ତତା ଶୁଦ୍ର ବୋଲାଏ ।" ଏହି ପରିପ୍ରେକ୍ଷୀରେ ବୈଦିକ ଯଜ୍ଞକୁ ସଂଯମ ତଥା ତପ ସହିତ ଯୋଡ଼ି ତାର ପରିଭାଷାକୁ ବଦଳାଇ ଦିଆଗଲା । ବେଦ ଅନୁସରଣ କରୁଥିବା ବ୍ରାହ୍ମଣକୁ ଲକ୍ଷ୍ୟ କରି କୁହାଯାଇଛି, ହେ ଯଜ୍ଞ କରୁଥିବା ବ୍ରାହ୍ମଣ । ଏହି ଜଳକୁ ଶୁଧ୍ ବୋଲି ଭାବି କାହିଁକି ବୃଥାରେ ବାହ୍ୟଶୁଧି ପଛରେ ଗୋଡ଼ାଇଛ ? ଦର୍ଭ, ଯଜ୍ଞ, ସ୍ତମ, ତୃଣ, କାଷ୍ଠ ଓ ଅଗ୍ନି ପ୍ରଭୃତିର ଅଜ୍ଞାନବଶତଃ ଯଜ୍ଞରେ ପ୍ରାଣୀବଧ୍ କରୁଛ । ଏହା ଦ୍ୱାର କେବଳ ତୁମର ପାପ ବୃଧି ହେବା ସାର ହେଉଛି ।" "ଇନ୍ଦ୍ରିୟ ନିଗ୍ରହ ଦ୍ୱାରା ହିଁ ପ୍ରକୃତ ଯଜ୍ଞ ସାଧିତ ହୋଇଥାଏ । ତପ ଉକ୍ତ ଯଜ୍ଞର ଅଗ୍ନି ଜୀବ ଅଗ୍ନିର ସ୍ଥାନ ଅଟେ, ମନ, ବଚନ ଓ କାୟା ଯଜ୍ଞପାତ୍ର ଅଟନ୍ତି, ଶରୀର ଉକ୍ତ ଅଗ୍ନିକୁ ଅଧିକ ପ୍ରଜ୍ୱଳିତ କରୁଥିବା ସାଧନ ଅଟେ, କର୍ମ ଇନ୍ଧନ ଅଟେ ତଥା ସଂଯମ ଶାନ୍ତିମନ୍ତ୍ର ଅଯେ । ଜିତେନ୍ଦ୍ରିୟ ପୁରୁଷ ଧର୍ମ ଜଳାଶୟରେ ସ୍ନାନ କରି, ବ୍ରହ୍ମଚର୍ଯ୍ୟ ରୂପୀ ଶାନ୍ତି ତୀର୍ଥରେ ପବିତ୍ର ହୋଇ ଶାନ୍ତି ଯଜ୍ଞ କରେ । ଏହା ହିଁ ଯଜ୍ଞ ଅଟେ । ଏହାହିଁ ର୍ମ ଅଟେ ।"

## ଜୈନ ସଂସ୍କୃତିର ଅବଦାନ

ଭାରତରେ ଜୈନଙ୍କର ସଂଖ୍ୟା ବିଶେଷ ବେଶି ନୁହେଁ । ୧୯୭୧ ଜନଗଣନା ଅନୁଯାୟୀ ସର୍ବମୋଟ ୨୬ ଲକ୍ଷ ଜୈନ୍ୟଧର୍ମାବଲମ୍ବୀ ଭାରତରେ ଅଛନ୍ତି । ଏମାନଙ୍କର ସଂଖ୍ୟା ମୋଟ ଲୋକସଂଖ୍ୟାର ଶତକଡ଼ା ଅଧେରୁ ମଧ କମ୍ । ଜୈନଧର୍ମାବଲମ୍ବୀମାନେ ଚାରି ଭାଗରେ ବିଭକ୍ତ - ଦିଗମ୍ବର, ଶ୍ୱେତାମ୍ବର, ସ୍ଥାନକବାସୀ ଏବଂ ତେରାପନ୍ଥ । ଦିଗମ୍ବରମାନେ ପ୍ରାୟଃ ଦକ୍ଷିଣ, ଉତ୍ତର ଏବଂ ମଧ ଭାରତରେ ଏବଂ ଶ୍ୱେତାମ୍ବରମାନେ ଗୁଜୁରାତ, ରାଜସ୍ଥାନ, ମଧ-ଭାରତ, ପଞ୍ଜାବ, ହରିୟାଣାରେ ରହିଛନ୍ତି । ଅଧିକାଂଶ ଜୈନ ବ୍ୟବସାୟ ବାଣିଜ୍ୟ କରିଥାନ୍ତି । ମହାରାଷ୍ଟ୍ର ଓ କର୍ଣ୍ଣାଟକରେ କେତେକ ଜୈନ ଚାଷ କରନ୍ତି । ବ୍ୟବସାୟୀ ହୋଇଥିବା ହେତୁ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ସେମାନେ ବିଶେଷ ପ୍ରଭାବଶାଳୀ । ନିଜର ଉଦାରତା ତତା ଦାନଶୀଳତା ପାଇଁ ସେମାନେ ପ୍ରସିଧ୍ । ସେମାନଙ୍କର ଅନେକ ଶିକ୍ଷାୟତନ ତଥା ଆଶ୍ରୟମାନଙ୍କରେ ମାଗଣା ଶିକ୍ଷା ଦିଆଯାଏ ଏବଂ ଚିକିତ୍ସାଳୟରେ ବିନାମୂଲ୍ୟରେ ଚିକିତ୍ସା କରାଯାଏ । ପୁରାକାଳରୁ ଜୈନମାନଙ୍କର ଶାସନ ବ୍ୟବସ୍ଥା ସହିତ ସମ୍ବନ୍ଧ ରହିଆସିଛି । ହିନ୍ଦୁ ଏବଂ ମୁସଲମାନ ରାଜାମାନଙ୍କର ଶାସନ କାଳରେ ସେମାନେ ମନ୍ତ୍ରୀ, ସେନାପତି, ଶ୍ରେଷ୍ଠୀ, କୋଷାଧକ୍ଷ, ଜହୁରୀ, ସାର୍ଥବାହ ଇତ୍ୟାଦି ପଦରେ କାର୍ଯ୍ୟରେ କରିଛନ୍ତି । ବାଦଶାହ ଆକ୍‌ବର ହୀରା ଉପଢ଼ୌକନ ଦେଇ ବିଜୟସୂରୀଙ୍କୁ 'ଧର୍ମଗୁରୁ' ପଦରେ ସମ୍ମାନିତ କରି ତାଙ୍କର ଉପଦେଶ ଅନୁଯାୟୀ ପର୍ଯୁଷଣ ପର୍ବ (ଦଶଲାକ୍ଷଣୀ) ଦିନମାନଙ୍କରେ ତାଙ୍କ ରାଜ୍ୟରେ ହିଂସା ନକରିବାକୁ ଆଦେଶ ଜାରି କରିଥିଲେ । ରାଜସ୍ଥାନରେ ମୋଗଲସେନାଙ୍କର ହୃତ୍‌କମ୍ପ ଜାଗ୍ରତ କରୁଥିବା ମହାରଣା ପ୍ରତାପଙ୍କ ଶାସନକାଳରେ ସୁପ୍ରସିଧ୍ ଭମାଶାହା ତାଙ୍କ ପାଇଁ ସର୍ବସ୍ୱ ଅର୍ପଣ କରିବାର ପ୍ରସ୍ତାବ ଦେଇ ନିଜର ରାଷ୍ଟ୍ରଭକ୍ତିର ପରିଚୟ ଦେଇଥିଲେ । ଇତିହାସପ୍ରସିଧ୍ ଏହି ଭାମାଶହା ଜୈନ ଥିଲେ ।

ଲୌକିକ ସାହିତ୍ୟ ରଚନା

ଧର୍ମ, ସାହିତ୍ୟ ଏବଂ ନ୍ୟାୟ ନୀତିର ପ୍ରଚାର ତଥା ପ୍ରସାର ଦିଗରେ ଜୈନ ଶ୍ରମଣମାନଙ୍କର ଅବଦାନ କିଛି କମ୍ ନୁହେଁ । ଧର୍ମପ୍ରଚାର ପାଇଁ ଗ୍ରାମ ଗ୍ରାମାନ୍ତର ବିହାର କରୁଥବା ଜୈନ ଶ୍ରମଣମାନଙ୍କର ସ୍ୱାଧାୟ ଅତା ପଠନ-ପାଠନ ସର୍ବଦା ଚାଲୁରହୁଥିଲା । ଗୋଟିଏ ମୁହୂର୍ତ୍ ମଧ ସେମାନେ ଅଯତା ନଷ୍ଟ କରୁନଥିଲେ । ଧାର୍ମିକ ଏବଂ ଲୌକିକ ବିଷୟମାନଙ୍କୁପରେ ଶତ ଶତ ଗ୍ରନ୍ଥ ରଚନା କରି ସେହି ଶ୍ରମଣମାନେ ପ୍ରାନ୍ତୀୟ ସାହତ୍ୟଭଣ୍ଡାର ପୂର୍ଣ୍ଣ କରିଛନ୍ତି । ସେମାନଙ୍କ ସାହିତ୍ୟ ସମ୍ଭାର ସେମାନଙ୍କର ଅଧୟନଶୀଳତା ଏବଂ ଅଧବସାୟ ପ୍ରବୃତ୍ତିର ପରିଚୟ ଦିଏ । କାବ୍ୟ, କୋଷ, ବ୍ୟାକରଣ, ଅଳଙ୍କାର ଏବଂ ଛନ୍ଦ ଶାସ୍ତ୍ର ବ୍ୟତୀତ ସେହି ମହାପୁରୁଷଗଣ ଅର୍ଥଶାସ୍ତ୍ର, ବୈଦିକ, ଜ୍ୟୋତିଷ, ହସ୍ତରେଖା, ମନ୍ତ୍ର ତନ୍ତ୍ର, ରତ୍ନ ପରୀକ୍ଷା, ପାକଶାସ୍ତ୍ର ଇତ୍ୟାଦି ବହୁ ଲୌକିକ ସମସ୍ୟା ଆଲୋଚନା କରିଥିବା ପାଣ୍ଡିତ୍ୟପୂର୍ଣ୍ଣ ଶାସ୍ତ୍ରମାନ ରଚନା କରିଯାଇଛନ୍ତି ।

## କଥା ସାହିତ୍ୟ ରଚନା

କଥା ସାହିତ୍ୟ କ୍ଷେତ୍ରରେ ମଧ ଜୈନ ଶ୍ରମଣମାନେ ଅନନ୍ୟପ୍ରତିଭାର ପରିଚୟ ଦେଇଛନ୍ତି । ନିଜ କଥାକୁ ଉଦାହରଣ ଏବଂ ଦୃଷ୍ଟାନ୍ତ ସ୍ଥଳରେ ଧାର୍ମିକ କଥା କାହାଣୀ ରୂପେ ପ୍ରସ୍ତୁତ କରିବାର ପରମ୍ପରା ଭଗବାନ ମହାବୀରଙ୍କ ସମୟରୁ ଚାଲିଆସିଛି ।ଜୈନ ଶ୍ରମଣମାନେ ନିଜର ଉପଦେଶକୁ ସରଳ, ବୋଧଗମ୍ୟ ଏବଂ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ କତା ଓ କାହାଣୀର ଉପଯୋଗ କରୁଥିଲେ । ବହୁ ସମୟରେ ସେମାନେ ଧର୍ମ କଥାକୁ ଶୃଙ୍ଗାରର ପୁଟ ଦେଇ ତାକୁ ରୁଚିକର କରିବାକୁ ଚେଷ୍ଟା କରୁଥିଲେ - ଠିକ୍ ଯେପରି ବୈଦ୍ୟ କଟୁତିକ୍ତ ଔଷଧକୁ ଗୁଡ଼ରେ ପାଗକରି ରୋଗୀକୁ ଦେଇଥାଏ । ଏହି ଦୃଷ୍ଟିରୁ ଜୈନ ଆଚାର୍ଯ୍ୟମାନେ ଅନେକ ଲୋକପ୍ରିୟ କଥା ଗ୍ରନ୍ଥ ତଥା କତା ବୋଶ ରଚନା କରିଯାଇଛନ୍ତି, ଯାହାକି ତତ୍‌କାଳୀନ ସାମାଜିକ ଏବଂ ସାଂସ୍କୃତିକ ଜୀବନର ଅଧ୍ୟୟନ ଦୃଷ୍ଟିରୁ ଅତ୍ୟନ୍ତ ଉପଯୋଗୀ ଅଟେ ।

ଜ୍ଞାତାଧର୍ମକଥାରେ ଜ୍ଞାତୃପୁତ୍ର ମହାବୀରଙ୍କର ଧର୍ମକଥା ଅତ୍ୟନ୍ତ ସୁବୋଧ, ରୋଚକ ଶୈଳୀରେ ବର୍ଣ୍ଣନା କରାଯାଇଛି । ଅଣ୍ଡକ ଅଧ୍ୟୟନରେ ମୟୁରୀର ଦୁଇଟି ଅଣ୍ଡା ମାଧମରେ ଧର୍ମୋପଦେଶ ଦିଆଯାଇଛି ।

ଚମ୍ପାନଗରୀରେ ଜିନଦତ୍ ଏବଂ ସାଗରଦତ୍ ନାମରେ ଦୁଇଜଣ ସାର୍ଥବାଦ ରହୁଥିଲେ । ଉଭୟଙ୍କର ଗୋଟିଏ ଗୋଟିଏ ପୁତ୍ର ଥିଲେ । ଏକଦା ଉଭୟଙ୍କର ପୁତ୍ରଦ୍ୱୟ ନଗରୀ ବାହାରେ ଥିବା ଏକ ଉଦ୍ୟାନକୁ ବିହାର କରିବା ନିମିତ୍ ଯାଇଥିଲେ । ସେଠାରେ ଏକ ମାଲୁକା କୁଞ୍ଜରେ ଗୋଟିଏ ମୟୁରୀ ଅଣ୍ଡା ଦେଇଥିଲା । ସାର୍ଥବାହ କୁମାରମାନଙ୍କର କଣ୍ଠସ୍ୱର ଶୁଣି ସେ ଡ଼ରିଗଲା ଏବଂ ଉଡ଼ିଯାଇ ନିକଟସ୍ଥ ଏକ ବୃକ୍ଷ ଉପରେ ବସିଲା । ଉକ୍ତ କୁମାରମାନେ ମାଲୁକା କୁଞ୍ଜରେ ପ୍ରବେଶ କରନ୍ତେ ଦୁଇଟି ସୁନ୍ଦର ଅଣ୍ଡା ସେମାନଙ୍କର ଦୃଷ୍ଟିପଥାରୁମ ହେଲା । ସେ ଅଣ୍ଡା ଦୁଇଟିକୁ ଆଣି ସେମାନେ କୁକୁଡ଼ା ଅଣ୍ଡା ସହିତ ରଖିଦେଲେ ।

ସାଗରଦତ୍ତଙ୍କ ପୁତ୍ର ନିଜ ଅଣ୍ଡାଟିକୁ ବାରମ୍ବାର ହଲାଇ, କାନ ପାଖରେ ବଜାଇ ଜାଣିବାକୁ ଚାହୁଁଥିଲା ଯେ ଉକ୍ତ ଅଣ୍ଡାରୁ ମୟୁର ଶିଶୁ ବାହାରିବ କି ନାହିଁ । ଏହିପରି ବାରମ୍ବାର ହଲାହଲି କରିବାରୁ ତା ଅଣ୍ଡାଟି ନିର୍ଜୀବ ହୋଇଗଲା ଏବଂ ସେଥିରୁ ମୟୁର ଶିଶୁବାହାରିଲା ନାହିଁ । ତାହା ଦେଖିବ ସାଗରଦତ୍ ପୁତ୍ରର ମନ ବହୁତ ଦୁଃଖୀ ହେଲା ।ମାତ୍ର ଜିନଦତ୍ତଙ୍କ ପୁତ୍ର ଦୃଢ଼ଭାବେ ବିଶ୍ୱାସ କରୁଥିଲେ ଯେ ତାଙ୍କ ଅଣ୍ଡାରୁ ନିଶ୍ଚୟ ମୟୁର ଶିଶୁ ଜନ୍ମ ହେବ ।ତାଙ୍କର ଏହି ବିଶ୍ୱାସ ଥିବାରୁ ସେ କେବେହେଲେ ଅଣ୍ଡାକୁ ହଲାନ୍ତି ନାହିଁ କିମ୍ବା କାନ ପାଖରେ ବଜାଇ ଶୁଣିବାକୁ ଚେଷ୍ଟା କରନ୍ତି ନାହିଁ । ଠିକ୍ ସମୟରେ ତାଙ୍କ ଅଣ୍ଡାରୁ ମୟୁର ଶିଶୁଟିଏ ଜନ୍ମ ହେବାରୁ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଜିନଦତ୍ତଙ୍କର ପୁତ୍ର ମୟୁରପୋଷକମାନଙ୍କୁ ଡ଼କାଇ ନିଜର ଶିଶୁ ମୟୁରଟିକୁ ନୃତ୍ୟ ଶିଖାଇବା ପାଇଁ ଆଦେଶ ଦେଲେ ।ଅଳ୍ପ ସମୟ ମଧରେ ସେହି ଶିଶୁ ମୟୁରଟି ନୃତ୍ୟରେ ପ୍ରବୀଣ

ହୋଇଗଲା ।

ସାରାଂଶ : ଯେଉଁ ଶ୍ରମଣ ନିର୍ଗ୍ରନ୍ଥ ଆଚାର୍ଯ୍ୟଙ୍କ ନିକଟରୁ ପ୍ରବ୍ରଜ୍ୟା ଗ୍ରହଣ କରି ଅହିଂସା, ସତ୍ୟ ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ - ଏହି ପା□ ମହାବ୍ରତକୁ ସନ୍ଦେହଚକ୍ଷୁରେ ଦେଖେ, ବ୍ରତ ନିୟମମାନଙ୍କୁ ଠିକ୍ ଠିକ୍ ଆଚରଣ ନକରେ, ସେ ସାଗରଡଦ୍ଙ୍କ ପୁତ୍ର ଭଳି ପଶ୍ଚାତ୍ପ କରେ । ତାର ଏହି ସ୍ଖଳନ ହିଁ ତାର ପୁନଃ ପୁନଃ ସଂସାର ଭ୍ରମଣର କାରଣ ହୁଏ ।

ପରନ୍ତୁ ଯେଉଁ ଶ୍ରମଣ ନିର୍ଗ୍ରନ୍ଥ ଜିନଦତ୍ଙ୍କ ପୁତ୍ର ପରି ପ୍ରବଚନକୁ ସନ୍ଦେହ ନକରେ, ନିଷ୍ଠା ଓ ବିଶ୍ୱାସର ସହିତ ବ୍ରତ ନିୟମଗୁଡ଼ିକୁ ପାଳନ କରେ, ଯେ ସଂସାର ସାଗର ପାରିହୋଇଯାଏ ।

ଆଉ ଏକ କାହାଣୀ ନିଆଯାଉ :

ବାରଣାସୀର ଉତ୍ର ପୂର୍ବ ଦିଗରେ ଗଙ୍ଗା କୂଳରେ ଗୋଟିଏ ବଡ଼ ଦୀଘିରେ ଅନେକ ମଗର, କଇଁଛ ଓ କୁମ୍ଭୀର ପ୍ରଭୃତି ଜଳଚର ଜୀବ ରହୁଥିଲେ । ପାଘରେ ମାଲୁକା କୁଞ୍ଜରେ ଦୁଇଟି ମାଂସଲୋଭୀ ଶୃକାଳ ରହୁଥିଲେ । ଦୁଇଟିଯାକ ଶୃଗାଳ ରାତିରେ ଶିକାର ଅନ୍ୱେଷଣରେ ଆସନ୍ତି ଏବଂ ଦିନରେ କେଉଁଠି ଛପିଯାଆନ୍ତି ।

ଥରକର କଥା । ସୂର୍ଯ୍ୟାସ୍ତ ହୋଇଯିବା ପରେ ଦୁଇଟି କଇଁଛ ସେଇ ଦୀଘିରୁ ବାହାରି ପଦାକୁ ଆସିଲେ ଏବଂ ଖାଦ୍ୟ ଅନ୍ୱେଷଣରେ ଇତସ୍ତତଃ ବୁଲିବାକୁ ଲାଗିଲେ । ସେହି ସମୟରେ ଉଭୟ ଶୃଗାଳ ସେଠି ଘୁରୁଥିଲେ । ସେମାନେ ସେଇ କଇଁଛମାନଙ୍କୁ ଦେଖିଲେ ଓ ଛପି ଛପି ସେମାନଙ୍କ ଆଡ଼କୁ ଆଗେଇଲେ ।

କଇଁଛ ଦୁଇଟି ଯେତେବେଳେ ଶୃଗାଳ ଦୁଇଟିକୁ ସେମାନଙ୍କ ଆଡ଼କୁ ଆସୁଥିବାର ଦେଖିଲେ ସେମାନେ ଭୟରେ ନିଜର ସମସ୍ତ ଅଙ୍ଗପ୍ରତଙ୍ଗ ନିଜର ଟାଣ ଖୋଳପା ଭିତରକୁ ସଂକୁଚିତ କରିନେଲେ ଏବଂ ନିଶ୍ଚଳ ହୋି ବସି ରହିଲେ । କଇଁଛ ଦୁହିଁଙ୍କ ପାଖକୁ ଶୃଗାଳମାନେ ଆସିଲେ ଏବଂ ସେମାନଙ୍କୁ ଗଡ଼ାପଡ଼ା କରିବାକୁ ଲାଗିଲେ । ତାଙ୍କ ଖୋଳପାକୁ ଆମ୍ପୁଡ଼ିବାକୁ ଲାଗିଲେ । ମାତ୍ର କଇଁଚ ଦୁଇଟି ଦେହକୁ କାଠକରି ଚୁପ୍ଚାପ୍ ବସି ରହିଲେ । ଦୁଇ ତିନି ବାର ଶୃଗାଳମାନେ ସେମାନଙ୍କୁ ଗଡ଼ାପଡ଼ା କଲେ । ଶେଷରେ ସେମାନେ ଥକିଯାଇଁ ଚାଲିଗଲେ ଓ ଟିକେ ଦୂରରେ ଛପି ବସିଲେ ।

କଇଁଛ ଦୁଇଟିଙ୍କ ଭିତରୁ ଗୋଟିଏ ଯେତେବେଳେ ଜାଣିବାକୁ ପାଇଲା ଯେ ଶୃଗାଳମାନେ ଆଉ ପାଗରେ ନାହାନ୍ତି ସେ ଖୋଳପା ଭିତରୁ ବାହାରକୁ ତାର ପାଦ ବାହାରକଲା । ଏହା ଦେଖି କାଳ ବିଳମ୍ବ ନକରି ଗୋଟିଏ ଶୃଗାଳ ଶୀଘ୍ର ତା ପାଦ ଉପରକୁ ଝାମ୍ପି ପଡ଼ିଲା । ଶୃଗାଳଟି ତାର ପାଦଟାକୁ ଛିଣ୍ଡି ନେଇ ଚୋବାଇବାକୁ ଲାଗିଲା । କଇଁଛର ଅନ୍ୟାନ୍ୟ ଅଙ୍ଗପ୍ରତଙ୍ଗକୁ ମଧ ସେ କ୍ଷଣକ ମଧରେ ଚାଟିଚୁଟି ସଫା କରିଦେଲା ।

ଆର କଇଁଛଟି ଅତିଶୀଘ୍ର ତା ଖାଦ୍ୟରେ ପରିଣତ ହେବ ଭାବି ଶୃଗାଳ ତା ପାଖରେ ଚକ୍କର ମାରିଲା । ତାକୁ ଓଲଟପାଲଟ କଲା । କିନ୍ତୁ ସେ କଇଁଛ ପୂର୍ବପରି ନିଶ୍ଚଳ ହୋଇ ପଡ଼ିରହିଲା । ଶେଷରେ ଉଭୟ ଶୃଗାଳ ହାରମାନି ସେଠାରୁ ଚାଲିଗଲେ ।

ଶୃଗାଳମାନେ ସେଠାରୁ ଚାଲଯାଇଛନ୍ତି ବୋଲି ଯେତେବେଳେ କଇଁଛର ହୃଦ୍‌ବୋଧ ହେଲା ସେ ଧୀରେ ଧୀରେ ତା ଖୋଳପା ଭିତରୁ ବେକ ବାହାର କରି ଚାରିଆଡ଼କୁ ଚାହିଁଲା । ଖୁବ୍ ଦୁରଯାଏ ତନ୍ନ ତନ୍ନ କରି ଦେଖିଲା । ତାପରେ ତାର ଚାରୋଟିଯାକ ପାଦ ବାହାରକଲା । ତାପରେ ଶୀଘ୍ର ଶୀଘ୍ର ତା ଦୀଘି ଆଡ଼କୁ ଧାଇଁଲା । ଦୀଘିରେ ପହ□ ନିଜର ଆତ୍ମୀୟ ସ୍ୱଜନଙ୍କ ସହିତ ପୁନର୍ମିଳନ ଘଟିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ ହେଲା ।

ସାରକଥା : ଯେଉଁ ଶ୍ରମଣ-ନିର୍ଗ୍ରନ୍ଥ ପ୍ରବ୍ରଜ୍ୟା ଗ୍ରହଣ କରିବା ପରେ ନିଜର ଇନ୍ଦ୍ରିୟକୁ ବଶ ନକରି, ସ୍ୱେଚ୍ଛାଚାରୀ ହୋଇଯାଏ ତାକୁ ପ୍ରଥମ କଇଁଛ ପରି ବହୁତ ଯନ୍ତ୍ରଣା ସହିବାକୁ ପଡ଼େ ଏବଂ ମୁକ୍ତି ନପାଇ ବାରମ୍ବାର ପୃଥିବୀରେ ଜନ୍ମଗ୍ରହଣ କରେ । ଅନ୍ୟ ପକ୍ଷରେ, ଯେଉଁ ଶ୍ରମଣ ବା ଶ୍ରମଣୀ ପ□ ମହାବ୍ରତକୁ ପାଳନ କରନ୍ତି, ନିଜର ସମସ୍ତ ଇନ୍ଦ୍ରିୟକୁ ଆୟତ୍ତାଧୀନ କରନ୍ତି ସେ ଅନ୍ୟ କଇଁଛଟି ପରି ଦୁଃଖରୁ ମୁକ୍ତ ହୋଇ ସୁଗତି ପ୍ରାପ୍ତ ହୁଅନ୍ତି ଏବଂ ସଂସାର ସାଗର ପାରିହୋଇ ଯାଆନ୍ତି ।

ଧନ୍ୟ ଏବଂ ତାଙ୍କର ବୋହୁମାନଙ୍କର କାହାଣୀ ମଧ ଏହିଭଳି ଉପଦେଶର ସମାବେଶ:

ରାଜଗୃହରେ ଧନ୍ୟ ନାମକ ବ୍ୟବସାୟୀ ତାଙ୍କର ଚାରିବୋହୂ ଉଜ୍‌ଝିକା, ଭୋଗବତୀ, ରକ୍ଷିକା ଏବଂ ରୋହିଣୀଙ୍କୁ ଡ଼ାକି ପ୍ରତ୍ୟେକଙ୍କୁ ପା□ଗୋଟି ଧାନ ଦେଲେ । ସେ ସେମାନଙ୍କୁ ତାଗିଦ୍ କରିଦେଲେ ଯେ ଯେତେବେଳେ ସେ ସେମାନଙ୍କୁ ତାଙ୍କର ଧାନ ମାଗିବେ ସେମାନଙ୍କୁ ତାହା ଫେରାଇ ଦେବାକୁ ପଡ଼ିବ ।

ପ୍ରଥମ ବୋହୁ ଭାବିଲା : "ଶଶୁରଙ୍କ ଅମାର ଘରେ ମହଣ ମହଣ ଧାନ ରହିଛି । ଯେତେବେଳେ ସେ ମାଗିବେ ସେଇଠୁ କାଢ଼ି ଦେଇଦେବି ।" ସେ ଉକ୍ତ ପା□ୋଟି ଧାନକୁ ହେୟଜ୍ଞାନ କରି ଫୋପାଡ଼ି ଦେଲା । ଦ୍ୱିତୀୟ ବୋହୂ ଧାନ ଚୋପା ଛଡ଼ାଇ ତାକୁ ପାଟରେ ପକାଇଦେଲା । ତୃତୀୟ ବୋହୂ ସେଗୁଡ଼ିକୁ ଏକ ସ୍ୱଚ୍ଛ ବସ୍ତ୍ରରେ ବାନ୍ଧି ଏକ ରତ୍ନ ନିର୍ମିତ ଡ଼ବା ଭିତରେ ରଖିଦେଲା ଏବଂ ତାକୁ ନିଜ ବିଛଣାର ମୁଣ୍ଡପଟେ ରଖି ସକାଳ ସନ୍ଧ୍ୟା ସତର୍କତା ସହ ଜଗିଲା । ଚତୁର୍ଥ ବୋହୁ ବର୍ଷାଋତୁ ଆସନ୍ତେ ସେ ଧାନଗୁଡ଼ିକୁ ଜମିରେ ବୁଣି ଦେଲା । ଧାନ ପାଚିଯିବା ପରେ ତାକୁ କାଟି ପାଛୋଡ଼ି ଘୁମ୍‌ରେ ଭର୍ତ୍ତିକରି ଅମାରଘରେ ରଖିଦେଲୋ । ଦ୍ୱିତୀୟ, ତୃତୀୟ, ଚତୁର୍ଥ ଏବଂ ପ□ମ ବର୍ଷ ମଧ ସେହିପରି ବୁଣିଲା ଓ ଅମଳ କରି ଘରେ ବସିଲା ।

ପା□ବର୍ଷ ବିତିଯାଆନ୍ତେ ଧନ୍ୟ ତାଙ୍କର ବୋହୂମାନଙ୍କୁ ଡ଼ାକି ଧାନ ଫେରାଇବା ପାଇଁ କହିଲେ ।

ପ୍ରଥମେ ଆସିଲା ଉଜ୍‌ଝିକା । ସେ ଶଶୁରଙ୍କ ଅମାରଘରୁ ୫ଟି ଧାନ ଆଣି ଶଶୁରଙ୍କ ଆଗରେ ଥୋଇଦେଲେ। । ଶଶୁର ଦେଇଥିବା ୫ଟି ଧାନକୁ ସେ ଫୋପାଡ଼ି ଦେଇଥିବା କଥା ଶଶୁରଙ୍କୁ ଜଣାଇଲା । ଭୋଗବତୀ କହିଲାଯେ ସେ ଧାନରୁ ଚୁଲ ବାହାରକରି ପାଟିରେ ପକାଇ ଦେଇଥିଲା । ରକ୍ଷିକା ନିଜ ସିନ୍ଦୁକରୁ ୫ଟି ଧାନ ବାହାର କରି ଶଶୁରଙ୍କ ନିକଟରେ ରଖିଦେଲେ । ରୋହିଣୀ ଧାନତକ ଆଣିବାପାଇଁ ଶଗଡ଼ ମାଗିଲେ ।

ଶଶୁର କହିଲେ, "କଣ ୫ଟି ଦାନା ଆଣିବା ପାଇଁ ଶଗଡ଼ ଦରକାର ପଡ଼େ ?" ରୋହିଣୀ ସବୁକଥା ଶଶୁରଙ୍କୁ ଜଣାଇଲେ । ଶଗଡ଼େ ଧାନ ଧନ୍ୟଙ୍କ ଅମାର ଘରେ ଆସି ଜମାହେଲା ।

ଧନ୍ୟ ରୋହିଣୀକୁ ବହୁତ ପ୍ରଶଂସା କଲେ । ରୋହିଣୀକୁ ସେ ଘରବାଡ଼ିର ମାଲିକାଣୀ କରିଦେଲେ । ରକ୍ଷିକାକୁ ଭଣ୍ଡାରଘର ଦାୟିତ୍ୱ ଦେଲେ, ଭୋଗବତୀଙ୍କୁ ରୋଷେଇଘର ଦାୟିତ୍ୱ ଓ ଉଜ୍‌ଝିକାକୁ ଘର ଓଳାଓଳି କାମରେ ନିଯୁକ୍ତ ରାଗଲା ।

ସାରକଥା : ଯେଉଁ ଶ୍ରମଣ - ନିର୍ଗ୍ରନ୍ଥ ମହାବ୍ରତକୁ ତ୍ୟାଗ କରନ୍ତି, ସେ ଉଜ୍‌ଝିକା (ନଷ୍ଟ କରୁଥିବା) ପରି ସଂଘଦ୍ୱାରା ତିରସ୍କୃତ ହୁଅନ୍ତି ଏବଂ ଅଧୋଗତି ପ୍ରାପ୍ତ ହୁଅନ୍ତି ।

ଯେଉଁ ଶ୍ରମଣତ - ନିର୍ଗ୍ରନ୍ଥ ୫ ମହାବ୍ରତ ଗ୍ରହଣ କରିବା ପରେ ମଧ କେବଳ ଅଜୀବିକା ନିମିତ୍ ତାହା ପାଳନ କରନ୍ତି, ସେ ଭୋଗବତୀ (ଭୋଗ କରୁଥିବା) ପରି ମୋକ୍ଷରୁ ବିତ ହୋଇ ଅଧୋଗତି ପ୍ରାପ୍ତ ହୁଅନ୍ତି ।

ଯେଉଁ ଶ୍ରମଣ - ନିର୍ଗ୍ରନ୍ଥ ୫ମହାବ୍ରତ ରକ୍ଷା ପାଇଁ ରକ୍ଷିକା (ସଂରକ୍ଷଣ କରୁଥିବା) ପରି ସଚେଷ୍ଟ ରହନ୍ତି ସେ ସଂଘଠାରୁ ପୂଜା ପାଆନ୍ତି ଏବଂ ତାଙ୍କର ମନୁଷ୍ୟ ଜନ୍ମ ସାର୍ଥକ ହୁଏ ।

ଯେଉଁ ଶ୍ରମଣ - ନିର୍ଗ୍ରନ୍ଥ ୫ ମହାବ୍ରତରେ ବୃଧି ଓ ପ୍ରସାର ଦିଗରେ ଉଦ୍ୟମ କରନ୍ତି ସେ ରୋହିଣୀ ଉତ୍ପାଦନ କରୁଥିବା ନାରୀ) ପରି ସଂଘର ବନ୍ଦନୀୟ ହେବା ସଂଗେ ସଂଗେ ନିର୍ବାଣ ଲାଭ କରନ୍ତି ।

ଅର୍ଥ ପ୍ରଧାନ କଥା କାହାଣୀ ଜୈନ ସାହିତ୍ୟରେ ପ୍ରଚୁର ପରିମାଣରେ ଲେଖାଗଲା । ଜୈନ ଧର୍ମାବଲମ୍ବୀମାନଙ୍କର ବ୍ୟବସାୟ ମୁଖ୍ୟ ବୃତ୍ ଥିଲା । ଏହି ବୃତ୍ର ମହତ୍ୱ ପ୍ରତିପାଦ ଥିଲା ଅଧିକାଂଶ ଗଳ୍ପର ମୁଖ୍ୟ ଉଦ୍ଦେଶ୍ୟ । ତରୁଣମାନଙ୍କ ଭିତରେ ଏକ ସଂସ୍କାର ଦେଖାଦେଇଥିଲା ଯେ ସେମାନେ ନିଜ ବାପ ଅଜାଙ୍କ ରୋଜଗାର ଉପରେ ନିର୍ଭର ନକରି ପୁରୁଷାର୍ଥ ବଳରେ ସ୍ୱାବଲମ୍ବୀ ହେବେ । ଅର୍ଥୋପାର୍ଜନ ପାଇଁ ସେମାନେ ଦୂରଦୂରାନ୍ତକୁ ସାହସିକ ଯାତ୍ରା କରୁଥିଲେ । ସମୁଦ୍ର ଯାତ୍ରା ସମୟରେ ବିଶାଳକାୟ ସାମୁଦ୍ରିକ ମତ୍ସ୍ୟ ତଥା ବାତ୍ୟାଦ୍ୱାରା ଜାହାଜ ବୁଡ଼ିଯିବାର ବସ୍ତ ଥିଲା, ଜଙ୍ଗଲ ପାରି ହେବାବେଳେ ଜଙ୍ଗଲି ଜାତି, ଚୋର ଡ଼କାୟତ ତଥା ହିଂସ୍ର ଜନ୍ତୁ ଆକ୍ରମଣ କରିବାର ଭୟ ଥିଲା । ବଡ଼ ବଡ଼ ପଥରକୁ ଧରି ଦୁର୍ଗମ ପର୍ବତମାନ ଚଢ଼ିବାକୁ ପଡୁଥିଲା । ଅଙ୍କାବଙ୍କା ପାର୍ବତ୍ୟ ରାସ୍ତାକୁ

ବଡ଼ ବଡ଼ ଛେଳି ପିଠିରେ ଚଢ଼ି ଅତ୍ୟନ୍ତ କଷ୍ଟରେ ପାରିହେବାକୁ ପଡୁଥିଲା । ପଥ ଶ୍ରାନ୍ତି ମୋଇବା ପାଇଁ ରୋଚକ ଆଖ୍ୟାନ୍, ନୌବାଣିକଙ୍କର ସାହସିକ ଭ୍ରମଣ ବୃତ୍ାନ୍ତ, ବ୍ୟବସାୟୀମାନଙ୍କର ଭାଷା, ନେଣଦେଣ, ବିଭିନ୍ନ ଦେଶରେ ସଂସ୍କୃତି, ରୀତି-ନୀତି ଏବଂ ଆଚାର ବିଚାର ଏସବୁ କିଛି ଗଳ୍ପଗୁଡ଼ିକୁ ରୋମକର କରିବାରେ ସାହାଯ୍ୟ କରୁଥିଲେ । ଏହି ପରିପ୍ରେକ୍ଷୀରେ ବସୁଦେବ ହିଣ୍ଡିରେ ଉଲ୍ଲିଖିତ ଚମ୍ପାର ବଣିକ ପୁତ୍ର ଚାରୁଦତ୍ଙ୍କ କଥା ପଠନୀୟ ।

କଥା ସାହିତ୍ୟ କେବଳ ପ୍ରାକୃତ ବା ସଂସ୍କୃତ ଭାଷାରେ ନୁହେଁ, ଅପଭ୍ରଂଶ, ମଧ୍ୟଯୁଗୀୟ ଜୁନୀ ଗୁଜରାତୀ, ରାଜସ୍ଥାନୀ ଏବଂ ପ୍ରାଚୀନ ହିନ୍ଦୀରେ ମଧ ରଚିତ ହେଉଥିଲା । ଆଧୁନିକ ଆର୍ଯ୍ୟ ଭାଷାମାନଙ୍କର କ୍ରମିକ ବିକାଶ ଦୃଷ୍ଟିରୁ ମଧ ଜୈନ ସାହିତ୍ୟର ଅଧ୍ୟୟନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ ।

ସେତେବେଳେ ଦକ୍ଷିଣ ଭାରତ ମଧ ଜୈନଧର୍ମର କେନ୍ଦ୍ର ହୋଇ ସାରିଥିଲା । ଏହାର ଫଳସ୍ୱରୂପ ଜୈନ ବିଦ୍ୱାନ୍ମାନେ କନ୍ନଡ଼, ତାମିଲ ଏବଂ ତେଲୁଗୁ ସାହିତ୍ୟକୁ ମଧ ସମୃଦ୍ଧ୍ କରିପାରିଥିଲେ । ବିଶେଷ କରି କନ୍ନଡ଼ ଏବଂ ତାମିଲ ଭାଷାରୁ ମାନକୁ ସାହିତ୍ୟ ତଥା ଶୈଳୀକ ଦୃଷ୍ଟିକୋଣରୁ ଜୈନ ସାହିତ୍ୟ ଉନ୍ନତ କରିପାରିଥିଲା । ଏହି ଭାଷାମାନଙ୍କର ଅଧ୍ୟୟନ ପାଇଁ ଜୈନ ବିଦ୍ୱାନ୍ମାନେ ମହାକାବ୍ୟ, ବ୍ୟାକରଣ ଏବଂ ଅଭିଧାନମାନ ରଚନା କଲେ । ପମ୍ପ, ରନ୍ନ ଏବଂ ପୋନ୍ନଙ୍କ ଭଳି ଜୈନ କବିଙ୍କର କୃତି କେବଳ କନ୍ନଡ଼ ସାହିତ୍ୟର ନୁହେଁ, ସମଗ୍ର ଭାରତୀୟ ସାହିତ୍ୟର ବହୁମୂଲ୍ୟ ରତ୍ନରୂପେ ବିବେଚିତ ।

ଜ୍ଞାନଭଣ୍ଡାର ସ୍ଥାପନା

ବିଶେଷକରି ଯେଉଁ ସମୟରେ ଛାପାଖାନାର ପ୍ରଚଳନ ହୋଇ ନଥିଲା ସେତେବେଳେ ଏହି ବିପୁଳ ସାହିତ୍ୟର ଅଧ୍ୟୟନ ନିମିତ୍ ଦେଶବ୍ୟାପୀ ପୁସ୍ତକ ଭଣ୍ଡାରମାନଙ୍କର ଆବଶ୍ୟକତା ଅନୁଭବ କରାଯାଉଥିଲା । ଜୈନ ସଂଘ ଉତ୍ତର ଏବଂ ଦକ୍ଷିଣ ଅନେକରେ ଜୈନ ଭଣ୍ଡାର ସ୍ଥାପନ କରି ଏହି ଅଭାବ ପୂରଣ କଲା । ପ୍ରଥମେ ପ୍ରଥମେ ଗ୍ରନ୍ଥ ଲେଖିବା ଏବଂ ଲେଖାଇବା କଷ୍ଟସାଧ ମନେହେଉଥିଲା ଏବଂ ଯଦି କୌଣସିମତେ ପୂରଣ ହେଉଥିଲା ତେବେ ନିଆଁ, ପାଣି, ଚୋର, ମୂଷା ଏବଂ ଉଇମାନଙ୍କ ଉପଦ୍ରବ୍ୟରୁ ଏହି ଗ୍ରନ୍ଥମାନଙ୍କୁ ରକ୍ଷା କରିବା ଆହୁରି କଠିନ ହୋଇ ପଡୁଥିଲା । ଏଥି ନିମିତ୍ ଜୈନ ଆଚାର୍ଯ୍ୟମାନେ ଶ୍ରୁତି ପଞ୍ଚମୀ ଅଥବା ଜ୍ଞାନ ପଞ୍ଚମୀକୁ ଏକ ପୁଣ୍ୟ ପର୍ବରୂପେ ଘୋଷଣା କରିଥିଲେ । ଏହି ଦିବସରେ ଶାସ୍ତ୍ରମାନଙ୍କୁ ଝଡ଼ାଝଡ଼ି, ପୋଛାପୋଛି, କରି ପୂଜା ଅର୍ଚ୍ଚନା କରିବା ଏବଂ ସେସବୁକୁ ଲେଖିବା, ଲେଖାଇବା କାର୍ଯ୍ୟ ଖୁବ୍ ଉତ୍ସାହର ସହିତ କରାଯାଉଥିଲା । ଜୈସଲମେର, ଖମ୍ଭାତ, ପାଟନ, ଜୟପୁର, କାମ୍ବହୀ, ମୂଡ଼ବିଦ୍ରୀ ଇତ୍ୟାଦି ଅନେକ ସ୍ଥାନରେ ଏହିଭଳି ଗ୍ରନ୍ଥ ଭଣ୍ଡାରମାନ ସ୍ଥାପିତ ହୋଇଥିଲା । ସେବୁ ସ୍ଥାନରେ କେବଳ ଜୈନଗ୍ରନ୍ଥ ନୁହେଁ, ବୌଦ୍ଧ୍ ଏବଂ ବୈଦିକ ସାହିତ୍ୟ ମଧ ସୁରକ୍ଷିତ ହୋଇଥିଲା । ଭାରତର ଶହ ଶହ ସହରରେ ବିଛାଇ ହୋଇ ରହିଥିବା ଏହି ଗ୍ରନ୍ଥାଗାରଗୁଡ଼ିକରେ ତାଳପତ୍ର, କାଗଜ ଏବଂ କନା ଉପରେ

ସଂସ୍କୃତ, ପ୍ରାକୃତ, ଅପଭ୍ରଂଶ, କନ୍ନଡ଼, ତାମିଲି, ଗୁଜରାଟୀ, ହିନ୍ଦୀ, ମରାଠୀ ଏବଂ ଫାରସୀ ଭାଷାରେ ଲିଖିତ ଜୈନ, ବୌଧ୍ ଏବଂ ବୈଦିକ ଧର୍ମ ସମ୍ବନ୍ଧୀୟ ଏପରି ଅନେକ ଦୁର୍ଲଭ ଗ୍ରନ୍ଥମାନ ମିଳୁଛି ଯାହା ଆଉ ମିଳିବ ବୋଲି କେହି ଆଶା ରଖି ନଥିଲେ । ଏପରି ଅନେକ ଗ୍ରନ୍ଥ ମିଳିଛି ଯାହା ଗୁଜରାଟୀ ଭାଷାରେ କ୍ରମିକ ଏବଂ ଶୃଙ୍ଖଳିତ ଇତିହାସ ଅଧ୍ୟୟନ ଦିଗରେ ଅନିବାର୍ଯ୍ୟ ବୋଲି ବିବେଚିତ ହେଉଛି । ଭାରତୀୟ ସଂସ୍କୃତି ତଥା ସାହିତ୍ୟର ସୁରକ୍ଷା ଦିଗରେ ଜୈନ ଶ୍ରମଣ ତଥା ଶ୍ରାବକମାନଙ୍କର ଏହି ପ୍ରଚେଷ୍ଟା ସ୍ୱର୍ଣ୍ଣାକ୍ଷରରେ ଲିପିବଧ୍ ହେବା ଯୋଗ୍ୟ ଅଟେ ।

କଳା କ୍ଷେତ୍ରରେ

କଳା ଏବଂ ସ୍ଥାପତ୍ୟ କ୍ଷେତ୍ରରେ ମଧ ଜୈନ ଧର୍ମାବଲମ୍ବୀମାନଙ୍କର ପ୍ରଭୂତ ଅବଦାନ ରହିଛି । ଜୈନ ମନ୍ଦିରମାନଙ୍କର ନିର୍ମାଣ ସେ ସମୟରେ ସାମାଜିକ ଆବଶ୍ୟକତା ରୂପେ ଗୃହୀତ ହେଉଥିଲା । ମନ୍ଦିରମାନଙ୍କରେ ଏକତ୍ର ହୋଇ ଲୋକେ ତୀର୍ଥଙ୍କର ଭଗବାନଙ୍କର ଭଜନ, ପୂଜନ କରୁଥିଲେ, ଶାସ୍ତ୍ର ସ୍ୱାଧାୟ କରୁଥିଲେ, ରଥଯାତ୍ରା ବାହାର କରୁଥିଲେ, କ୍ଷମାବାଣୀ ପର୍ବ ପାଳନ କରୁଥିଲେ ଏବଂ ସାଧୁସନ୍ଥଙ୍କର ବ୍ୟାଖ୍ୟାନ ଆୟୋଜନ କରୁଥିଲେ । ଏହି ଦୃଷ୍ଟିରୁ ଉତ୍ର ଏବଂ ଦକ୍ଷିଣ ଭାରତରେ ମନ୍ଦିର, ମଠ ଏବଂ ସରାଇଘର ନିର୍ମାଣ କରାଯାଉଥିଲା । ଏହି ନିର୍ମାଣ କାର୍ଯ୍ୟରେ ଜୈନ ରାଜା, ମନ୍ତ୍ରୀ, ଶ୍ରେଷ୍ଠୀ ତଥା ବ୍ୟବସାୟୀମାନେ ବିଶେଷଭାବେ ଅଂଶ ଗ୍ରହଣ କରୁଥିଲେ । ମନ୍ଦିର ନିମିତ୍ ଜମି ତଡା ଗ୍ରାମ ଆଦି ପ୍ରଦାନ କରି ସେମାନେ ନିଜର ଧର୍ମନିଷ୍ଠାର ପରିଚୟ ଦେଉଥିଲେ । ରାଜସ୍ଥାନର ଆବୁ ପାହାଡ଼ ଉପରେ ବସ୍ତୁପାଲ ଏବଂ ତେଜପାଲଙ୍କ ଦ୍ୱାରା ନିର୍ମିତ ଶଙ୍ଖମର୍ମାର ପଥର କାଟି ନିର୍ମିତ ହୋଇଥିବା ଦେଲୱାଡ଼ା ମନ୍ଦିର କଳା କୌଶଳ ଦୃଷ୍ଟିରୁ ଅନୁପମ ଅଟେ । ସୌରାଷ୍ଟ୍ରରେ ଶତ୍ରୁଞ୍ଜୟ ପାହାଡ଼ ଉପରେ ଛୋଟ ବଡ଼ ଶହ ଶହ ମନ୍ଦିର ନିର୍ମିତ ହୋଇଛି । ସେଠାକାର ଆଦିନାଥ ମନ୍ଦିର ବିଖ୍ୟାତ ଅଟେ । ଏହା ପଶ୍ଚିମ ଭାତରରେ ୧୦ମ ଶତାବ୍ଦୀୟ ମୂର୍ତ୍ତିକଳାର ସୁନ୍ଦର ନମୁନା ଅଟେ । ଶ୍ରବଣ ବେଲ ଗୋଲାର ସୁପ୍ରସିଧ୍ ଗୋମ୍ମଟେଶ୍ୱର ବାହୁବଳିର ବିଶାଳକାୟ ମୂର୍ତ୍ତି ସଂପର୍କରେ ପୂର୍ବରୁ କୁହାଯାଇଛି । ରାଜାମଲ୍ଲଙ୍କର ମନ୍ତ୍ରୀ ଏବଂ ସେନାପତି ଚାମୁଣ୍ଡରାୟ ୧୦ମ ଶତାବ୍ଦୀରେ ବହୁ ଅର୍ଥ ଖର୍ଚ୍ଚକରି ଏହ ମୂର୍ତ୍ତି ର୍ନମାଣ କରିଥିଲେ । ଏଠାରେ ବହୁତ ଧୁମ୍‌ଧାମ୍‌ରେ ମହାମସ୍ତକାଭିଷେକ ଉତ୍ସବ ପାଳନ କରାଯାଏ । ପରେ କାରକଲ୍ ଏବଂ ବେନୁର୍‌ଠାରେ ମଧ ବାହୁବଳିଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିଲା । ମୁଡ଼ବିଦ୍ରୀ ଚନ୍ଦ୍ରନାଥ ମନ୍ଦିର ନିମିତ୍ ପ୍ରସିଧ୍ । ଏ ମନ୍ଦିର ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ମନ୍ଦିର ପ୍ରାଙ୍ଗଣରେ ଏକ ସୁନ୍ଦର ଚିତ୍ତାକର୍ଷକ ମାନସ୍ତମ୍ଭ ଦଣ୍ଡାୟମାନ । କୁଷାଣକାଳୀନ ମଥୁରାର ସୁପ୍ରସିଧ୍ ଜୈନସ୍ତୂପ ସମ୍ପର୍କରେ ପୂର୍ବରୁ କୁହାଯାଇ ସାରିଛି । ଏହା ବ୍ୟତୀତ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଯକ୍ଷ ଯକ୍ଷିଣୀମାନଙ୍କର ମୂର୍ତ୍ତି, ଧାତୁ ନିର୍ମିତ ମୂର୍ତ୍ତି, ଗୁମ୍ଫା, ମାନସ୍ତମ୍ଭ, ଭିତିଚିତ୍ର, କାଷ୍ଟଚିତ୍ର ଆଦି ଜୈନମାନେ ନିର୍ମାଣ କରିଛନ୍ତି । ଏହିଭଳି ଭାବରେ ନବମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ଏବଂ ତାର ପରବର୍ତ୍ତୀ ଯୁଗରେ ଜୈନକଳା ମାଧମରେ ଜୈନଧର୍ମର ଯଥେଷ୍ଟ ପ୍ରଚାର ଏବଂ ପ୍ରସାର ସମ୍ଭବ ହୋଇଥିଲା ।

ନଗରର କୋଳାହଳଠାରୁ ବହୁ ଦୂରରେ, ପାହାଡ଼, ପର୍ବତ ଉପରେ ପ୍ରାକୃତିକ ସୁଷମାରେ ଭରପୁର ନିର୍ଜନ ସ୍ଥାନମାନଙ୍କରେ ପ୍ରତିଷ୍ଠିତ ଜୈନ ତୀର୍ଥକ୍ଷେତ୍ର ତଥା ଶିଳାଗାତ୍ରରେ ଖୋଦିତ ଶିଳାଲେଖ ମାନଭ୍‌କରୁ ପୂରାତତ୍ୱ ସମ୍ବନ୍ଧୀୟ ଯେଉଁସବୁ ତଥ୍ୟ ମିଳୁଅଛି, ସେଥିରୁ ତତ୍କାଳୀନ ସାମାଜିକ, ଧାର୍ମିକ ଏବଂ ରାଜନୈତିକ ଅବସ୍ଥାର ଚିତ୍ର ଦେଖିବାକୁ ମିଳେ ।

## ଅହିଂସାର ବ୍ୟାପକତା

ମହାବୀର ଏବଂ ବୁଦ୍ଧଙ୍କ ସମସାମୟିକ ଧର୍ମାଚାର୍ଯ୍ୟମାନେ ଖୁବ୍ ସହଜ ସରଳ ଭଙ୍ଗୀରେ ନିଜର ଦର୍ଶନକୁ ଜନସାଧାରଣଙ୍କ ନିକଟରେ ପହାଇବାକୁ ଚେଷ୍ଟା କରୁଥିଲେ । ଏହାକୁ ହିଁ ସେମାନେ ନିଜର ଧର୍ମ ମନେକରୁଥିଲେ । ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା ଯେ ସାଧାରଣ ମଣିଷ ନ୍ୟାୟ ତଥା ନୀତିର ପଥ ଅନୁସରଣ କରୁ ଏବଂ ସୁଖ, ଶାନ୍ତିରେ ଜୀବନ ଅତିବାହିତ କରୁ । ଏହି ଦୃଷ୍ଟିରୁ ଅହିଂସା ସମ୍ପର୍କୀୟ ଉପଦେଶ ହିତକାରୀ ଥିଲା । ଅହିଂସାର ଅର୍ଥ ଅନ୍ୟକୁ କଷ୍ଟ ଦିଅନାହିଁ, ନିଜର ସ୍ୱାର୍ଥ ପାଇଁ ଅନ୍ୟକୁ ଶୋଷଣ କରିବା ନୀତି ତ୍ୟାଗ କରି ଏବଂ ଅନ୍ୟଠାରୁ ତୁମେ ଯେଉଁଭଳି ବ୍ୟବହାର ଆଶା କରୁଛ ଅନ୍ୟପ୍ରତି ସେହି ଭଳି ବ୍ୟବହାର ପ୍ରଦର୍ଶନ କର । ଏହାହିଁ ପୃଥିବୀର ସୁଖ ତଥା ଶାନ୍ତି ପ୍ରତିଷ୍ଠା କରିବାରେ ସହାୟକ ହେବ । ଯେତିକି ଆବଶ୍ୟକ, ସେତିକି ଗ୍ରହଣ କର । ନିଜର ଇଚ୍ଛା ଉପରେ ଅଙ୍କୁଶ ରଖ, ଅନ୍ୟର ସୁଖ ଦେଖି ବିଚଳିତ ହୁଅନାହିଁ । ଏହାର ବିପରୀତ ଆଚରଣ ଦ୍ୱାରା ଅହିଂସା ପାଳନ ସମ୍ଭବ ନୁହେଁ । ସଯ୍ ଲାଳସାରୁ ହିଁ ପାସ୍ପରିକ ହିଂସା, ଈର୍ଷା, ଦ୍ୱେଷ ଏବଂ କଳହ ଜନ୍ମନିଏ । ଏହାର ଚରମ ପରିଣତି ହେଲା ପାରସ୍ପରିକ ସଂଘର୍ଷ - ବିଶ୍ୱଯୁଧ୍ । ଏହାକୁ ବନ୍ଦ କରିବା ନିମିତ୍ ଏପ ସ୍ଥିତପ୍ରଜ୍ଞ ଅବସ୍ଥାର ଆବଶ୍ୟକତା ରହିଛି । ମାତ୍ର ଦୁଃଖର ବିଷୟ ଆଜି ଆମେ ଏ ।କ୍ତି ହରାଇ ବସିଛୁ । ଯଦି ଆମେ ଉପରଠାଉରିଆଭାବେ ଅହିଂସା ପାଳନ କରିବାକୁ ଚେଷ୍ଟା କରିବୁ ତେବେ ସଫଳତା ମିଳିବ ନାହିଁ । ଏଥି ନିମିତ୍ ରାଗ ଏବଂ ଦ୍ୱେଷ ବୁଧି ତ୍ୟାଗକରି ଧୈର୍ଯ୍ୟର ସହିତ ଅନ୍ୟର ଦୃଷଟିକୋଣକୁ ବୁଝିବା ପାଇଁ ଚେଷ୍ଟା କରିବା ଉଚିତ୍ । ମାନସିକ ସହିଷ୍ଣୁତା ଦ୍ୱାରା ହିଁ ସମାଜ ସୁଖ ଏବଂ ଶାନ୍ତି ଦିଗରେ ଅଗ୍ରସର ହୋଇପାରିବ । ଭଗବାନ ମହାବୀରଙ୍କ ଭାଷାରେ, "ଶାନ୍ତି ଦ୍ୱାରା କ୍ରୋଧକୁ ଜୟକର । ସରଳତା ଦ୍ୱାରା କପଟତାକୁ ଜୟ କର ଏବଂ ସନ୍ତୋଷ ଦ୍ୱାରା ଲୋଭକୁ ଜୟକର ।" ଏତାଦୃଶ ବୃତି ହୋଇଯିବାପରେ ସବୁପ୍ରାଣୀଙ୍କ ପ୍ରତି ମୈତ୍ରୀ, ଗୁଣିଜନଙ୍କ ପ୍ରତି ପ୍ରମୋଦ ତଥା ବିପରୀତଜନଙ୍କ ପ୍ରତି ମଧସ୍ଥତାର ଭାବନା ସୃଷ୍ଟି ହୋଇପାରେ ।

## ଅହିଂସାର ବ୍ୟବହାରିକ ଦିଗ

ଏ ଯୁଗରେ ମହାତ୍ମାଗାନ୍ଧୀ ଅହିଂସାର ସର୍ବଶ୍ରେଷଠ ସମର୍ଥକ ଅଟନ୍ତି ଭାରତର ସ୍ୱାଧିନତା ଆନ୍ଦୋଳନକୁ ଜନତା ନିକଟରେ ପହାଇବା ନିମିତ୍ ସେ ଅହିଂସାକୁ ଯେପରି ଏକ ରାଜନୈତିକ ଅସ୍ତ୍ରରୂପେ ବ୍ୟବହାର କରିଛନ୍ତି ତାହା ବିଶ୍ୱ ଇତିହାସରେ ଅନନ୍ୟ । ଗାନ୍ଧୀଜୀଙ୍କ ପାଇଁ ସତ୍ୟ ହିଁ

ଈଶ୍ୱର ଏବଂ ତାଙ୍କ ମତରେ ଅହିଂସା ବିନା ସତ୍ୟର ସାକ୍ଷାତ୍କାର ଅସମ୍ଭବ । ଶକାହାରୀ ଭୋଜନ, ଉପବାସ, ଆତ୍ମଶୁଧି, କଷ୍ଟ-ସହିଷ୍ଣୁତା ଏବଂ କ୍ଷମା ଅହିଂା ପାଇଁ ଅନିବାର୍ଯ୍ୟ ବୋଲି ସେ କହୁଥିଲେ । ତାଙ୍କ ମତରେ ତରବାରୀ ଧରି ଶତ୍ରୁର ସମ୍ମୁଖୀନ ହେବା ଅପେକ୍ଷା ଅହିଂସକଭାବେ ତାର ସମ୍ମୁଖୀନ ହେବା ନିମିତ୍ ଅଧିକ ବୀରତ୍ୱ ଦରକାର ପଡ଼େ । ଅହିଂସା ଅର୍ଥ ପ୍ରତିଶୋଧପରାୟଣ ମନୋଭାବ ଉପରେ ଅଙ୍କୁଶ ଲଗାଇବା । ଏହା କିଛି ସହଜ କାର୍ଯ୍ୟ ନୁହେଁ । ମହାତ୍ମାଗାନ୍ଧୀ ଜୈନଧର୍ମର ଅହିଂସା ତତ୍ୱଦ୍ୱାରା ପ୍ରଭାବିତ ହୋଇଥିଲେ । ସୌରାଷ୍ଟ୍ରବାସୀ ସନ୍ଥ ରାଜଚନ୍ଦ୍ର ଭାଈ (ଶ୍ରୀମଦ୍ ରାଜଚନ୍ଦ୍ର)ଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ସ୍ଥାପନ ହୋଇଥିଲା । ରାଜଚନ୍ଦ୍ର ଭାଇ ଗାନ୍ଧୀଜୀଙ୍କର ଦକ୍ଷିଣ ଆଫ୍ରିକା ରହଣି ସମୟରେ ତାଙ୍କର ସନ୍ଦେହ ମୋଚନକରି ତାଙ୍କୁ ହିନ୍ଦୁ ଧର୍ମରେ ସ୍ଥିରି କରିଥିଲେ । ଏହି ପରିପ୍ରେକ୍ଷୀରେ ଭାରତ ବାହାରେ ଅହିଂସା ଆନ୍ଦୋଳନର ଅଗ୍ରଗାମୀ ପ୍ରବକ୍ତା ନୋବେଲ ପୁରସ୍କାର ବିଜେତା ଆଲବର୍ଟ ସ୍ୱାଇତ୍ସର (୧୮୭୫-୧୯୬୫)ଙ୍କର ନାମ ଉଲ୍ଲେଖ କରିବା ଅପ୍ରାସଙ୍ଗିକ ହେବନାହିଁ । "ନିଜେ ବ ଓ ଅନ୍ୟକୁ ବିବାକୁ ଦିଅ' - ଏହି ସିଧାନ୍ତକୁ କାର୍ଯ୍ୟାନ୍ୱିତ କରିବା ନିମିତ୍ ସେ ନିଜର ସର୍ବସ୍ୱ ବାଜି ଲଗାଇ ଦେଇଥିଲେ । ସେ କହୁଥିଲେ, ଆମର ପରସ୍ପରର ସାହାଯ୍ୟ ପରସ୍ପର ପାଇଁ ଅପରହାର୍ଯ୍ୟ । ଏଣୁ ପାରସ୍ପରିକ ଶ୍ରଧା, ନିଷ୍ଠା ଏବଂ ପ୍ରଣତି ଭାବନା ବ୍ୟତିରେକ ଜୀବନ ଅସଂପୂର୍ଣ୍ଣ ରହିଯିବ ।

## ମହାବୀରଙ୍କ ଧର୍ମ ସମସ୍ତଙ୍କ ପାଇଁ

ଭଗବାନ ମହାବୀରଙ୍କର ଉପଦେଶ କୌଣସି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟ ବିଶେଷ ପାଇଁ ଉଦ୍ଦିଷ୍ଟ ନୁହେଁ । ତାଙ୍କ ଧର୍ମକୁ "ନିର୍ଗ୍ରନ୍ଥ ଧର୍ମ" କୁହାଯାଏ । ଅର୍ଥାତ୍ ଏହା ଏପରି ଧର୍ମ ଯାହାର ଆଚରଣ କଲେ ମନରେ ଆଉ କୌରସି ପ୍ରକାରର 'ଗ୍ରନ୍ଥି' ବା 'ଗଣ୍ଠି' ରହେ ନାହିଁ । 'ଜୈନ'ର ମଧ ସେଇ ଏକା ଅର୍ଥ 'ଜିନ୍'ଙ୍କର ପଥ ଯେ ଅନୁସରଣ କରେ ସେ ଜୈନ । 'ଜିନ' ସେହି ଯେ ନିଜର ରାଗ ଦ୍ୱେଷାଦି ବୃତି୍ ଉପରେ ବିଜୟ ଲାଭ କରିଛି । ଅନ୍ୟ ଭାଷାରେ, ଯେ ଅନ୍ୟକୁ କଷ୍ଟ ଦେଉଥିବା ନିଜର ବୃତି୍ ଗୁଡ଼ିକୁ ତ୍ୟାଗ କରେ, ନିଜର ଆବଶ୍ୟକତାଗୁଡ଼ିକୁ ଯଥାସମ୍ଭବ କମାଇଦିଏ ଏବଂ ଅନ୍ୟର ଦୃଷ୍ଟିକୋଣକୁ ବୁଝିବାଲାଗି ସର୍ବଦା ଚେଷ୍ଟା କରେ, ସେ ବହାବୀରଙ୍କ ଧର୍ମାବଲମ୍ବୀ ବୋଲାଇବାକୁ ହକଦାର ଅଟେ । ଏଥି ନିମିତ୍ ଜାତି, ସମ୍ପ୍ରଦାୟ ଅଥବା ଲିଙଗଭେଦ ପ୍ରତିବନ୍ଧକ ହୁଏ ନାହିଁ । ମହାବୀରଙ୍କ ସମୟରେ ବ୍ରାହ୍ମଣ ଓ କ୍ଷତ୍ରିୟଙ୍କ ବ୍ୟତୀନ ଅନେକ ଗୃହପତି (ଚାଷ କରୁଥିବା ବୈଶ୍ୟ) କୁମ୍ଭାର, କମାର, ତନ୍ତ୍ରୀ ଇତ୍ୟାଦି ବୈଶ୍ୟ ସମ୍ପ୍ରଦାୟର ଲୋକେ ମଧ ଜୈନଧର୍ମ ଗ୍ରହଣ କଲେ । ବହୁ ମେଛ, ଚୋର ଡ଼କାୟତ, ଦୀବର, ଚାଣ୍ଡାଳପୁତ୍ର ଏବଂ ବେଶ୍ୟାଙ୍କୁ ସେ ନିଜ ଧର୍ମରେ ଦୀକ୍ଷିତ କରିଥିଲେ । ଦକ୍ଷିଣ ଭାରତର ଚତୁର୍ଥ ଅଥବା ସତ୍ଶୁଦ୍ର ତଥା ୫ମ ରୂପେ ପରିଚିତ ଜୈନମାନଙ୍କର ଜାତି ପ୍ରମାଣ କରେ ଯେ ଭଗବାନ ମହାବୀରଙ୍କ ଧର୍ମର ଦ୍ୱାରା ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା । ଏହାର ତାପଓର୍ଯ୍ୟ ହେଲା କେବଳ ଜୈନ କୂଳରେ ଜନ୍ମଗ୍ରହଣ କଲେ

## ତ୍ରୟିତ୍ରିଂଶତମ ଚାତୁର୍ମାସ୍ୟ ରାଜଗୃହରେ

ଭଗବାନ ପୁଣି ମଗଧ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ ଓ ରାଜଗୃହରେ ପହିଲେ ।ସେଠାରୁ ସେ ଚମ୍ପା ଅଭିମୁଖେ ଚାଲିଲେ ।ପୁଣି ରାଜଗୃହ ଫେରିଲେ ।କେବଳ ଜ୍ଞାନ ଉତ୍ପନ୍ନ ନହେଉଥିବାରୁ ଗୌତମଙ୍କ ମନରେ ଯେଉଁ ଆଶଙ୍କା ଉତ୍ପନ୍ନ ହୋଇଥିଲା, ତାର ନିରାକରଣ କଲେ । କାଲୋଦାୟୀଙ୍କୁ ଶ୍ରମଣ ଦୀକ୍ଷା ଦେଲେ ।ରାଜଗୃହରେ ଭଗବାନ ପୁଣି ଚାତୁର୍ମାସ୍ୟ କଟାଇଲେ । ତାହା ଥିଲା ତାଙ୍କର ୩୩ତମ କୈବଲ୍ୟ ପ୍ରାପ୍ତି ପରେ ୨୧ ତମ ଚାତୁର୍ମାସ୍ୟ ।

## ଚତୁତ୍ରିଂଶତମ ଚାତୁର୍ମାସ୍ୟ ନାଳନ୍ଦାରେ

ରାଜଗୃହରେ ଉତ୍ତର ପୂର୍ବରେ ଅବସ୍ଥିତ ନାଳନ୍ଦା ରାଜଗୃହର ଏକ ଉପନଗର ରୂପେ ପରିଚିତ ଥିଲା ।ଭଗବାନ ନାଳନନ୍ଦା ଅଭିମୁଖେ ବିହାର କଲେ ।ସେଠାରେ ପାର୍ଶ୍ୱଙ୍କର ଅନୁଚର ଉଦକ ପେଢ଼ାଳପୁତ୍ର ମହାବୀରଙ୍କର ୫ମବ୍ରତ ଗ୍ରହଣ କଲେ ।ତାହା ଥିଲା ଭଗବାନଙ୍କର ୩୪ତମ କୈବଲ୍ୟ ଅବସ୍ଥାରେ ୨୨ତମ ବର୍ଷାକାଳ ।

## ୩୫ତମ ଚାତୁର୍ମାସ୍ୟ

ଭଗବାନଙ୍କର ୩୫ତମ (କୈବଲ୍ୟପ୍ରାପ୍ତି ପରେ ୨୩ ତମ) ବର୍ଷାକାଳ ବୈଶାଳୀରେ, ୩୬ତମ (୨୪ତମ) ମିଥିଳାରେ, ୩୭ତମ (୨୫ତମ) ରାଜଗୃହରେ, ୩୮ (୨୬ତମ) ନାଳନ୍ଦାରେ, ୩୯ତମ (୨୭ତମ) ପୁଣି ମିଥିଳାରେ, ୪୦ ତମ (୨୮ତମ) ପୁନଶ୍ଚ ମିଥିଳାରେ ଏବଂ ୪୧ତମ (୨୯ତମ) ରାଜଗୃହରେ ଅତିବାହିତ ହେଲା ।

ଏହି ଭାବରେ ଭଗବାନ ମହାବୀର କେବଳୀ ଅବସ୍ଥାରେ ୩୦ବର୍ଷ କାଳ ଏକସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ବିହାର କରିବାରେ ଲାଗିଲେ, କେବଳ ଚାତୁର୍ମାସ୍ୟରେହିଁ ସେ ଗୋଟିଏ ସ୍ଥାନରେ ଅବସ୍ଥାନ କରନ୍ତି ।ଏହି ଦୀର୍ଘ ସମୟ ଭିତରେ ନିଜର ଦିବ୍ୟବାଣୀ ଦ୍ୱାରା ସେ ଅସଂଖ୍ୟ ନରନାରୀଙ୍କର କଲ୍ୟାଣସାଧନ କଲେ, ନିର୍ଗ୍ରନ୍ଥ ଧର୍ମ ସିଧାନ୍ତଗୁଡ଼ିକର ବ୍ୟାଖ୍ୟା ଅନୁଶାସନକୁ ସଦୃଢ଼ କଲେ, ନିର୍ଗ୍ରନ୍ଥ ଧର୍ମର ପ୍ରଚାର ତଥା ପ୍ରସାର ପାଇଁ ସୁଶିଷ୍ୟବର୍ଗଙ୍କୁ ଅନୁପ୍ରାଣିତ କଲେ ରାଜା-ମହାରାଜ, ରାଣୀ-ମହାରାଣୀଙ୍କ ଠାରୁ ଆରମ୍ଭ କରି ସାଧାରଣ ସ୍ତ୍ରୀ ପୁରୁଷଙ୍କ ପର୍ଯ୍ୟନ୍ତ ବିନା ବାଛବିଚାରରେ ସେବୁ ଶ୍ରେଣୀର ମୋକ୍ଷର୍ଥୀ ବ୍ୟକ୍ତିଙ୍କୁ ଶ୍ରମଣ ଧର୍ମରେ ଦୀକ୍ଷିତ କଲେ, ଅନେକଙ୍କୁ ଶ୍ରାବକ ତଥା ଶ୍ରାବିକା ବ୍ରତ ଦେଇ ନିର୍ଗ୍ରନ୍ଥ ଧର୍ମ ଅନୁସରଣରେ ବ୍ରତୀ କରାଇଲେ ।

ବର୍ଷା ଋତୁ ସମାପ୍ତ ହୁଅନ୍ତେ ତୀର୍ଥଙ୍କର ଭଗବାନଙ୍କର କିଛି କାଳ ରାଜଗୃହରେ ବିତିଲା । ତାପରେ ରାଜଗୃହରୁ ବିହାର କରି କରି ମଜ୍‌ଝିମପାୱାରେ ପହ□ଲେ ଏବଂ ଚାତୁର୍ମାସ୍ୟ କଟାଇବା ପାଇଁ ହସ୍ତିପାଳ ରାଜାଙ୍କର କାନୁନ୍‌ଗୋଙ୍କ କାର୍ଯ୍ୟାଳୟରେ ଅବସ୍ଥାନ କଲେ ।ତାଙ୍କୁ ୭୨ ବର୍ଷ

ପୁରିବାକୁ ଯାଇଥିଲା । ୩୦ ବର୍ଷ ସେ ଗୃହବାସ କଲେ, ୧୨ ବର୍ଷ ତପ କଲେ ଏବଂ ୩୦ ବର୍ଷ କେବଳୀ ଅବସ୍ଥାରେ ରହିଲେ । ତାହା ଥିଲା ତାଙ୍କର ଅନ୍ତିମ ୪୨ତମ ଚାତୁର୍ମାସ୍ୟ । ବର୍ଷା ଋତୁର ତିନିମାସ ବିତିଯାଇଥିଲା । ଚତୁର୍ଥ ମାସ ପ୍ରାୟ ଅଧାଅଧି ହୋଇଆସିଥାଏ । ମହାବୀରଙ୍କର ଥାଏ ନିର୍ଜଳ ଉପବାସ । ଉପଦେଶର ଅନ୍ତିମ ଧାରା ପ୍ରବାହିତ ହେଉଥାଏ । ପୁଣ୍ୟ ଏବଂ ପାପ ସମ୍ପର୍କୀୟ ସାରଗର୍ଭିତ ଉପଦେଶ ତାଙ୍କର ଦିବ୍ୟ ମୁଖରୁ ନିଃସୃତ ହେଉଥାଏ । କାର୍ତ୍ତିକ ମାସ, କୃଷ୍ଣପକ୍ଷ ଅମାାବାସ୍ୟାର ତମସାବୃତ୍ ରାତ୍ରି ଉପନୀତ ହେଲା । ଅନ୍ତିମ ଦର୍ଶନ ପାଇଁ ଶିଷ୍ୟ ସମୁଦାୟ ଉପସ୍ଥିତ ଥିଲେ । ଧୀରେ ଧୀରେ ମନ, ବଚନ ଏବଂ ଶରୀରରେ ସ୍ଥିରତା ଆସିବା ଆରମ୍ଭ କଲା । ସ୍ୱର ସ୍ତବ୍ଧ ହେଲା ସ୍ପନ୍ଦନ ବନ୍ଦ ହୋଇଗଲା ଏବଂ ଅଙ୍ଗପ୍ରତ୍ୟଙ୍ଗ ନିଶ୍ଚିଳ ହୋଇଗଲା । ଚେତନା କେଉଁ ଅଜ୍ଞାତ ରାଜ୍ୟରେ ବିଲୀନ ହେଲା । ଇଏ ଥିଲା ନିର୍ବାଣ ଅବସ୍ଥା । ସମସ୍ତ କର୍ମନାଶ ହେଲା, ମହାମୁନୀ ପରମପଦ ପ୍ରାପ୍ତ ହେଲେ । ଅନନ୍ତ ଦର୍ଶନ, ଅନନ୍ତ, ବୀର୍ଯ୍ୟ ତତା ଅଫୁରନ୍ତ ଆନନ୍ଦର ରାଜ୍ୟରେ ଭଗବାନ ମହାବୀର ବିଲୀନ ହୋଇଗଲେ ।

କାଶୀ କୋଶଳର ଅଠର ଗଣରାଜା ତଥା ନଅ ମଲ୍ଲ ଏବଂ ନଅ ଲୀଚ୍ଛାବୀ ଗଣରାଜାଙ୍କ ନିକଟରେ ଯେତେବେଳେ ଏ ସମ୍ବାଦ ପହିଲା ଖୁବ୍ ଧୁମ୍‌ଧାମ୍‌ରେ ନିର୍ବାଣ ମହୋତ୍ସବ ପାଳିତ ହେଲା । ସର୍ବତ୍ର ଦୀପ ଜଳିଉଠିଲା । ଦୀପର ଆବଳୀରେ ଅମାବାସ୍ୟାରେ ଅନ୍ଧ ତମସା ରାତ୍ରି ଜ୍ୟୋତିର୍ମୟ ହେଲା । ଏବେବି ଏହି ପବିତ୍ର ଦିବସକୁ ସ୍ମରଣ କରି ଦିପାବଳୀ ମହୋତ୍ସବ ପାଳିତ ହେଉଛି ।

ମହାବୀରଙ୍କ ନିର୍ବାଣର ଚର୍ଚ୍ଚା ସର୍ବତ୍ର ବ୍ୟାପିଗଲା । ଭୁବନ ପ୍ରଦୀପ ଚିରଦିନ ପାଇଁ ନିର୍ବାପିତ ହେଲା । କେହି ଜଣେ କହିଲେ "ବିଶ୍ୱର ଏକ ଦିବ୍ୟ ବିଭୂତି ଅନ୍ତର୍ହିତ ହେଲେ, ବିଶ୍ୱ ଶୋଭାବିହୀଣନ ହେଲା, ମାତ୍ର ଭଗବାନ ମହାବୀରଙ୍କର ଉପଦେଶ ବାଣୀ ଆମେ ଘରେ ଘରେ ପହାଇବୁ ।

ଖ୍ରୀଷ୍ଟପୂର୍ବ ୫୨୭ର ଏ ଘଟଣା । ଭଗବାନ ମହାବୀରଙ୍କର ନିର୍ବାଣପ୍ରାପ୍ତିର ଅଢ଼େ଼ ହଜାର ବର୍ଷ ହୋଇଗଲା । ଏଇ ଉପଲକ୍ଷେ ସାରା ଭାରତରେ ଭଗବାନଙ୍କର ୨୫୦୦ ନିର୍ବାଣ ମହୋତ୍ସବ ଖୁବ୍ ଜାକଜମକରେ ପାଳିତ ହୋଇଛି ।

ମହାବୀଙ୍କର ମୌଳିକ ସିଧ୍ୱାନ୍ତକୁ ନେଇ ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ ମତଭେଦ ଦୃଷ୍ଟି ପଥାରୁଢ଼ ହୁଏ ନାହିଁ ।

୧୪୬୭ରେ ଶ୍ୱେତାମ୍ବର ସଂପ୍ରଦାୟ ମଧ୍ୟରେ ସ୍ଥାନକବାସୀ ସମ୍ପ୍ରଦାୟର ଉତ୍ପତି ହେଲା । ଏହାର ପ୍ରବର୍ତ୍ତକ ଲୌଙ୍କାଶାହ ଅହମଦାବଦର ଅଧିବାସୀ ଏ ସଂପ୍ରଦାୟ ଢୁଣ୍ଡିଆ (ଅନ୍ୱେଷଣକାରୀ) ନାମରେ ମଧ ପରିଚିତ ଥିଲା । ଏମାନେ ମୂର୍ତ୍ତିପୂଜାକୁ ସ୍ୱୀକାର କରୁନଥିଲେ । ଏମାନଙ୍କର ଧର୍ମପୀଠକୁ ସ୍ଥାନକ କୁହାଯାଉଥିଲା । ଏଠାରେ କୌଣସି ମୂର୍ତ୍ତି ରହୁନଥିଲା । ଯେଉଁ ଆଗମାନଙ୍କରେ ମୂର୍ତ୍ତିପୂଜାର ଉଲ୍ଲେକ ରହିଛି ସେ ସବୁକୁ ସୋନେ ସ୍ୱୀକାର କରନ୍ତି ନାହିଁ । ନିଜ ପନ୍ଥାର ସାଧୁମାନଙ୍କ ପ୍ରତି ସେମାନେ ଅତ୍ୟନ୍ତ ଶଧାଶ୍ରୀଳ । ଫଂନ ପାଠନ ବ୍ୟତୀତ ଅନକେ ସ୍ଥାନକବାସୀ ସମାଜସେବା କାର୍ଯ୍ୟରେ ଭାଗ ନେଉଥିବାର ଦେଖାଯାଏ । ସ୍ଥାନକବାସୀ ସମାଜସେବା କାର୍ଯ୍ୟରେ ଭାଗ ନେଉଥିବାର ଦେଖାଯାଏ । ସ୍ଥାନକବାସୀ ସଂପ୍ରଦାୟର ବହୁ ଭକ୍ତ ଉତ୍ର ଭାରତରେ ସ୍ଥାନେ ସ୍ଥାନେ ରହିଛନ୍ତି ।

ଆଜିଠାରୁ ଦୁଇଶହ ବର୍ଷ ପୂର୍ବେ ଆଚାର୍ଯ୍ୟ ଭିକ୍ଷୁ ଅଥବା ଭୀଖଣଜୀ ତେରାପନ୍ଥ ସ୍ଥାପନ କରିଥିଲେ । ତେରାପନ୍ଥର ସାଧୁ ଓ ସାଧ୍ୱୀମାନଙ୍କର ନିଜର କୌଣସି ଧର୍ମପୀଠ ନାହିଁ । ସେମାନେ ଯେଉଁଠାକୁ ଯାଆନ୍ତି ସେଠାରେ ସ୍ଥାନ ମାଗି ରହିଯାନ୍ତି । ଆଚାର୍ଯ୍ୟ ତୁଳସୀ ଏହି ପନ୍ଥାର ନବମ ଆଚାର୍ଯ୍ୟ ଅଟନ୍ତି । ସେ ଶହ ଶହ ସାଧୁ, ସାଧ୍ୱୀ ତଥା ଲକ୍ଷାଧିକ ଆନ୍ଦୋଳନର ସେ ପ୍ରବର୍ତ୍ତକ ଅଟନ୍ତି । ଶ୍ରୀଜୈନ ଶ୍ୱେତାମ୍ବର ତେରାପନ୍ଥୀ ମହାସଭା ଆନୁକୂଲ୍ୟରେ ଜୈନ ଆଗମମାନଙ୍କର ପ୍ରକାଶନ ରୂପୀ ଗୁରୁପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନ କରାଯାଉଛି ।

କେହି ଜୈନ ହୋଯାଏନାହିଁ । ଭଗବାନ ମହାବୀରଙ୍କ ପ୍ରତିପାଦିତ 'ନିର୍ଗ୍ରନ୍ଥ ଧର୍ମ'କୁ ଯେ ପାଳନ କଲେ - ଅହିଂସା ଏବଂ ଅନେକାନ୍ତ ରହସ୍ୟକୁ ହୃଦୟଙ୍ଗମ କରି ଯେ ତଦ୍ରୂପ ଆଚରଣ କରେ ସେ ହିଁ ପ୍ରକୃତ ଜୈନ ।

ଜୈନଧର୍ମର ଅହିଂସା ବିଭିନ୍ନ ରୂପରେ - କେତେବେଳେ ଆଚାର ବିଚାର ସ୍ତରରେ, ଆଉ କେତେବେଳେ ବା ଚିନ୍ତନ ସ୍ତରରେ ଭାରତବାସୀଙ୍କୁ ପ୍ରଭାବିତ କରିଛି । ପ୍ରତ୍ୟେକ ପ୍ରାଣୀ ପ୍ରତି ଅହିଂସକ ବୃତି, ସମସ୍ତ ପ୍ରାଣୀଙ୍କ ପ୍ରତି ସମନ୍ୱୟ ବୁଧି - ଏହାହିଁ ଜୈନଧର୍ମର ବୈଶିଷ୍ଟ୍ୟ । ଏହି ଉଦାରତା ଯୋଗୁଁ ହିଁ ଜୈନଧର୍ମ ଏବେ ବି ଭାରତ ବର୍ଷରେ ସୁରକ୍ଷିତ ଓ ସୁଦୃଢ଼ ହୋଇ ରହିଛି ।

ଆଜି ଆମେ ଏପରି ଏକ ସମାଜର ଅନ୍ୱେଷଣ କରୁଛୁ ଯେଉଁଠୁ ଶୋଷଣ ନଥିବ, ଉଚ୍ଚନୀଚ ଭେଦଭାବ ନଥିବ, ନିଜର ବିକାଶପାଇଁ ପ୍ରତ୍ୟେକକୁ ଯଥେଷ୍ଟ ସୁଯୋଗ ମିଳିବ । କେବଳ ଏହି ପରି ଏକ ସମାଜ ପ୍ରତିଷ୍ଠା ହୋଇପାରିଲେ ଯାଇ ଆମେ ପୃଥିବୀର ସମସ୍ତଙ୍କ ସହିତ ମିଳିମିଶି ରହିପାରିବା । ପ୍ରତ୍ୟେକ ପ୍ରତ୍ୟେକକୁ ଶ୍ରଧା କରିପାରିବା । ଭଗବାନ ମହାବୀରଙ୍କ ପ୍ରଦର୍ଶିତ ନିର୍ଗ୍ରନ୍ଥ ଧର୍ମ ଏହିଭଳି ସମାଜ ପ୍ରତିଷ୍ଠା ପାଇଁ ଆମକୁ ଅନୁପ୍ରାଣିତ କରେ ।